

‘କାନ୍ତାରା ଚାପ୍ଟର ୧’
ସଫଳତାର ରାଜ୍ ଖୋଲିଲେ ଋଷବ

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-108 ♦TUESDAY ♦14 OCTOBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୦୮ ♦ମଙ୍ଗଳବାର ♦୧୪ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


ରାଜଧାନୀ **ଅଶାନ୍ତ**

# ଦିନକରେ ଗଡ଼ିଲା ୨ ମୁଣ୍ଡ

## ଜମିବାଡ଼ି ବିବାଦରୁ ଭାଇକୁ ଗୁଳି କରି ହତ୍ୟା

- ଏମ୍ସ ଲ୍ୟାବ୍ ଆସିଷ୍ଟାଣ୍ଟ ମୃତ
- ହତ୍ୟାକାଣ୍ଡ ପରେ ହଣାକଟା
- ଗୋଟିଏ ପରିବାରର ୩ ଅଟକ
- ସରକନ୍ତରାରେ ଉତ୍ତେଜନା



■ ଭୁବନେଶ୍ୱର, ୧୩।୧୦(ସମିସ): ପୁଣି ଅଶାନ୍ତ ରାଜଧାନୀ ଉପକଣ୍ଠ। ଜମିବାଡ଼ି ବିବାଦରୁ ଜଣେ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଆଉ କେହି ନୁହେଁ; ଖୋଦ୍ ଦାଦା ପୁଅ ଭାଇ ଏଭଳି ନାରକୀୟ ଘଟଣା ଘଟାଇଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରାରେ ଏଭଳି ଘଟଣା ଘଟିଛି। ମୃତକ ହେଲେ, ସରକନ୍ତରା ଗାଁର ପଠାଣି ଖୁଣ୍ଟିଆଙ୍କ ବଡ଼ପୁଅ ସୁଧାଂଶୁ ଖୁଣ୍ଟିଆ ଓରଫ୍ ରବି (୨୫)। ସେ ଠିକା ସଂସ୍ଥା ଅଧୀନରେ ଭୁବନେଶ୍ୱର ଏମ୍ସରେ ଲ୍ୟାବ୍ ଆସିଷ୍ଟାଣ୍ଟ ଭାବେ କାମ କରୁଥିଲେ। ସ୍ପଷ୍ଟ ଦିବାଲୋକରେ ଏଭଳି ହତ୍ୟାକାଣ୍ଡ ଘଟିଥିବା ବେଳେ ପୁଲିସ ମୁଖ୍ୟ ଅଭିଯୁକ୍ତ ତଥା ରବିଙ୍କ ଦାଦାପୁଅ ଭାଇ ଶିବାକୁ ଏଯାଏ ଧରି ପାରିନାହିଁ। ପୁଲିସ ଶିବାର ବାପା ସୁକାନ୍ତ, ମାଆ ଦ୍ରୌପଦୀ ଓ ସାନ ଭାଇ ଛବିକୁ ଅଟକ ରଖିଛି।

ସୂଚନାନୁସାରେ, ପଠାଣିଙ୍କ ସାନଭାଇ ସୁକାନ୍ତ ଗାଁରେ ବିବାହ କରିଥିବା ବେଳେ ଶଶୁର ଘରେ ରୁହନ୍ତି। ଡିହ ଜମିକୁ ପଠାଣିଙ୍କ ମାଆ ରବି ନାମରେ ପଞ୍ଜୀକରଣ କରିଦେଇଥିବାରୁ ତାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ସୁକାନ୍ତ ଉକ୍ତ ଜମିରୁ ଭାଗ ଦାବି କରି ଅଦାଲତର ଦ୍ୱାରସ୍ଥ ହୋଇଥିବା ବେଳେ ମାମଲା ଏବେ ବି ବିଚାରଧୀନ ରହିଛି। ହେଲେ ଡିହ ଜମି ମାଲିକାନାକୁ ନେଇ ପଠାଣି ଓ ସୁକାନ୍ତଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଅନେକ ସମୟରେ ଉଭୟ ପକ୍ଷଙ୍କ ମଧ୍ୟରେ ଉଚ୍ଚବାଚ ହେବା ସହ କଥା ହାତାହାତି ପର୍ଯ୍ୟନ୍ତ ଯାଉଥିଲା। ଗାଁ ଲୋକଙ୍କ ହସ୍ତକ୍ଷେପ ସତ୍ତ୍ୱେ ଏହି ବିବାଦ ଥମି ନଥିଲା।

ସବୁଦିନ ଭଳି ସୋମବାର ସକାଳୁ ରବି ବାଇକ୍ ଯୋଗେ ଘରୁ କାର୍ଯ୍ୟସ୍ଥଳ ଏମ୍ସକୁ ବାହାରି ଯାଇଥିଲେ। ସକାଳ ପ୍ରାୟ ୯ଟାରେ ସେ ସରକନ୍ତରା ମଙ୍ଗଳା ମନ୍ଦିର ଅତିକ୍ରମ କରୁଥିବା ବେଳେ ଶିବା ତାକୁ ରାସ୍ତାରେ ଅଟକାଇଥିଲା। ରବି କିଛି ବୁଝିବା ଆଗରୁ ଶିବା ତା’ ଉପରକୁ ଗୁଳି ଚଳାଇଥିଲା। ପ୍ରଥମ ଦୁଇଟି ଗୁଳି ରବିଙ୍କ ହାତରେ ବାଜିଥିଲା। ସେ ଭୟରେ ଗାଡ଼ି ଫୋପାଡ଼ି ଦେଇ ନିକଟସ୍ଥ ଏକ ବାଡ଼ି ଭିତରକୁ ପଶି ଯାଇଥିବା ବେଳେ ଶିବା ମଧ୍ୟ ତାଙ୍କୁ ପିଛା କରିଥିଲା। ଶରୀରରେ ଗୁଳି ବାଜିଥିବାରୁ ବେଶୀ ଭିତରକୁ ଯାଇ ନପାରି ପଡ଼ି ଯାଇଥିଲେ। ଶିବା ତାଙ୍କ ପାଖକୁ ଯାଇ ପଏଣ୍ଟ ବ୍ଲାଙ୍କରୁ ଛାତିକୁ ଗୁଳି କରିଥିଲା। ଛାତିରେ ଗୁଳି ବାଜିବା ପରେ ଟଳି ପଡ଼ିଥିଲେ ରବି। ସ୍ଥାନୀୟ ଲୋକେ ତାଙ୍କୁ ଏମ୍ସରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲା। ହତ୍ୟାକାଣ୍ଡ ପରେ ରବିଙ୍କ ସମ୍ପର୍କୀୟ ଦାଦା ଜ୍ଞାନରଞ୍ଜନ ଖୁଣ୍ଟିଆଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ସୁକାନ୍ତ, ଦ୍ରୌପଦୀ ଓ ଛବି ମିଶି ଏହି କାଣ୍ଡ ଭିଆଇଛନ୍ତି। ଶିବା ହିଁ ଗୁଳି କରି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲେ ମଧ୍ୟ ପୁଲିସ ତାକୁ ଧରିବାରେ ସଫଳ ହୋଇ ପାରିନାହିଁ। ଘଟଣାସ୍ଥଳରେ ସିସିଟିଭି ନଥିବାରୁ ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପୁଲିସ ପାଇଁ କାଠିକର ପାଠ ହୋଇଛି।

## ପଥରରେ ଛେଚି ଯୁବକଙ୍କୁ ହତ୍ୟା

■ ଭୁବନେଶ୍ୱର, ୧୩।୧୦(ସମିସ): ଚନ୍ଦ୍ରଶେଖରପୁର ଥାନା ଅଧୀନ ଚୁନୁକୋଳି ବସ୍ତିରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। କେହି ଦୁର୍ବୃତ୍ତ ପଥର ଛେଚି ଜଣେ ଯୁବକଙ୍କୁ ହତ୍ୟା କରିଛି। ମୃତ ଯୁବକର ପରିଚୟ ଯେମିତି ଜଣା ନପଡ଼ିବ, ସେଥିପାଇଁ ମୁହଁ ଏବଂ ମୁଣ୍ଡକୁ ବାରମ୍ବାର ଛେଚିଥିବା ଜଣାଯାଇଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତ ବ୍ୟକ୍ତିଜଣଙ୍କ କୌଣସି ଟ୍ରକ୍‌ର ଚାଳକ କିମ୍ବା ହେଲପର୍ ଭାବେ କାମ କରୁଥିବା ସନ୍ଦେହ କରାଯାଉଛି। ଅପରପକ୍ଷେ, ଅନ୍ୟତ୍ର ହତ୍ୟା କରିବା ପରେ ଶବକୁ ଟ୍ରକ୍‌ରେ ଆଣି ଏଠାରେ ଫିଙ୍ଗି ଦିଆଯାଇଥିବା ପୁଲିସ ସନ୍ଦେହ କରୁଛି। ତେଣୁ ପୁଲିସ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଜବତ କରି ଉକ୍ତ ଟ୍ରକ୍‌କୁ ଅଣ୍ଡାଳୁଛି। ▶ପୃଷ୍ଠା-୭



**ମୃତକଙ୍କ ପରିଚୟ ପାଇଁ ପୁଲିସ ନାକେଦମ**

**ଟ୍ରକ୍ ଡ୍ରାଇଭର ହୋଇଥିବା ସନ୍ଦେହ କରୁଛି ପୁଲିସ**

### କ୍ଷୋଭ ପ୍ରକାଶ କଲେ ନବୀନ

## ଖୋଲାଖୋଲି ଆତଙ୍କରାଜ; ଲୋକଙ୍କୁ ସୁରକ୍ଷା ଦେବ କିଏ ?

■ ଭୁବନେଶ୍ୱର,୧୩।୧୦(ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପୁଣି କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରାଜ୍ୟ ରାଜଧାନୀ ଅଶାନ୍ତ ଥିବାବେଳେ ଆତଙ୍କରାଜ ଖୋଲାଖୋଲି ବୃଦ୍ଧି ପାଇଛି।ଏପରିସ୍ଥଳେ ସାଧାରଣ ଲୋକଙ୍କୁ କିଏ ସୁରକ୍ଷା ଦେବ ବୋଲି ନବୀନ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି।

ନବୀନ କହିଛନ୍ତି ଯେ ଗୋଟିଏ ଦିନରେ ଭୁବନେଶ୍ୱରରେ ଜଣେ ଏମ୍ସ କର୍ମଚାରୀଙ୍କୁ ଗୁଳି କରି ନିର୍ମମ ହତ୍ୟା, ଯୁବତୀଙ୍କୁ ବଳାତ୍କାର ଉଦ୍ୟମ, ଚନ୍ଦ୍ରଶେଖରପୁରରେ ବିଭତ୍ସ ହତ୍ୟାକାଣ୍ଡ ସହ ରେଳ ଷ୍ଟେସନରେ ଜନୈକ ରାଷ୍ଟ୍ରପତି ସମ୍ମାନପ୍ରାପ୍ତ ଶିକ୍ଷକଙ୍କୁ ଗୋଡ଼ାଇ ଗୋଡ଼ାଇ ମରଣାନ୍ତକ ଆକ୍ରମଣ ଘଟଣା ସାଧାରଣ ଲୋକଙ୍କୁ ଆତଙ୍କିତ କରିଛି। କେବଳ ଘଟଣା ଘଟିବା ପରେ ବିଜେପି ସରକାରରେ ପୁଲିସ ପ୍ରଶାସନ କ୍ରିୟାଶୀଳ ହେବା ଅପରାଧୀଙ୍କୁ ଭୟଶୂନ୍ୟ କରିଦେଉଛି। କଥା କଥାକେ ଦିବାଲୋକରେ ଗୁଳି ଫୁଟୁଛି, ଅପରାଧୀ ଅବାଧ ଭାବେ ବୁଲୁଛନ୍ତି ବୋଲି ନବୀନ ଉଦବେଗ ପ୍ରକାଶ କରିଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ୁଥିବାବେଳେ ବିଜେପି ସରକାର ସଜାଗ ନ ହେବା ସବୁଠୁ ଆଶ୍ଚର୍ଯ୍ୟର ବିଷୟ। ଲୋକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ଏକ ଭୟମୁକ୍ତ ପରିବେଶ ସୁନିଶ୍ଚିତ କରିବା ପାଇଁ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।



**ଗୋଟିଏ ଦିନରେ ଭୁବନେଶ୍ୱରରେ ଘଟିଛି ଏକାଧିକ ଅପରାଧିକ ଘଟଣା**

**ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ସଜାଗ ନ ହେବା ଆଶ୍ଚର୍ଯ୍ୟର ବିଷୟ**

### ଆଇଆରସିଟିସି ଦୁର୍ନୀତି ମାମଲା

## ଲାଲୁ, ରାବ୍‌ଡ଼ି, ତେଜସ୍ୱୀଙ୍କୁ ଝଟ୍‌କା

■ ପାଟନା, ୧୩।୧୦ (ଏଜେନ୍ସି): ଆସନ୍ତା ମାସ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏବଂ ତାଙ୍କର ପୁତ୍ର ତେଜସ୍ୱୀ ଯାଦବଙ୍କୁ ଲାଗିଛି କୋର୍ଟ ଝଟକା। ଆଇଆର୍‌ସିଟିସି ଦୁର୍ନୀତି ମାମଲାରେ ଲାଲୁ, ତାଙ୍କର ପତ୍ନୀ ରାବଡ଼ି ଦେବୀ ଏବଂ ପୁଅ ତେଜସ୍ୱୀ ଯାଦବଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବା ଲାଗି ଦିଲ୍ଲୀର ଏକ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀର ରାଉଜ ଆଭେନ୍ୟୁକୋର୍ଟ ଆଜି ଏହି ୩ ଜଣଙ୍କୁ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ (ଆଇଆରସିଟିସି) ଦୁର୍ନୀତି ମାମଲାରେ ଅଭିଯୁକ୍ତ ବୋଲି ବିଚାର କରିଛି। ଏହି ମାମଲାରେ ଲାଲୁ ବଡ଼ ଧରଣର ଷଡ଼ଯନ୍ତ୍ର କରିବା ସହିତ ନିଜ ପଦବୀରୁ ଦୁରୁପଯୋଗ କରିଥିବା କୋର୍ଟ କହିଛନ୍ତି। ଲାଲୁଙ୍କ ଜାଣତରେ ଏହି ଟେଣ୍ଡର ଦୁର୍ନୀତିର ପୂରା ଷଡ଼ଯନ୍ତ୍ର ରଚାଯାଇଥିଲା। ଟେଣ୍ଡର ପ୍ରକ୍ରିୟାରେ ଲାଲୁ ହସ୍ତକ୍ଷେପ କରିଥିଲେ। ଏହାଦ୍ୱାରା ଲାଲୁଙ୍କ ପରିବାର ପ୍ରତ୍ୟକ୍ଷ ଭାବେ ଯଥେଷ୍ଟ ଲାଭବାନ ହୋଇଥିଲା ବୋଲି କୋର୍ଟ କହିଛନ୍ତି।

ଅପରପକ୍ଷରେ ଲାଲୁ ଏହି ଅଭିଯୋଗଗୁଡ଼ିକୁ ଖଣ୍ଡନ କରିଛନ୍ତି। ଏହି ମାମଲା ରାଞ୍ଚି ଓ ପୁରୀସ୍ଥିତ ଆଇଆର୍‌ସିଟିସିର ଦୁଇଟି ହୋଟେଲର ଟେଣ୍ଡର ସହିତ ଦୁର୍ନୀତି ସହିତ ଜଡ଼ିତ ରହିଛି।

୨୦୦୪ରୁ ୨୦୦୯ ମଧ୍ୟ ଲାଲୁ କେନ୍ଦ୍ରରେ ୟୁପିଏ ସରକାରରେ ରେଳମନ୍ତ୍ରୀ ଥିବା ବେଳେ ଏହି ଦୁର୍ନୀତି ହୋଇଥିଲା ବୋଲି କୁହାଯାଇଛି। ଆଗକୁ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହି ମାମଲା ଲାଲୁ ପରିବାର ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ଅନୁମାନ କରାଯାଉଛି। ଯଦି ଆଇଆରସିଟିସି ମାମଲାରେ ୩ ଜଣଙ୍କ ବିରୋଧରେ ସବୁ ଅଭିଯୋଗ ପ୍ରମାଣିତ ହେଲା, ତେବେ ୩ ଜଣଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ହୋଇପାରେ। ▶ପୃଷ୍ଠା-୭

**୩ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ ପାଇଁ କୋର୍ଟ ନିର୍ଦ୍ଦେଶ**




## ନୂଆପଡ଼ା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି

■ ଭୁବନେଶ୍ୱର, ୧୩।୧୦ (ସମିସ): ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡା ଉପନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ପକ୍ଷରୁ ସୋମବାର ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାସହ ଆଜିଠାରୁ ବିଧିବଦ୍ଧ ଭାବେ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୨୦ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ୨୨ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ହେବ। ସେହିପରି ୨୪ ତାରିଖ(ଶୁକ୍ରବାର) ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ତେବେ ନାମାଙ୍କନର ପ୍ରଥମ ଦିନରେ କୌଣସି ପ୍ରାର୍ଥୀ ନାମାଙ୍କନ କରିନଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

ବିଜ୍ଞପ୍ତି ଅନୁଯାୟୀ ନଭେମ୍ବର ୧୧ ତାରିଖ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଚାଲିବ। ଅନ୍ୟପକ୍ଷରେ ବାମପନ୍ଥୀ ଉଗ୍ରବାଦୀ ପ୍ରବଣ ଅଞ୍ଚଳର ୪୭ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଅନୁଷ୍ଠିତ ହେବ। ନଭେମ୍ବର ୧୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।





# ଦିଲ୍ଲୀରେ ଜଳ ସଙ୍କଟ

■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଦକ୍ଷିଣ ଦିଲ୍ଲୀର ୩ଟି ପ୍ରମୁଖ ମଲକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଡିଏଲ୍‌ଏଫ୍ ପ୍ରୋମେନାଡ଼, ଡିଏଲ୍‌ଏଫ୍ ଏମ୍ପୋରିଓ, ଆମ୍ବିଏନ୍ସ ମଲ୍ ଉକ୍ତ ଜଳାଭାବ କାରଣରୁ ବନ୍ଦ ହେବାକୁ ଯାଉଛି। ପ୍ରଥମଥର ପାଇଁ ରାଜଧାନୀ ଦିଲ୍ଲୀରେ ଏଭଳି ଜଳାଭାବ ସୃଷ୍ଟି ହୋଇଛି। ଏହି ମଲ୍‌ଗୁଡ଼ିକୁ ବିଦେଶୀ ପର୍ଯ୍ୟଟକ, ସେଲିବ୍ରିଟି ଓ ନାମୀଦାମୀ ଲୋକମାନେ ବିଶ୍ୱସ୍ତରୀୟ ବ୍ରାଣ୍ଡର ଜିନିଷ ସପିଂ କରିବାକୁ କରିବାକୁ ଆସିଥାନ୍ତି। ପାଣିର ଅଭାବ କାରଣରୁ ଏବେ ମଲକୁ ଚଳାଇବା କଷ୍ଟକର ହୋଇପଡ଼ିଛି। ଜଳ ଯୋଗାଣ ବନ୍ଦ ହେବା କାରଣରୁ ମଲ୍ ମାଲିକମାନେ ଏହାକୁ ଅସ୍ଥାୟୀ ଭାବେ ବନ୍ଦ କରିବାକୁ ବିଚାର କରୁଛନ୍ତି। ଜଳ ଯୋଗାଣ ବନ୍ଦ ହେବା କାରଣରୁ ମଲ୍‌ର ଟାଙ୍କିଗୁଡ଼ିକ ଖାଲି ରହିଛି। ୭୦ ପ୍ରତିଶତ ଟଏଲେଟ ବନ୍ଦ ହୋଇଛି। ରେସ୍ତୁରାଁରେ ବାସନ ମାଜିବା ଓ ସଫା କାର୍ଯ୍ୟକ୍ରମ ମଧ୍ୟ ବନ୍ଦ ରହିଛି। ଗ୍ରାହକଙ୍କୁ ପାଣି ପିଇବା ପାଇଁ ଦେବାରେ ମଧ୍ୟ ରେସ୍ତୁରାଁଗୁଡ଼ିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ ଗ୍ରାହକଙ୍କୁ ଠିକ୍‌ରେ ସେବା ଦିଆଯାଇ ପାରୁନାହିଁ। ଯଦି ଆଗାମୀ ଦୁଇ, ତିନ ଦିନ ମଧ୍ୟରେ ଜଳ ଯୋଗାଣ ଠିକ୍ ଭାବେ ନ ହୁଏ, ତେବେ ମଲଗୁଡ଼ିକୁ ବନ୍ଦ କରାଯିବାର ଆଶଙ୍କା ସୃଷ୍ଟି ହୋଇଛି। ▶ପୃଷ୍ଠା-୭



# ଶାନ୍ତ ପଡ଼ିଲା ଗାଜା

## ◆ଇସ୍ରାଏଲୀ ପଣବନ୍ଦୀଙ୍କୁ ଛାଡ଼ିଲା ହମାସ୍ ◆ପାଲେଷ୍ଟିନୀୟଙ୍କୁ ବି ମୁକ୍ତ କରୁଛି ଇସ୍ରାଏଲ



ତେଲ ଆଭିଭ, ୧୩ା୧୦ (ଏଜେନ୍ସି): ଦୀର୍ଘ ବର୍ଷ ପ୍ରତୀକ୍ଷାର ଅନ୍ତ ହୋଇଛି। ଶେଷରେ ଗାଜାରେ ଶାନ୍ତି ପ୍ରତିଷ୍ଠା ପାଇଁ ବାଟ ଫିଟିଛି। ଶାନ୍ତି ବୁଝାମଣା ଅନୁଯାୟୀ ହମାସ କବଳରେ ଥିବା ଇସ୍ରାଏଲ ପଣବନ୍ଦୀ ସୋମବାର ମୁକ୍ତ ହୋଇଛନ୍ତି। ଇସ୍ରାଏଲ ମଧ୍ୟ ଶତାଧିକ ପାଲେଷ୍ଟାଇନ ବନ୍ଦୀଙ୍କୁ ମୁକ୍ତ କରିଛି। ଦୁଇ ବର୍ଷର ବ୍ୟବଧାନ ପରେ ଆମେରିକା ହସ୍ତକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇପାରିଛି।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲରେ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୭ ଜଣ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୩ ଜଣ ପଣବନ୍ଦୀଙ୍କୁ ହମାସ୍ ଛାଡ଼ିଛି। ଏମାନଙ୍କୁ ରେଡ୍ କ୍ରସ୍ ମାଧ୍ୟମରେ ଇସ୍ରାଏଲ ସେନା (ଆଇଡିଏଫ) କୁ ହସ୍ତାନ୍ତର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ହମାସ କବଳରୁ ମୁକ୍ତ ପଣବନ୍ଦୀଙ୍କୁ ରେମି ସ୍ଥିତ ଆଇଡିଏଫ କ୍ୟାମ୍ପକୁ ନିଆଯାଇଥିଲା। ଏଠାରେ ସମସ୍ତଙ୍କ ସ୍ୱାସ୍ଥ୍ୟା ପରୀକ୍ଷା କରାଯାଇଥିଲା। ପରେ ପରିବାର ସଦସ୍ୟଙ୍କୁ ଭେଟିବାକୁ ଦିଆଯାଇଥିଲା। ଦକ୍ଷିଣ ଗାଜା ଷ୍ଟ୍ରିପ୍‌ର ଖାନ୍ ୟୁନିସ ଅଞ୍ଚଳରେ ଅନ୍ୟ ୧୩ ପଣବନ୍ଦୀଙ୍କୁ ମୁକ୍ତ କରାଯାଇଥିଲା। ଏହାକୁ ନେଇ ଇସ୍ରାଏଲରେ ଆନନ୍ଦର ଲହରୀ ଖେଳି ଯାଇଛି। ଏମାନଙ୍କୁ ୧୦ ହଜାର ଇସ୍ରାଏଲ ନାଗରିକ ଉପସ୍ଥିତ ରହି ସ୍ୱାଗତ କରିଛନ୍ତି। ଅନେକ ଅନ୍‌ଲାଇନ ମାଧ୍ୟମରେ ଏହି ଦୃଶ୍ୟ ଦେଖିଛନ୍ତି। ସେହିପରି ହମାସ ୪ ପଣବନ୍ଦୀଙ୍କ ମୃତଦେହ ହସ୍ତାନ୍ତର କରିଛି। ଏମାନଙ୍କ ମଧ୍ୟରେ ନେପାଳର ବିପିନ ଯୋଶୀ ସାମିଲ ଅଛନ୍ତି। ପରେ ଆଉ ବାକି ପଣବନ୍ଦୀଙ୍କ ମୃତଦେହ ପ୍ରଦାନ କରାଯିବ। ସୁରକ୍ଷା ଦୃଷ୍ଟିରୁ ଇସ୍ରାଏଲ ଏହି କଫିନର ଯାଞ୍ଚ କରୁଛି। ଏଥିପାଇଁ ଫରେନସିକ ଅଧିକାର ମୁତୟନ ହୋଇଛନ୍ତି। ମୃତଦେହ ଚିହ୍ନଟ କରିବାକୁ ଦୁଇ ଦିନ ସମୟ ଲାଗିବ ବୋଲି ଆଇଡିଏଫ ପକ୍ଷରୁ କୁହାଯାଇଛି। ଏହାର ପ୍ରତିବଦଳରେ ଇସ୍ରାଏଲ ଆଜି ୨୫୦ ପାଲେଷ୍ଟିନୀୟ କଏଦୀଙ୍କୁ ମୁକ୍ତ କରିଛି।

ଏହି ଉଲ୍ଲେଖନୀୟ ଅଗ୍ରଗତି ସହିତ ଇସ୍ରାଏଲ ପାଇଁ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୩୦ ସୂତ୍ରୀ ଗାଜା ଶାନ୍ତି ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି। ପରବର୍ତ୍ତୀ ପ୍ରକ୍ରିୟା ଏବଂ ଚୁକ୍ତି ପାଇଁ

### ସବୁ ଯୁଦ୍ଧ ମୁଁ ବନ୍ଦ କରିବି: ଟ୍ରମ୍ପ

### ଭାରତ-ପାକିସ୍ତାନ ପ୍ରସଙ୍ଗ ପୁଣି ଦୋହରାଇଲେ

ସେ ଇସ୍ରାଏଲରେ ଅଛନ୍ତି। ଏଠାରୁ ସେ ଶାନ୍ତି ଚୁକ୍ତିରେ ଦସ୍ତଖତ ପାଇଁ ଇଜିପ୍ଟର ଶର୍ମ ଅଲ-ସେଖ ଗସ୍ତ କରିଛନ୍ତି। ଏଠାରେ ଟ୍ରମ୍ପ ଏବଂ ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତହ ଅଲ-ସିସିଙ୍କ ନେତୃତ୍ୱରେ ବ୍ରିଟେନ, ଫ୍ରାନ୍ସ ଜର୍ମାନୀ ଏବଂ କିଛି ଆରବ ରାଷ୍ଟ୍ରଙ୍କ ଉପସ୍ଥିତିରେ ଶାନ୍ତି ଆଲୋଚନା ହେବ।

ଏହା ପୂର୍ବରୁ ଇସ୍ରାଏଲରେ ପହଞ୍ଚିବା ମାତ୍ରେ ଆମେରିକା ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେ ଇସ୍ରାଏଲ ସଂସଦକୁ ପ୍ରାୟ ୬୪ ମିନିଟ ପର୍ଯ୍ୟନ୍ତ ସମ୍ବୋଧନ କରିଥିଲେ। ମୁଁ ସବୁ ଯୁଦ୍ଧ ବନ୍ଦ କରିବି ବୋଲି କହିଥିଲେ। ଏହା ସହିତ ପୁଣି ଥରେ ଭାରତ-ପାକିସ୍ତାନ ସଂଘର୍ଷ ବନ୍ଦ କରିଥିବା ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ନୂଆ ମଧ୍ୟ ପ୍ରାଚ୍ୟ ପାଇଁ ଏହା ଏକ ଐତିହାସିକ ଉପଲବ୍ଧି। ଏହା କହିବା ମାତ୍ରେ ଇସ୍ରାଏଲ ସଂସଦ ତାଳିରେ କମ୍ପି ଉଠିଥିଲା ଏବଂ ସମସ୍ତ ସାଂସଦ ଛିଡ଼ା ହୋଇ ଟ୍ରମ୍ପଙ୍କୁ ଅଭିବାଦନ ଜଣାଇ ଥିଲେ। ଏବେ ଆମେରିକା ଭଳି ଇସ୍ରାଏଲର ସୁବର୍ଣ୍ଣ ଯୁଗ ଆରମ୍ଭ ହେବ ବୋଲି ଟ୍ରମ୍ପ କହିଥିଲେ। 'କେବଳ ଯୁଦ୍ଧ ନୁହେଁ, ବରଂ ଆତଙ୍କର ଅନ୍ତ ହୋଇଛି। ଦୀର୍ଘ ଦିନର ଯୁଦ୍ଧ ପରେ ଆକାଶ ନିରବ ଏବଂ ବନ୍ଧୁକ ଶାନ୍ତ ରହିଛି। ପବିତ୍ର ମାଟିରେ ନୂଆ ସକାଳ ଆସିଛି। ଆଶା କରୁଛି ଆଗକୁ ମଧ୍ୟ ଏହା ବଜାୟ ରହିବ। ପଣବନ୍ଦୀ ମୁକ୍ତ ହୋଇଛନ୍ତି। ଏହା ଇସ୍ରାଏଲ ଏବଂ ବିଶ୍ୱ ପାଇଁ ବଡ଼ ବିଜୟ। ଅନେକ ଦେଶ ଶାନ୍ତି ପ୍ରତିଷ୍ଠା ପାଇଁ କାର୍ଯ୍ୟ କରିଥିଲେ। ଗାଜା ଚୁକ୍ତି ପାଇଁ ଟ୍ରମ୍ପ ଅରବ ଦେଶ ଏବଂ ମୁସଲିମ ନେତାଙ୍କ ପ୍ରଶଂସା କରିଥିଲେ। ଏହି ନେତାମାନେ ହମାସ ଉପରେ ଚାପ ପକାଇ ବନ୍ଦୀଙ୍କୁ ମୁକ୍ତ କରିବାରେ ସହାୟତା କରିଥିଲେ'।

ଟ୍ରମ୍ପ ପୁଣି ଥରେ ଆଠ ମାସରେ ୮ଟି ଯୁଦ୍ଧ ବନ୍ଦ କରାଇଥିବା ଦାବି କରିଥିଲେ। ସେ ଯୁଦ୍ଧକୁ ପସନ୍ଦ କରୁ ନ ଥିବା କହିଥିଲେ। ଟ୍ରମ୍ପ ଅଭିଭାଷଣରେ ପାଲେଷ୍ଟିନକୁ ରାଷ୍ଟ୍ର ମାନ୍ୟତା ଦେବା ପାଇଁ ଦାବି କରିଥିବା ଦୁଇ ସାଂସଦ ବାହାର କରିଦିଆଯାଇଥିଲା। ଏହା ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ସଂସଦଙ୍କୁ ସମ୍ବୋଧନ କରି ଟ୍ରମ୍ପଙ୍କୁ ଇସ୍ରାଏଲର ସର୍ବୋଚ୍ଚ ସମ୍ମାନ ଦେବାକୁ ଘୋଷଣା କରିଥିଲେ। ଟ୍ରମ୍ପ ହିଁ ଇସ୍ରାଏଲର ଘନିଷ୍ଠ ବନ୍ଧୁ ବୋଲି କହିଥିଲେ। ସେ ଟ୍ରମ୍ପଙ୍କ ପାଇଁ ନୋବେଲ ଶାନ୍ତି ଦାବି କରିଥିଲେ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଣବନ୍ଦୀଙ୍କ ମୁକ୍ତିକୁ ସ୍ୱାଗତ କରିଛନ୍ତି। କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ପାଇଁ ନେତନ୍ୟାହୁ ଏବଂ ଟ୍ରମ୍ପ କରିଥିବା ପ୍ରୟାସକୁ ପ୍ରଶଂସା କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ କାନାଡ଼ା ବିଦେଶ ମନ୍ତ୍ରୀ ଅନୀତା ଆନନ୍ଦ

ନୂଆଦିଲ୍ଲୀ, ୧୩।୧୦(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି କାନାଡ଼ା ବୈଦେଶିକ ମନ୍ତ୍ରୀ ଅନୀତା ଆନନ୍ଦ। ପ୍ରଧାନମନ୍ତ୍ରୀ ଦୁଇଦେଶ ମଧ୍ୟରେ ବେପାର ବାଣିଜ୍ୟ, ଶକ୍ତି, ଜ୍ଞାନକୌଶଳ, କୃଷି ଓ ସହଯୋଗ ନେଇ ଆଲୋଚନା କରିଥିଲେ। ମୋଦୀ ଏହି ଅବସରରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କୁ ଶୁଭେଚ୍ଛା ଜଣାଇଥିଲେ ଓ ଆଗାମୀ ବୈଠକଗୁଡ଼ିକ ପାଇଁ ଅପେକ୍ଷା କରିଥିବା କହିଥିଲେ। ଅନୀତାଙ୍କ ଏହି ଗସ୍ତ ଦ୍ୱାରା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜବୁତ ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଛି। ଏହାପୂର୍ବରୁ ଦୁଇଦେଶର ବୈଦେଶିକ ମନ୍ତ୍ରୀଙ୍କ ବୈଠକ ପରେ ଯୁଗ୍ମ ପ୍ରେସ ବିବୃତି ଜାରି କରାଯାଇଥିଲା। ବିଶ୍ୱରେ ଆର୍ଥିକ ଅନିଶ୍ଚିତତା ଓ ସଂଘର୍ଷ ଜାରି ରହିଥିବା ବେଳେ ଦୁଇଦେଶ ମଧ୍ୟରେ ଉତ୍ତମ ବୁଝାମଣା ଓ ସହଭାଗୀତା ଜରୁରୀ ବୋଲି କୁହାଯାଇଥିଲା।

## ଖାଇକୁ ଖସିଲା ବସ୍: ୭ ଶିଶୁ ସମେତ ୪୨ ମୃତ, ୪୯ ଆହତ

କେପ୍‌ଟାଉନ୍, ୧୩।୧୦(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଲିମ୍ପୋପୋ ରାଜ୍ୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରବିବାର ରାତିରେ ଲିମ୍ପୋପୋର ପାହାଡ଼ିଆ ଅଞ୍ଚଳ ଦେଇ ଯାଉଥିବା ଏକ ବସ୍ ନିୟନ୍ତ୍ରଣରେ ଖାଇକୁ ଖସିପଡ଼ିଥିଲା। ଏଥିରେ ୪୨ ଜଣ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ୭ ଶିଶୁ, ୧୮ ମହିଳା ଓ ୧୭ ପୁରୁଷ ସାମିଲ ଅଛନ୍ତି। ୪୯ ଜଣ ମଧ୍ୟ ଆହତ ହୋଇଛନ୍ତି। ଏହି ଦୁର୍ଘଟଣାର ଯାଞ୍ଚ ଆରମ୍ଭ ହୋଇଛି। ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା ଏ ନେଇ ଦୁଃଖ ପ୍ରକାଶ କରିଛନ୍ତି। ଏହି ବସ୍‌ରେ ଜିମ୍ବାୱେ ଓ ମାଲାୱିର ନାଗରିକ ଯାତ୍ରା କରୁଥିଲେ ବୋଲି କୁହାଯାଇଛି।

## ଜୈସାଲମେର୍‌ରେ ପଲଟିଲା ସେନା ଜିପ୍; ମେଜର ମୃତ

ଜୈସାଲମେର, ୧୩।୧୦(ଏଜେନ୍ସି): ରାଜସ୍ଥାନର ଜୈସାଲମେରରେ ଭାରତୀୟ ସେନାର ଏକ ଜିପ୍ ପଲଟି ଯାଇଛି। ଏଥିରେ ଜଣେ ମେଜର ପ୍ରାଣ ହରାଇଛନ୍ତି। ସେହିପରି ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ, ୨ ଜଣ ମେଜରଙ୍କ ସମେତ ମୋଟ ଉପରେ ୪ ଜଣ ଆହତ ହୋଇଛନ୍ତି। ତନୋଟ ଥାନ ଅନ୍ତର୍ଗତ ରାମଗଡ଼ରୁ ଲୋଙ୍ଗେୱାଲ ମଧ୍ୟରେ ଥିବା ଗମନେବାଲା ଗାଁ ନିକଟରେ ରବିବାର ସନ୍ଧ୍ୟା ୫ଟାରେ ଏହି ଦୁର୍ଘଟଣା ଘଟିଥିଲା। ଆହତଙ୍କୁ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ତଦନ୍ତ ଆରମ୍ଭ ହୋଇଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ ସଡ଼କ ଉପରେ ବାଙ୍କ ଥିଲା। କିନ୍ତୁ ଜିପ ବୁଲି ନପାରି ନିୟନ୍ତ୍ରଣ ହରାଇ ପଲଟି ଯାଇଥିଲା। ମେଜର ଟିସି ଭରଦ୍ୱାଜଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ଅବସରରେ ସେ ପ୍ରାଣ ହରାଇଥିଲେ।

## କୋଲ୍‌ଡ୍ରିଫ୍ ପ୍ରସ୍ତୁତ କରୁଥିବା ଶ୍ରୀସାନ୍ ଫାର୍ମା ବନ୍ଦ, ଲାଇସେନ୍ସ ରଦ୍ଦ

ନୂଆଦିଲ୍ଲୀ, ୧୩।୧୦(ଏଜେନ୍ସି): ତାମିଲନାଡୁ ସରକାର ସୋମବାର କୋଲ୍‌ଡ୍ରିଫ୍ କଫ୍ ସିରପ୍ ପ୍ରସ୍ତୁତ କରୁଥିବା ଶ୍ରୀସାନ ଫାର୍ମାସ୍ୟୁଟିକାଲ କମ୍ପାନୀ ବନ୍ଦ କରିବା ସହ ଉତ୍ପାଦନ ଲାଇସେନ୍ସକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରି ଦେଇଛନ୍ତି। ଏହି କମ୍ପାନୀକୁ ସବୁଦିନ ପାଇଁ ବନ୍ଦ କରିବାକୁ ସରକାର ଘୋଷଣା କରିଛନ୍ତି। ଏହି କମ୍ପାନୀର କାରଖାନାରେ ୩୫୦ରୁ ଊର୍ଦ୍ଧ୍ୱ ଗମ୍ଭୀର ଶ୍ରେଣୀର ତ୍ରୁଟିଥିବା ଜଣା ପଡ଼ିଥିଲା। ଏହି ସିରପ ସେବନ କରି ମଧ୍ୟପ୍ରଦେଶରେ ଏପର୍ଯ୍ୟନ୍ତ ୨୫ ଶିଶୁ ମୃତ୍ୟୁବରଣ କଲେଣି। ଚେନ୍ନଇରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶ୍ରୀସାନ ଫାର୍ମା ସହିତ ଜଡିତ ୭ଟି ଠିକଣା ଉପରେ ଚଢ଼ାଉ କରିଥିଲା। ଏହି ଶିଶୁ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଶ୍ରୀସାନ ଫାର୍ମାର ମାଲିକ ଗୋବିନ୍ଦନ ରଙ୍ଗନାଥନଙ୍କୁ ଅକ୍ଟୋବର ୯ରେ ଗିରଫ କରାଯାଇଥିଲା। ତାମିଲନାଡୁରେ ପ୍ରସ୍ତୁତ ହେଉଥିବା କୋଲଡ୍ରିଫ୍‌ରେ ୪୮ ପ୍ରତିଶତ ବିଷ ରହିଛି ବୋଲି କୁହାଯାଇଛି।

## ଆରଏସ୍‌ଏସ୍‌କୁ ତାଲିବାନ ସହ ତୁଳନା କଲେ ସିଦ୍ଧରମେୟାଙ୍କ ପୁଅ

ବେଙ୍ଗାଲୁରୁ, ୧୩।୧୦(ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ପୁଅ ଯଥିନ୍ଦ୍ରା ସିଦ୍ଧରମେୟା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍)କୁ ଆଫଗାନିସ୍ତାନର ତାଲିବାନ ସହ ତୁଳନା କରିଛନ୍ତି। ସେ ଆରଏସ୍‌ଏସ୍‌କୁ ନିଷିଦ୍ଧ କରିବାକୁ ମଧ୍ୟ ଦାବି କରିଛନ୍ତି। ପୂର୍ବରୁ ଆରଏସ୍‌ଏସ୍ ନିଜ ଶାଖା ପରିଚାଳନା କରିବାକୁ ସରକାରୀ ଅନୁଷ୍ଠାନଗୁଡ଼ିକର ପ୍ରାଙ୍ଗଣକୁ ବ୍ୟବହାର କରୁଛି ବୋଲି ସିଦ୍ଧରମେୟା କହିଥିଲେ। ତାଲିବାନ ଯେଉଁଭଳି ଭାବେ ଇସ୍‌ଲାମର ନିୟମ ଲୋକଙ୍କ ଉପରେ ଲାଗୁ କରୁଛି, ଆରଏସ୍‌ଏସ୍ ମଧ୍ୟ ସେହିପରି ଜନସାଧାରଣଙ୍କ ଉପରେ ହିନ୍ଦୁତ୍ୱ ଲଦି ଦେବାକୁ ପ୍ରୟାସ କରୁଛି। ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ପୁଅ ତଥା କର୍ଣ୍ଣାଟକ ଆଇଟି ମନ୍ତ୍ରୀ ପ୍ରିୟାଙ୍କ ଖଡ଼ଗେ ମଧ୍ୟ ଆରଏସ୍‌ଏସ୍ ସରକାରୀ ଅନୁଷ୍ଠାନଗୁଡ଼ିକର ପ୍ରାଙ୍ଗଣ ବ୍ୟବହାର କରିବାକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଆରଏସ୍‌ଏସ୍‌ର ଏଭଳି ଆଚରଣକୁ ନିଷିଦ୍ଧ କରିବାକୁ ସେ ଦାବି କରିଛନ୍ତି।

## ବାଂଲାଦେଶରେ ୧୫ ସେନା ଅଧିକାରୀ ଅଟକ

ଢାକା, ୧୩।୧୦(ଏଜେନ୍ସି): ଶେଖ ହସିନାଙ୍କ ଶାସନରେ ବିଭିନ୍ନ ଅପରାଧ ଘଟାଇବା ଅଭିଯୋଗରେ ସେନାର ୧୫ ଜଣ ଅଧିକାରୀଙ୍କୁ ଅଟକ ରଖାଯାଇଛି। ଇଣ୍ଟରନ୍ୟାସନାଲ କ୍ରାଇମ୍ସ ଟ୍ରିବୁନାଲ (ଆଇସିଟି) ୩ଟି ମାମଲାରେ ୨୫ ଜଣ ସେନା ଅଧିକାରୀଙ୍କ ବିରୋଧରେ ଗିରଫ ପରୱାନା ଜାରି କରିବା ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଅଟକ ଥିବା ସେନା ଅଧିକାରୀମାନଙ୍କୁ ସେନା କଷ୍ଟଡିରେ ରଖାଯାଇଛି। ଏହି ଅଧିକାରୀମାନେ ଶେଖ ହସିନାଙ୍କ ଶାସନ କାଳରେ ବିକ୍ଷୋଭକୁ ଭଣ୍ଡୁର କରିବାକୁ ପ୍ରୟାସ କରି ବିଭିନ୍ନ ଆପରାଧିକ ଘଟଣା ଘଟାଇଥିଲେ ବୋଲି କୁହାଯାଇଛି।

## ଅର୍ଥନୀତିରେ ତିନି ଅର୍ଥଶାସ୍ତ୍ରୀଙ୍କୁ ନୋବେଲ

ଷ୍ଟକ୍‌ହୋମ, ୧୩ା୧୦ (ଏଜେନ୍ସି): ଚଳିତ ବର୍ଷ ପାଇଁ ଅର୍ଥନୀତିରେ ତିନି ଜଣ ଅର୍ଥଶାସ୍ତ୍ରୀଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଆମେରିକାର ଜୋଏଲ ମୋକିର , ପିଟର ହାଭିଟ ଏବଂ ବ୍ରିଟେନର ଫିଲିପ ଏଘିୟାନଙ୍କୁ ଡିସେମ୍ବର ୧୦ରେ ଏହି ବଡ଼ ସମ୍ମାନ ଦିଆଯିବ। ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ ନବୋନ୍ମେଷ ଦ୍ୱାରା କେମିତି ଆର୍ଥିକ ବିକାଶର ଦ୍ୱାର ଖୋଲିଥାଏ ତାହା ଏହି ଅର୍ଥଶାସ୍ତ୍ରୀମାନେ ଦର୍ଶାଇ ଥିଲେ। ପ୍ରଯୁକ୍ତିବିଦ୍ୟା ଦ୍ରୁତଗତିରେ ବଦଳି ଥାଏ। ଏହା ସମସ୍ତଙ୍କ ଉପରେ ପ୍ରଭାବ ପକାଇ ଥାଏ। ଉତ୍ପାଦ ଏବଂ ଉତ୍ପାଦନର ନୂଆ ଉଦ୍ଭାବନା ପୁରୁଣାକୁ ବଦଳାଇ ଦେଇଥାଏ। ଏହି ପ୍ରକ୍ରିୟା ଅନବରତ ଭାବେ ଜାରି ରହିଥାଏ। ଏହି ଧାରା କେବେ ବନ୍ଦ ନ ହୋଇ ଆର୍ଥିକ ବିକାଶର ଆଧାର ହୋଇ ରହିଛି। ଏହା ଦ୍ୱାରା ବିଶ୍ୱବାସୀଙ୍କ ଜୀବନର ଗୁଣବତ୍ତା, ସ୍ୱାସ୍ଥ୍ୟ ଏବଂ ଜୀବନଧାରଣର ସ୍ତର ବଦଳି ଥାଏ। ଏହି ନୋବେଲ ବିଜେତାଙ୍କୁ ୧୦ ମିଲିୟନ ସ୍ୱିଡିଶ କ୍ରୋନା ତଥା ୧୦.୩ କୋଟି ଟଙ୍କା, ସୁନା ମେଡାଲ, ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ।



ନୋବେଲ କମିଟି ଅନୁଯାୟୀ, କ୍ରମାଗତ ଭାବେ ଆର୍ଥିକ ବିକାଶ କାହିଁକି ହୋଇପାରିଛି ତାହା ଇତିହାସ ଦେଖି ଜୋଏଲ ମୋକିର ଦର୍ଶାଇ ଥିଲେ। ସେ କହିଥିଲେ ଯେ ନୂଆ ଆବିଷ୍କାର ଏବଂ ସୁଧାର କ୍ରମାଗତ ଭାବେ ଜାରି ରହିଥିଲେ, ତାହା କେବଳ କାମ କରୁଛି ବୋଲି ଜାଣିବା ଯଥେଷ୍ଟ ନୁହେଁ। ଏହା କାହିଁକି କାମ କରୁଛି ତାହା ବୁଝିବା ଜରୁରୀ। ଶିଳ୍ପ ବିପ୍ଳବ ପୂର୍ବରୁ ଲୋକେ ଏହା ବୁଝି ପାରୁ ନ ଥିଲେ। ଏଥିପାଇଁ ନୂଆ ସନ୍ଧାନ ଏବଂ ଆବିଷ୍କାରର ସଠିକ୍ ବ୍ୟବହାରରେ ସମସ୍ୟା ହେଉଥିଲା। ଏହା ବ୍ୟତୀତ ସମାଜ ମଧ୍ୟ ନୂଆ ବିଚାରକୁ ଗ୍ରହଣ କରିବା ପାଇଁ ମୁକ୍ତ ହେବା ଉଚିତ ଏବଂ ପରିବର୍ତ୍ତନକୁ ମଧ୍ୟ ସ୍ୱୀକାର କରିବା ଅତ୍ୟନ୍ତ ଜରୁରୀ।

### ଏନ୍‌ଡିଏରେ ଅସନ୍ତୋଷ ବଢୁଛି

## ଅଟକିଲା ପ୍ରାର୍ଥୀ ତାଲିକା

ପାଟନା, ୧୩ା୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ କ୍ଷମତାସୀନ ଏନ୍‌ଡିଏ ମେଣ୍ଟରେ ଆସନ ବଣ୍ଟନ ଚୂଡ଼ାନ୍ତ ହୋଇଯାଇଛି। ପ୍ରତିଦ୍ୱନ୍ଦ୍ୱିତା ପାଇଁ ବିଜେପି, ଜେଡିୟୁକୁ ୧୦୧ ଲେଖାଏଁ, ଚିରାଗ ପାଶ୍ୱାନଙ୍କ ଦଳ ଏଲ୍‌ଜେପି (ଆର)କୁ ୧୯ , ଜିତନ ରାମ ମାନ୍‌ଝୀଙ୍କ ହାମ୍ ଏବଂ ଉପେନ୍ଦ୍ର କୁଶ୍ୱାହଙ୍କ ଆର୍‌ଏଲ୍‌ଏମ୍‌କୁ ୬ଟି ଲେଖାଏଁ ଆସନ ମିଳିଛି। ତେବେ ଏହାକୁ ନେଇ ମେଣ୍ଟରେ ବିବାଦ ଲାଗି ରହିଛି। ସେଥିପାଇଁ ଏନ୍‌ଡିଏର ପ୍ରଥମ ପ୍ରାର୍ଥୀ ତାଲିକା ଅଟକି ରହିଛି। ଯେତିକି ଆସନ ମିଳିଛି ତାହାକୁ ନେଇ ମାନ୍‌ଝୀ ଏବଂ କୁଶ୍ୱାହ ସନ୍ତୁଷ୍ଟ ନାହାନ୍ତି। ଉଭୟେ ଅଧିକ ଆସନ ଦାବି କରୁଛନ୍ତି। ପ୍ରଥମେ ମାନ୍‌ଝୀ ଏହି ଆସନକୁ ନେଇ ସନ୍ତୁଷ୍ଟ ଥିବା କହିଥିଲେ। ପରେ ଦଳର କ୍ଷମତାକୁ କମ୍ କରି ଆକଳନ କରାଯାଇଛି ଏବଂ ଏହାର ପରିଣାମ ଦେଖିବାକୁ ମିଳିବ ବୋଲି ଏକ ସାକ୍ଷାତକାରରେ ଉଲ୍ଲେଖ କରିଥିଲେ। ପୂର୍ବରୁ ଏ ନେଇ ମାନ୍‌ଝୀ ମଧ୍ୟ ମେଣ୍ଟକୁ ଧମକ ଦେଇଥିଲେ। ଲଢ଼ିବା ପାଇଁ ୧୦-୨୦ ଆସନ ନ ମିଳିଲେ ଏକାକୀ ସବୁ ସିଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଏକ କାର୍ଯ୍ୟକ୍ରମରେ କହିଥିଲେ।

ଏନ୍‌ଡିଏରେ କିଏ କେତେ ଆସନରେ ଲଢ଼ିବ ସ୍ଥିର ହୋଇଥିଲେ ବି କେଉଁ ଦଳ କେଉଁ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରି ନାହିଁ। ୨୪୩ ଆସନରୁ କାହାକୁ କୋଉଟା ଦିଆହେବ ତାହାକୁ ନେଇ ଦଳମାନଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଛି। ସୋମବାର ସୁଦ୍ଧା ଏହାର କୌଣସି ନିଷ୍କର୍ଷ ବାହାରି ପାରି ନାହିଁ। ତେଣୁ ଏନ୍‌ଡିଏର ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା ହୋଇପାରି ନାହିଁ। ପୂର୍ବରୁ ସୋମବାର ସନ୍ଧ୍ୟାରେ ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି କୁହାଯାଉଥିଲା। ଏଥିପାଇଁ ସାମ୍ବାଦିକ ସମ୍ମିଳନୀ ଡକାଯାଇଥିଲା। ମାତ୍ର ବିବାଦ ଯୋଗୁଁ ବାଧ୍ୟ ହୋଇ ଏହାକୁ ସ୍ଥଗିତ ରଖା ଯାଇଥିଲା।

**ଭୋଟ ଚୋରି' ଅଭିଯୋଗର ଏସ୍‌ଆଇଟି ତଦନ୍ତ**

## ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୩ା୧୦ (ଏଜେନ୍ସି): ଗତ ଲୋକସଭା ନିର୍ବାଚନରେ 'ଭୋଟ ଚୋରି' ହୋଇଥିବା ନେଇ ବିରୋଧୀ ଅଭିଯୋଗ କରିଆସୁଛନ୍ତି। ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏ ନେଇ କ୍ଷମତାସୀନ ଦଳକୁ ଦୋଷ ଦେଉଛନ୍ତି। ବେଙ୍ଗାଲୁରୁ ସେଣ୍ଟ୍ରାଲ ଆସନର 'ଭୋଟ ଚୋରି' ମାମଲାର ଏସ୍‌ଆଇଟି ତଦନ୍ତ ଦାବିରେ ସୁପ୍ରିମକୋର୍ଟରେ ଆବେଦନ ଦାଏର ହୋଇଛି। ତେବେ ସୋମବାର ସୁପ୍ରିମକୋର୍ଟ ଏହା ଉପରେ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଏ ନେଇ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେବାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଆବେଦନକାରୀ ରୋହିତ ପାଣ୍ଡେଙ୍କୁ ପରାମର୍ଶ ଦେଇଛନ୍ତି। ଖଣ୍ଡପୀଠ କହିଥିଲେ ଯେ କୋର୍ଟ ଆବେଦନକାରୀ ଓକିଲଙ୍କ ତର୍କବିତର୍କ ଶୁଣିଛନ୍ତି। ଜନସ୍ୱାର୍ଥରେ ଆଗତ ଏହି ମାମଲାରେ

### ନିର୍ବାଚନ କମିସନଙ୍କ ଦ୍ୱାରସ୍ଥ ହେବାକୁ ପରାମର୍ଶ

ଉପରେ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଇଚ୍ଛୁକ ନାହାନ୍ତି। ପାଣ୍ଡେ କହିଥିଲେ ଯେ ରାହୁଲ କରିଥିବା ଅଭିଯୋଗର ସେ ଯାଞ୍ଚ କରିଥିଲେ। ଏ ନେଇ ସେ ଅନେକ ସ୍ପଷ୍ଟ ପ୍ରମାଣ ପାଇଛନ୍ତି। ଭୋଟ ଚୋରି ପାଇଁ ଏକ ବ୍ୟବସ୍ଥା ସୃଷ୍ଟି କରାଯାଇଥିଲା। ବୈଧ ଭୋଟକୁ ବିକୃତ କରାଯାଇଥିଲା। ତେଣୁ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ସୁପ୍ରିମକୋର୍ଟ ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବା ଉଚିତ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା ଯେ ଭୋଟର ତାଲିକାରେ ହଜାର ହଜାର ବେଆଇନ ଏବଂ ନକଲି ନାମ ସାମିଲ କରାଯାଇଥିଲା। ସାମ୍ବିଧାନିକ ଗ୍ୟାରେଣ୍ଟି ଉପରେ ଆକ୍ରମଣ କରାଯାଇଥିଲା। ଧାରା ୩୨୬ ଏବଂ ୩୨୪ର ଉଲ୍ଲଙ୍ଘନ କରାଯାଇଥିଲା। କୌଣସି ସ୍ୱାଧୀନ ସମୀକ୍ଷା ବିନା ଭୋଟର ତାଲିକା ସମୀକ୍ଷା କିମ୍ବା ଚୂଡ଼ାନ୍ତ ନ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଦାବି କରିଥିଲେ।

## ମହୁଆରୁ ଲଢ଼ିବେ ତେଜପ୍ରତାପ

ପାଟନା, ୧୩।୧୦(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନ ପାଇଁ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ ନିଜ ପାର୍ଟି ଜନଶକ୍ତି ଜନତା ଦଳର ଏକ ୨୧ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ଏଥିରେ ସେ ନିଜେ ମହୁଆ ନିର୍ବାଚନମଣ୍ଡଳୀରେ ଲଢ଼େଇ କରିବେ ବୋଲି ଘୋଷଣା କରିଛନ୍ତି। ଫଳରେ ବିହାର ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ମହୁଆ ସିଟ୍‌ରୁ ତେଜପ୍ରତାପ ପୂର୍ବରୁ ମଧ୍ୟ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଜାରି କରାଯାଇଥିବା ଏହି ପ୍ରାର୍ଥୀ ତାଲିକାରେ ଏକାଧିକ ନୂଆ ଓ ଯୁବ ଚେହେରାଙ୍କୁ ସାମିଲ କରାଯାଇଛି।

# ଗାଜା ଚୁକ୍ତି ବିରୋଧରେ ଜଳୁଛି ପାକିସ୍ତାନ

## ପୁଲିସ ଗୁଳିରେ ୨୦୦ ମୃତ, ୧୫୦୦ ଆହତ

**ଇସଲାମାବାଦ୍, ୧୩।୧୦ (ଏଜେନ୍ସି):** ପାକିସ୍ତାନରେ ଗାଜା ଶାନ୍ତି ଚୁକ୍ତି ଯୋଜନାକୁ ବିରୋଧ କରି ଗତ ୫ ଦିନ ହେବ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଏହି ବିକ୍ଷୋଭ ଏବେ ଉଗ୍ର ହିଂସାର ରୂପ ନେଇଛି। ପୁଲିସ ବିକ୍ଷୋଭକାରୀଙ୍କ ଉପରକୁ ଗୁଳି ଚଳାଇଛି। ଏଥରେ ୨୦୦ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୫୦୦ ଲୋକ ଆହତ ହୋଇଛନ୍ତି।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗାଜା ଶାନ୍ତି ଯୋଜନାକୁ ପାକିସ୍ତାନ ପ୍ରଥମେ ସମର୍ଥନ କରିଥିଲା। ଏହାକୁ ନେଇ ପାକିସ୍ତାନରେ ବିଭିନ୍ନ ରାଜନୈତିକ ଦଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦ ଜଣାଇ ତେହେରିକ-ଇ- ଲାବେକ ପାର୍ଟି (ଟିଏଲ୍‌ପି) ରାଜଧାନୀ ଇସଲାମାବାଦ ଘେରାଉ କରିଛି। ଏହାର ଲକ୍ଷାଧିକ ସମର୍ଥକ ଇସଲାମାବାଦରେ ଆମେରିକାର ଦୂତାବାସ ସମ୍ମୁଖରେ ବିକ୍ଷୋଭ କରିବାକୁ ଯୋଜନା କରିଥିଲେ। କିନ୍ତୁ ପ୍ରଶାସନ ଏଥିପାଇଁ ଅନୁମତି



ନଦେବାରୁ ସେମାନେ ଇସଲାମାବାଦ ବାହାରେ ଅଟକି ରହିଛନ୍ତି। ବିକ୍ଷୋଭକାରୀ ହିଂସାରେ ମାତିଥିବାରୁ ସେମାନଙ୍କୁ ଅଟକାଇବାକୁ ଯାଇ ପୁଲିସ ପକ୍ଷରୁ ଗୁଳିମାଡ଼ କରାଯାଇଛି। ଏଥିରେ ୨୦୦ ଲୋକ ନିହତ ହୋଇଥିବା ଟିଏଲ୍‌ପି ଦାବି କରିଛି। ସଂଗଠନର ମୁଖ୍ୟ ସାଦ ହୁସେନ ରିଜ୍‌ଭି ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେ ଲାହୋରରୁ ଇସ୍‌ଲାମାବାଦ୍ ପର୍ଯ୍ୟନ୍ତ ଇସ୍ରାଏଲ ବିରୋଧୀ ବିକ୍ଷୋଭର ନେତୃତ୍ୱ ନେଉଥିବା ବେଳେ ପୁଲିସ ଗୁଳିରେ ଆହତ ହୋଇଛନ୍ତି। ତାଙ୍କୁ ନିକଟସ୍ଥ ମେଡିକାଲ ସେଣ୍ଟରକୁ ନିଆଯାଇଛି ଓ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ତେବେ ଏହି ଘଟଣା କେଉଁଠି ହୋଇଛି, କେତେ ସଂଖ୍ୟାରେ ଲୋକ ମରିଛନ୍ତି ସେ ନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ସଂଘର୍ଷରେ ଦୁଇଜଣ ପୁଲିସ ଅଧିକାରୀ ମଧ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି।

## ଗାଜାରେ ହମାସ୍-ଆଦିବାସୀ ସଂଘର୍ଷ

### ୬୪ ମୃତ, ପାଲେଷ୍ଟାଇନ୍ ସାମ୍ବାଦିକ ନିହତ

**ଗାଜା ସିଟି, ୧୩।୧୦(ଏଜେନ୍ସି):** ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଅସ୍ତ୍ରବିରତି ଲାଗୁ ହେବା ପରେ ଶାନ୍ତି ପ୍ରତିଷ୍ଠାର ବାଟ ଫିଟିଛି। କିନ୍ତୁ ଏତିକିବେଳେ ଆଉ ଏକ ସଂଘର୍ଷର ସୂତ୍ରପାତ ହୋଇଛି। ଗାଜା ସିଟିରେ ରବିବାର ହମାସ ଓ ଦୋଘମୁଶ ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଯୋଗୁଁ ୬୪ ଜଣ ମୃତ୍ୟୁବରଣ କରିଛନ୍ତି। ଏଥିରେ ୫୨ ଦୋଘମୁଶ ଓ ୧୨ ଜଣ ହମାସ ଯୋଦ୍ଧା ସାମିଲ ରହିଛନ୍ତି। ହମାସର ବରିଷ୍ଠ ଅଧିକାରୀ ବାସେମ ନାଇମ୍ ଏହି ସଂଘର୍ଷରେ ମୃତ୍ୟୁବରଣ କରିଛନ୍ତି। ପାଲେଷ୍ଟାଇନ୍ ସମ୍ବାଦିକ ସାଲେହ ଅଲଜାଫ୍ରାଇ ମଧ୍ୟ ଗୁଳିର ଶିକାର ହୋଇ ପ୍ରାଣ ହରାଇଛନ୍ତି। ଏଥିସହ ଗାଜା ଯୁଦ୍ଧରେ ଏପର୍ଯ୍ୟନ୍ତ ୨୭୦ ସାମ୍ବାଦିକ ପ୍ରାଣ ହରାଇଲେଣି। ସବ୍ରା ଅଞ୍ଚଳରେ ଥିବା ଦୋଘମୁଶ ଆଦିବାସୀଙ୍କ ଠିକଣା ଉପରେ ହମାସ ଆକ୍ରମଣ କରିବାର ଏହି ସଂଘର୍ଷର ସୂତ୍ରପାତ ହୋଇଥିଲା। ଅସ୍ତ୍ରବିରତି ଲାଗୁ ହେବାର ଫାଇଦା ଉଠାଇ ହମାସ ଯୋଜନାବଦ୍ଧ ଭାବେ ଏହି ଆକ୍ରମଣ କରିଥିଲା। ଯେଉଁ ମିଲିସିଆ ସଦସ୍ୟ ଓ ଅପରାଧୀ ଏହି ରକ୍ତପାତରେ ସାମିଲ ନାହାନ୍ତି ସେମାନେ ରବିବାର ସୁଦ୍ଧା ଆତ୍ମସମର୍ପଣ କରିବାକୁ ହମାସ ନିର୍ଦ୍ଦେଶ ଦେଇଛି।

## ପୁଲିସ ଏସ୍ଆଇ ଚାକିରି ବେପାର

# ବେନାମୀ ଆକାଉଣ୍ଟରେ କୋଟିକୋଟି ଟଙ୍କା କାରବାର

**ଭୁବନେଶ୍ୱର,୧୩।୧୦(ସମିସ):** ପୁଲିସ ଏସ୍ଆଇ ଚାକିରି ବେପାର ଘଟଣାର ତଦନ୍ତ ଯେତେ ଗହୀରକୁ ଯାଉଛି, ସେତେସେତେ ନୂଆ କେଳେଙ୍କାରୀ ଠାବ ହେଉଛି। ଏହି ସମଗ୍ର ଘଟଣାରେ ଶଙ୍କର ପୃଷ୍ଟି ଓ ତାର ସହଯୋଗୀ ମୁନ୍ନା ମହାନ୍ତିକୁ କାର୍ପଟଦାର କୁହାଯାଉଥିଲେ ହେଁ କିଛି ପ୍ରଭାବଶାଳୀଙ୍କ ସମ୍ପୃକ୍ତି ଏହି ଘଟଣାରେ ଥିବା କ୍ରମଶଃ ସ୍ପଷ୍ଟ ହେଉଛି । ଶଙ୍କର ଓ ମୁନ୍ନା ମହାନ୍ତି ତାଙ୍କ ଆକାଉଣ୍ଟରୁ ଦୁଇଟି ବେନାମୀ ଆକାଉଣ୍ଟକୁ କୋଟି କୋଟି ଟଙ୍କା ପଠାଇଥିବାର ତଥ୍ୟ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି । ଉଭୟ ଦେଶ ଛାଡ଼ି ଚାଲିଯିବା ଆଶଙ୍କାରେ ଉଭୟଙ୍କ ନାମରେ ଲୁକଆଉଟ୍ ସର୍କୁଲାର ଜାରି ସହ ବ୍ୟୁରୋ ଅଫ୍ ଇମିଗ୍ରେସନକୁ ଅବଗତ କରିଛି କ୍ରାଇମବ୍ରାଞ୍ଚ । ଏହା ସହ ଦୁଇ ଅଭିଯୁକ୍ତଙ୍କ ଫଟୋ ରେଲୱେ ଷ୍ଟେସନ,ଏୟାରପୋର୍ଟ ଓ ଅନ୍ୟ ସ୍ଥାନରେ ଲଗାଯିବା ସହ ଦୁହିଁଙ୍କ ସମ୍ପର୍କରେ ଖବର ମିଳିଲେ କ୍ରାଇମ୍ବ୍ରାଞ୍ଚ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

୨ଟି ବ୍ୟାଙ୍କ ଆକାଉଣ୍ଟକୁ ମୁନ୍ନା ଓ ଶଙ୍କର କୋଟି କୋଟି ଟଙ୍କା ପଠାଇଥିବା ସୂଚନା ମିଳିବା ପରେ କ୍ରାଇମବ୍ରାଞ୍ଚ ଏ ସଂକ୍ରାନ୍ତ ତଦନ୍ତକୁ ଜୋରଦାର କରିଛି। ଏହି ଦୁଇ ବେନାମୀ ଆକାଉଣ୍ଟ କାହାର ଓ କଣ ପାଇଁ

■ ଟଙ୍କା ପଠାଇଛନ୍ତି ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପୃଷ୍ଟି ଓ ତାଙ୍କ ସହଯୋଗୀ ମୁନ୍ନା
■ ଶଙ୍କର ଓ ସହଯୋଗୀ ମୁନ୍ନା ନାମରେ ଲୁକ୍ ଆଉଟ୍ ଜାରିକଲା କ୍ରାଇମବ୍ରାଞ୍ଚ

ଏହି ଟଙ୍କ ପଠାଯାଇଛି ତାହାର ଖୋଳତାଡ଼ ଆରମ୍ଭ ହୋଇଛି। ଏଥିନିମନ୍ତେ ସଂପୃକ୍ତ ଆକାଉଣ୍ଟର ତଥ୍ୟ ଦେବା ପାଇଁ ବ୍ୟାଙ୍କକୁ ଚିଠି ଲେଖାଯାଇଛି। ପୁଲିସ ଏସ୍ଆଇ ଚାକିରି ବିକ୍ରି ଘଟଣାରେ ଆଶାୟୀଙ୍କଠାରୁ ଅଗ୍ରୀମ ୫ରୁ ୧୦ ଲକ୍ଷ ଟଙ୍କା ଲେଖାଏଁ ନିଆଯାଇଥିଲା । ପରୀକ୍ଷା ଫଳ ପ୍ରକାଶ ପରେ ଅବଶିଷ୍ଟ ଅର୍ଥ ପ୍ରଦାନ ପାଇଁ ସର୍ତ୍ତ ରହିଥିଲା। ୧୧୪ ଜଣ ଆଶାୟୀ ଧରା ପଡ଼ିଥିବାବେଳେ ପୂର୍ବରୁ ତାଲିମ ପାଇଁ ଯାଇଥିବା ୩୦୦ରୁ ଊର୍ଦ୍ଧ୍ୱ ଆଶାୟୀ ଧରାଛୁଆଁରୁ ବାହାରେ । ଏହିକ୍ରମରେ ପରୀକ୍ଷା ପୂର୍ବରୁ କେବଳ ଅଗ୍ରୀମ ବାବଦରେ ପ୍ରାୟ୨୦ କୋଟିରୁ ୩୦ କୋଟି ଟଙ୍କା ଆଦାୟ କରାଯାଇଥିବା ଆଶଙ୍କା କରାଯାଉଛି। କିଛି ଅର୍ଥ ନଗଦ ସଂଗ୍ରହ ହୋଇଥିବାବେଳେ କିଛି ଅର୍ଥ ଅନଲାଇନ୍ ଓ ୟୁପିଆଇ ଯୋଗେ ଆଦାୟ ହୋଇଛି। ତେଣୁ ଏହାକୁ ଦୃଷ୍ଟିରେ ରଖି କ୍ରାଇମବ୍ରାଞ୍ଚ ତଦନ୍ତ ଚଳାଇଛି।

ଅନ୍ୟପକ୍ଷରେ ଚାକିରିକୁ ନେଇ ଅର୍ଥ କାରବାର ହୋଇଥିବାରୁ ଘଟଣାର ତଦନ୍ତକୁ ତ୍ୱରାନ୍ୱିତ କରିବାକୁ କ୍ରାଇମବ୍ରାଞ୍ଚ ଇଡ଼ିକୁ ଚିଠି ଲେଖିବ ବୋଲି ସୂଚନା ମିଳିଛି। ଭବିଷ୍ୟତ ଓ ଚାକିରି ବାଜିରେ ଲାଗିବା ପରେ ଗିରଫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଅନେକ ପ୍ରାର୍ଥୀ ଭୟରେ ପାଟି ଖୋଲୁ ନାହାନ୍ତି । ଦଲାଲ ମାଧ୍ୟମରେ ଦେଇଥିବା ଟଙ୍କା କେମିତି ଫେରି ପାଇବେ ତାହାକୁ ନେଇ ଚିନ୍ତାରେ ଅଛନ୍ତି। ତେବେ ଏହି ଘଟଣାରେ ଏଯାବତ୍ କ୍ରାଇମବ୍ରାଞ୍ଚ ପରୀକ୍ଷା ପରିଚାଳନା ନେଇଥିବା ଠିକା ସଂସ୍ଥା ଆଇଟିଆଇ ଲିଃ ଓ ସିଲିକନ୍ ନିକଟରେ ପହଞ୍ଚି ପାରିନାହିଁ। ଆଇଟିଆଇ ଲିମିଟେଡ୍ କାହିଁକି ବାରମ୍ବାର ନିଜର ପାର୍ଟନରଜର ପରିବର୍ତ୍ତନ କରୁଥିଲା ଓ ଏଥିପାଇଁ କିଏ ଅନୁମତି ଦେଉଥିଲା ତାହା ମଧ୍ୟ ଖୋଳତାଡ଼ କରିନାହିଁ। ଏପରିକି ଓପିଆରବିର ଭୂମିକାକୁ ମଧ୍ୟ ନିଜର ତଦନ୍ତ ପରିସରକୁ ଆଣିପାରିନାହିଁ। ଏହି ପରୀକ୍ଷା କେଳେଙ୍କାରୀ ମାମଲାରେ ୫ ଲକ୍ଷରୁ ଊର୍ଦ୍ଧ୍ୱରୁ ଟଙ୍କା ଜବତ ହୋଇଥିବା ନେଇ ତଦନ୍ତକାରୀ ଟିମ୍ ସୂଚନା ଦେଇଛି। କ୍ରାଇମବ୍ରାଞ୍ଚର ଏକ ଟିମ୍ ଏବେବି ୭ଟି ରାଜ୍ୟକୁ ଯାଇ ଖୋଳତାଡ ଜାରି ରଖିଛି।

## ପଶ୍ଚିମବଙ୍ଗରେ ଓଡ଼ିଶା ଛାତ୍ରୀଙ୍କୁ ଗଣଦୁଷ୍କର୍ମ

# ସମସ୍ତ ୫ ଅଭିଯୁକ୍ତ ଗିରଫ

**କୋଲକାତା,୧୩।୧୦:** ପଶ୍ଚିମ ବଙ୍ଗର ଦୁର୍ଗାପୁରରେ ଜଳେଶ୍ୱରର ମେଡିକାଲ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ସମସ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ । ଗତକାଲି ତିନି ଜଣ ଧରାପଡ଼ିଥିବା ବେଳେ ଆଜି ଆଉ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ଏହି ଦୁଇ ଅଭିଯୁକ୍ତ ହେଲେ ସଦ୍ଦାମ ଏବଂ ସଫିକୁଲ। ସେମାନଙ୍କୁ କୋର୍ଟରେ ହାଜର କରାଯିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏହାସହିତ ଏହି ଜଘନ୍ୟ କାଣ୍ଡରେ ଲିପ୍ତ ଥିବା ସମସ୍ତ ୫ ଜଣ ଅଭିଯୁକ୍ତ ଗିରଫ

■ ଦୁର୍ଗାପୁର ଗଲେ ଓଡ଼ିଶା ମହିଳା କମିସନ ଅଧ୍ୟକ୍ଷା
■ ରିପୋର୍ଟ ମାଗିଲେ ଜାତୀୟ ମହିଳା କମିସନ

ହୋଇଛନ୍ତି ବୋଲି ଦୁର୍ଗାପୁର ପୁଲିସ ପକ୍ଷରୁ କୁହାଯାଇଛି । ତେବେ ସନ୍ଦେହ ଘେରରେ ଥିବା ପୀଡ଼ିତା ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ଏବେ ବି ପୁଲିସ ଅଟକ ରଖି ପଚରାଉଚରା ଚଳାଇଛି । ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ଡିଜି କହିଛନ୍ତି ।

ଇତିମଧ୍ୟରେ ଓଡ଼ିଶା ମହିଳା କମିସନ ଅଧ୍ୟକ୍ଷା ଶୋଭନା ମହାନ୍ତି ଆଜି ଦୁର୍ଗାପୁର ଯାଇଛନ୍ତି। ସେ ପୀଡ଼ିତାଙ୍କ ପିତାମାତାଙ୍କୁ ଭେଟିବା ସହିତ ସ୍ଥାନୀୟ ପୁଲିସ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ତେବେ ପୀଡ଼ିତା ଛାତ୍ରୀଙ୍କୁ ଭେଟିବା ଲାଗି ତାଙ୍କୁ ହସପିଟାଲ ଯିବାକୁ ଅନୁମତି ଦିଆଯାଇନଥିବା ଜଣାପଡ଼ିଛି । ଓଡ଼ିଶା ସରକାର ପଠାଇଥିବା ଏକ ପ୍ରତିନିଧି ଦଳ ମଧ୍ୟ ଦୁର୍ଗାପୁର ଯାଇଛନ୍ତି । କିନ୍ତୁ ସେମାନଙ୍କୁ ହସପିଟାଲ ଭିତରକୁ ଛାଡ଼ିବାକୁ ପୁଲିସ ମନା କରିଦେଇଛି । ପୀଡ଼ିତା ଛାତ୍ରୀଙ୍କର ଚିକିତ୍ସା ଚାଲିଥିବାରୁ ବାହାର ଲୋକଙ୍କୁ ଭେଟିବାଲାଗି ଅନୁମତି ଦିଆଯାଉ ନାହିଁ ବୋଲି ପୁଲିସ କହିଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ ପୀଡ଼ିତା ଛାତ୍ରୀଙ୍କର ଡାକ୍ତରୀ ରିପୋର୍ଟ ଆସିଛି ଏବଂ ଦୁଷ୍କର୍ମର ଶିକାର ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି ।

ଇତିମଧ୍ୟରେ ଛାତ୍ରୀଙ୍କ ପିତା କହିଛନ୍ତି ଯେ ତାଙ୍କ ଝିଅ ପଶ୍ଚିମ ବଙ୍ଗରେ ନିରାପଦ ନୁହେଁ। ମାଜିଷ୍ଟ୍ରେଟଙ୍କ ଆଗରେ ବୟାନ ଦେବାପରେ ସେ ତାଙ୍କୁ ଘରକୁ ନେଇଯିବେ। ଆଜି ସେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଭେଟି ଏସଂପର୍କରେ ଆଲୋଚନା କରିଛନ୍ତି । ରାଜ୍ୟପାଳ ମଧ୍ୟ ଆଜି ଦୁର୍ଗାପୁର ହସପିଟାଲ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ମହିଳା କମିସନ ମଧ୍ୟ ଏହି ଘଟଣାରେ ପଶ୍ଚିମ ବଙ୍ଗ ପୁଲିସ ଡିଜିଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଗତ ଶୁକ୍ରବାର ରାତିରେ ଜଳେଶ୍ୱରର ଏହି ଏମବିବିଏସ୍ ଛାତ୍ରୀ ନିଜର ପୁରୁଷ ବନ୍ଧୁଙ୍କ ସହିତ କଲେଜ କ୍ୟାମ୍ପସ ବାହରରକୁ ଯାଇଥିବା ବେଳେ ୫ ଜଣ ଦୁବୃତ୍ତ ତାଙ୍କୁ ଟେକିନେଇ ଦୁଷ୍କର୍ମ କରିଥିଲେ ।

# ରତ୍ନଭଣ୍ଡାର ଗଣତି ମଣତିକୁ ନେଇ ଭୂଆଁ ବୁଲାଉଛନ୍ତି ସରକାର: ବିଜେଡି

**ଭୁବନେଶ୍ୱର,୧୩।୧୦(ସମିସ):** ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତିକୁ ନେଇ ନିର୍ବାଚନ ବେଳେ ବିଜେପି ଦେଇଥିବା ପ୍ରତିଶ୍ରୁତି ସରକାରକୁ ଆସିଲା ପରେ ଭୁଲି ଯାଇଛି। ତେଣୁ ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ରାଜ୍ୟ ବିଜେପି ସରକାରର ମନ୍ଦ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଛି ବୋଲି ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି ।

■ ରତ୍ନଭଣ୍ଡାରକୁ ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ମନ୍ଦ
■ ସନ୍ଦେହ ଘେରରେ ମହାପ୍ରଭୁଙ୍କ ରତ୍ନ ସ୍ଥାନାନ୍ତରଣ ପ୍ରକ୍ରିୟା

ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ, ସରକାରକୁ ଆସିବାର ୧୬ ମାସ ପରେ ମଧ୍ୟ ରାଜ୍ୟ ବିଜେପି ସରକାର ରତ୍ନଭଣ୍ଡାର ଗଣତି ମଣତି ନେଇ ଲୋକଙ୍କୁ ଭୂଆଁ ବୁଲାଉଛନ୍ତି। ରତ୍ନଭଣ୍ଡାରକୁ ନେଇ ନିର୍ବାଚନ ସମୟରେ ରାଜ୍ୟ ବିଜେପି ବିଭିନ୍ନ ଅପପ୍ରଚାର କରିଥିଲା; ଇତିମଧ୍ୟରେ ୧୬ ମାସ ବିତିଥିଲେ ବି ବିଭିନ୍ନ ଆଳ ଦେଖାଇ ସରକାର ଆଜିଯାଏ ଗଣତି ମଣତି କରିପାରି ନାହାନ୍ତି। ରତ୍ନଭଣ୍ଡାର ମରାମତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଅନୁମତି ମାଗିଥିଲେ ମଧ୍ୟ, ଟାଳଟୁଳ ନୀତି ଅବଲମ୍ବନ କରି ପରିଶେଷରେ ୨୦୨୩ ମସିହାରେ କେନ୍ଦ୍ର ସରକାର ଏଏସ୍ଆଇକୁ ମରାମତି ପାଇଁ ଅନୁମତି ପ୍ରଦାନ କରିଥିଲେ। ତତ୍କାଳୀନ ବିଜେଡି ସରକାର ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ରତ୍ନଭଣ୍ଡାରର ମରାମତି ଓ ଗଣତି ମଣତି ପାଇଁ ପଦକ୍ଷେପ ନେଇଥିଲେ। ରାଜ୍ୟରେ ବିଜେପି ସରକାର ଆସିଲା ପରେ ଜଷ୍ଟିସ୍ ପଶାୟତଙ୍କ ସ୍ଥାନରେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ନେଇ ପୁଣି କମିଟି ଗଠନ କଲେ; କିନ୍ତୁ ଏଯାଏଁ ଏହି କମିଟି କେବଳ ରତ୍ନଭଣ୍ଡାରର ସ୍ଥାନାନ୍ତରଣ ଛଡ଼ା ଗଣତି ମଣତି ପାଇଁ



କୌଣସି କାର୍ଯ୍ୟ କରିନାହାନ୍ତି। ଯେହେତୁ ସ୍ୱଚ୍ଛତାର ସହ ଏହି ରତ୍ନ ସ୍ଥାନାନ୍ତରଣ ପ୍ରକ୍ରିୟା ହୋଇନାହିଁ ଏବଂ ଏନେଇ ରାଜ୍ୟବାସୀ ଅନ୍ଧାରରେ ଅଛନ୍ତି, ଲୋକଙ୍କ ମନରେ ସ୍ୱାଭାବିକ ଭାବେ ଏହି ସ୍ଥାନାନ୍ତରଣ ପ୍ରକ୍ରିୟା ସମୟରେ ଶ୍ରୀଜୀଉଙ୍କ ବହୁମୂଲ୍ୟ ରତ୍ନ ଲୁଟ୍ ହୋଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ଅବିଳମ୍ବେ ସରକାର ରତ୍ନଭଣ୍ଡାରର ଗଣତି ମଣତି ସ୍ୱଚ୍ଛତାର ସହ ସମ୍ପାଦନ କରି ଜନସାଧାରଣଙ୍କ ନିକଟରେ ଏ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରନ୍ତୁ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଭୁଜାଲିରେ ହାଣିଲେ, ବନ୍ଧୁକ ଦେଖାଇ ଲୁଟିଲେ

**କପ୍ତିପଦା,୧୩।୧୦(ସମିସ):** ଘରେ ପଶି ଭୁଜାଲିରେ ହାଣିଲେ ଏବଂ ବେକରେ ବନ୍ଧୁକ ଲଗାଇ ଘରୁ ଟଙ୍କା, ସୁନା ଅଳଙ୍କାର ଲୁଟିନେଲେ। ଗଲା ବେଳେ ବାହାରୁ ସ୍ୱାମୀ-ସ୍ତ୍ରୀଙ୍କୁ ତାଲା ପକାଇଦେଲେ। କପ୍ତିପଦା ଥାନା ଝିଙ୍କପଦା ଗ୍ରାମରେ ଗତକାଲି ସଂଧ୍ୟାରେ ଏଭଳି ଏକ ବଡ଼ ଧରଣର ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଗ୍ରାମର କାର୍ତ୍ତିକେଶ୍ୱର ସାହୁ। ଶ୍ରୀ ସାହୁ ଏ ସଂପର୍କରେ ଆଜି କପ୍ତିପଦା ଥାନାରେ ଅଭିଯୋଗ କରିବାରୁ ପୁଲିସ ତଦନ୍ତ ଆରମ୍ଭ କରିଛି।

ଗତକାଲି ସଂଧ୍ୟାରେ କାର୍ତ୍ତିକେଶ୍ୱର ଓ ତାଙ୍କ ସ୍ତ୍ରୀ ଘରେ ଥିବା ବେଳେ ହଠାତ୍ ୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଭୁଜାଲି ଏବଂ ବନ୍ଧୁକ ଧରି ଘର ଭିତରକୁ ପଶି ଆସିଥିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ଟିଭି ଦେଖୁଥିବା କାର୍ତ୍ତିକେଶ୍ୱରଙ୍କ ହାତକୁ ଭୁଜାଲିରେ ହାଣିବା ସହ ବେକରେ ବନ୍ଧୁକ ଲଗାଇ ଦେଇଥିଲେ। ଆଉ ଦୁଇଜଣ ଦୁର୍ବୃତ୍ତ ରୋଷେଇ କରୁଥିବା କାର୍ତ୍ତିକେଶ୍ୱରଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ଭୁଜାଲିରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ପରେ ସେମାନେ ଆଲମିରା, ଖଟ ଆଦି ଭାଙ୍ଗିବା ସହିତ ସେଥିରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ନଗଦ ୧୫ହଜାର ଟଙ୍କା ଓ ଅନ୍ନପୂର୍ଣ୍ଣା ପିନ୍ଧିଥିବା ସୁନାଚେନ୍ ମଧ୍ୟ ଲୁଟିନେଇ ପଳାଇଥିଲେ। ଲୁଟିବା ପରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ଦୁର୍ବୃତ୍ତମାନେ ଏକ ଘର ଭିତରେ ସେମାନଙ୍କୁ ବନ୍ଦ କରିଦେଇ ଫେରାର୍ ହୋଇଯାଇଥିଲେ।

# ଓଡ଼ିଶା ଛାଡ଼ିଲା ମୌସୁମୀ

## ଆଣିଥିଲା ୧୬ଟି ଲଘୁଚାପ, ୫ ଅବପାତ

**ଭୁବନେଶ୍ୱର,୧୩।୧୦(ସମିସ):** ସାଧାରଣ ଭାବେ ଓଡ଼ିଶାରୁ ଅକ୍ଟୋବର ୧୦-୧୫ ମଧ୍ୟରେ ମୌସୁମୀ ଅପସାରଣ ହୋଇଥାଏ। ଚଳିତ ବର୍ଷ ରାଜ୍ୟକୁ ସ୍ୱମୌସୁମୀ ଯଥେଷ୍ଟ ଆଗୁଆ ଆସିଥିଲେ ମଧ୍ୟ ରାଜ୍ୟରୁ ସ୍ୱାଭାବିକ ସମୟରେ ପ୍ରତ୍ୟାବର୍ତ୍ତନ କରିଛି। ପ୍ରଥମ ଦିନରେ ଉତ୍ତର ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରୁ ମୌସୁମୀ ବିଦାୟ ନେଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଆଦିରୁ ସମ୍ପୂର୍ଣ୍ଣ ଅପସାରଣ ହୋଇଯାଇଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର ଅଧିକାଂଶ ଅଞ୍ଚଳ ଏବଂ ନୂଆପଡ଼ା, ସୋନପୁର, ବରଗଡ଼ ଓ ବାଲେଶ୍ୱରର କିଛି ଅଞ୍ଚଳରୁ ଅପସାରଣ ହୋଇଛି। ମୌସୁମୀ ପ୍ରତ୍ୟାବର୍ତ୍ତନ ଯୋଗୁଁ ଏହି ସବୁ ଅଞ୍ଚଳରେ ଦୁଇ ଦିନ ହେବ ବର୍ଷା କମିଯାଇଥିବା ବେଳେ ଆଗକୁ ମଧ୍ୟ ଏଠାରେ ଶୁଖିଲା ପାଗ ଜାରି ରହିବାର ସମ୍ଭାବନା ରହିଛି। ଅନ୍ୟପଟେ ୨-୩ ଦିନ ମଧ୍ୟରେ ରାଜ୍ୟର ବାକି ଅଞ୍ଚଳରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ହୋଇଯିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

**ସଅଳ ଆସିଲା, ସ୍ୱାଭାବିକ ସମୟରେ ପ୍ରତ୍ୟାବର୍ତ୍ତନ**

ଅନ୍ୟପଟେ ପାଣିପାଗ ବିଭାଗର ତଥ୍ୟକୁ ଦେଖିଲେ ଗଲା ୩ ବର୍ଷ ହେବ ରାଜ୍ୟରୁ ମୌସୁମୀ ୧୩ ଅକ୍ଟୋବରରେ ପ୍ରତ୍ୟାବର୍ତ୍ତନ ହେଉଥିବା ଦେଖାଯାଇଛି। ୧୦ ବର୍ଷ ମଧ୍ୟରେ ୨୦୧୮ରେ ସବୁଠୁ ଆଗୁଆ ଅର୍ଥାତ ମୌସୁମୀ ୫ ଅକ୍ଟୋବରରେ ଓଡ଼ିଶା ଛାଡ଼ିଥିବା ବେଳେ ୨୦୨୦ରେ ସବୁଠୁ ବିଳମ୍ବ ଅର୍ଥାତ ୨୬ ଅକ୍ଟୋବରରେ ମୌସୁମୀ ଓଡ଼ିଶାରୁ ବିଦାୟ ନେଇଥିଲା। ସାଧାରଣ ଭାବେ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବାର ୨-୩ ଦିନ ମଧ୍ୟରେ ସାରା ଓଡ଼ିଶାରୁ ଅପସାରଣ ହୋଇଯାଉଥିବାରୁ ଚଳିତ ବର୍ଷ ମଧ୍ୟ ୧୫ ସୁଦ୍ଧା ମୌସୁମୀ ସାରା ଓଡ଼ିଶାରୁ ବିଦାୟ ନେଇ ଯିବାର ସମ୍ଭାବନା ରହିଛି।

ରାଜ୍ୟକୁ ଜୁନ୍ ଦ୍ୱିତୀୟ ସପ୍ତାହ ବେଳକୁ ମୌସୁମୀ ଅଗ୍ରସର ହୋଇଥାଏ। ହେଲେ ଚଳିତ ବର୍ଷ ସ୍ୱାଭାବିକ ସମୟର ଯଥେଷ୍ଟ ପୂର୍ବରୁ ଅର୍ଥାତ ମେ' ୨୬ରେ ଦକ୍ଷିଣ ପଶ୍ଚିମ ମୌସୁମୀ ଓଡ଼ିଶା ପ୍ରବେଶ କରିଥିଲା। ଏଥର ମୌସୁମୀ ୪ ମାସ ଅର୍ଥାତ ଜୁନ୍-ସେପ୍ଟେମ୍ବର ମଧ୍ୟରେ ୧୧୫୦.୯ ମିମି ବର୍ଷା ରେକର୍ଡ ହୋଇଛି। ଯାହାକି ରାଜ୍ୟରେ ସ୍ୱାଭାବିକ ବର୍ଷାକୁ ସୂଚାଉଛି। ମୌସୁମୀର ପ୍ରଭାବ ମଧ୍ୟରେ ବଙ୍ଗୋପସାଗର ଓଡ଼ିଶାକୁ ପ୍ରଭାବିତ କରିଥିବା ସ୍ଥଳଭାଗକୁ ମିଶାଇ ମୋଟ୍ ୧୬ ଟି ଲଘୁଚାପ ହୋଇଥିଲା। ଏଥି ମଧ୍ୟରୁ ୫ ଟି ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତ/ଗଭୀର ଅବପାତରେ ମଧ୍ୟ ପରିଣତ ହୋଇଥିଲା। ଏହାଦ୍ୱାରା ଚଳିତ ବର୍ଷ ରାଜ୍ୟର ଉତ୍ତର ଓଡ଼ିଶାରେ ପ୍ରାୟ ୬ ଥର ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ବେଳେ ମହାନଦୀରେ ମଧ୍ୟ ଦୁଇ ଥର ଛୋଟ ଧରଣର ବନ୍ୟା ଆସିଥିଲା।

■ ଜେଲ୍ ପାଚେରି ଡେଇଁ ୨ କଏଦୀ ଫେରାର୍ ଘଟଣା

# ବଦଳିଲେ ଚୌଦ୍ୱାର ସର୍କଲ ଜେଲର୍

**କଟକ, ୧୩।୧୦ (ସମିସ):** ଚୌଦ୍ୱାର ସର୍କଲ ଜେଲ୍‌ର ଜେଲର୍ ସନ୍ତୋଷିନୀ ଦାଶଙ୍କୁ କଣ୍ଟାବାଞ୍ଜି ସବ୍‌ଜେଲକୁ ବଦଳି କରାଯାଇଛି । ତାଙ୍କ ସ୍ଥାନରେ କଣ୍ଟାବାଞ୍ଜି ଜେଲର୍ ତଥା ଅଧୀକ୍ଷକ ଥିବା ରଘୁରାଜ ମାଝୀଙ୍କୁ ଅବସ୍ଥାପିତ କରାଯାଇଛି। ଏ ସଂକ୍ରାନ୍ତରେ ଜେଲ୍ ଡିଜିଙ୍କ ପକ୍ଷରୁ ଆଜି ଏକ ବଦଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଗତ ଅକ୍ଟୋବର ୨ ତାରିଖ ବିଳମ୍ବିତ ରାତିରେ କଡ଼ା ପହରା ସତ୍ତ୍ୱେ ଚୌଦ୍ୱାର ଜେଲରୁ ଦୁଇଜଣ କଏଦୀ ଫେରାର୍ ହୋଇଯାଇଥିଲେ। ଯାଜପୁର ଜିଲ୍ଲା ପାଣିକୋଇଲି ଅଞ୍ଚଳରେ ସୁନା ଅଳଙ୍କାର ଦୋକାନ ଚୋରି ଓ ହତ୍ୟା ମାମଲାରେ ଗିରଫ ଦୁଇ କୁଖ୍ୟାତ ଅପରାଧୀ ବିହାରର ରାଜା ସାହାଣୀ ଓ ମଧୁକାନ୍ତ କୁମାର ଗତ ୮ ମାସ ହେବ ଏହି ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ। କିନ୍ତୁ ଦଶହରା ରାତିରେ ସେମାନେ ସମସ୍ତଙ୍କୁ ଚକ୍‌ମା ଦେଇ ରାଜ୍ୟର ଏହି ସର୍ବବୃହତ୍ ଜେଲର ସୁଉଚ୍ଚ ପାଚେରୀ ଡେଇଁ ଫେରାର୍ ହୋଇଯାଇଥିଲେ। ଏହି ଘଟଣା ଜେଲ୍ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଘଟଣାରେ ତୁରନ୍ତ ୨ଜଣ ୱାର୍ଡରଙ୍କୁ ନିଲମ୍ବନ କରାଯାଇଥିଲେ ସୁଦ୍ଧା ଆଉ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଏହି ଘଟଣାର ଦୀର୍ଘ ୧୧ ଦିନ ପରେ ଜେଲର୍‌ଙ୍କୁ ବଦଳି କରାଯାଇଥିବା ଜଣାପଡ଼ିଛି।

# ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପରେ ବାଧକ ହେବନି ଜଙ୍ଗଲ ଜମି

**ଭୁବନେଶ୍ୱର, ୧୩।୧୦ (ସମିସ):** ଜଙ୍ଗଲ ଜମି କିସମ ପରିବର୍ତ୍ତନ ପ୍ରସ୍ତାବଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ଭିତରେ ସରିବା ଦରକାର। ଏଥିପାଇଁ ଏ ସମ୍ପର୍କିତ ସମସ୍ତ ବିଭାଗ ଓ ସଂସ୍ଥାମାନଙ୍କ ସମନ୍ୱୟ ରହିବା ଆବଶ୍ୟକ। ବିଭାଗଗୁଡ଼ିକ ନିଜନିଜ କାମ କରି ସମୟୋପଯୋଗୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନସଚିବ ସତ୍ୟବ୍ରତ ସାହୁ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଯେପରି ଜଙ୍ଗଲ ଜମି କିସମ ପରିବର୍ତ୍ତନ ବାଧକ ସାଜିବନି, ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହାକୁ ଆଧାର କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପିଏମଜି/ପ୍ରଗତି ପୋର୍ଟାଲରେ ଥିବା ମୁଖ୍ୟ ପ୍ରକଳ୍ପଗୁଡ଼ିକର ରାଜ୍ୟ ସରକାର ସ୍ଥିତି ସମୀକ୍ଷା କରିଛନ୍ତି। ଏହି କ୍ରମରେ ବର୍ତ୍ତମାନ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ), ଭାରତୀୟ ରେଳବାଇ, ଓପିଟିସିଏଲ, ଜିଏସଆଇ ଓ ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ମୁଖ୍ୟ ଅବସ୍ଥାପନା ପ୍ରକଳ୍ପଗଡ଼ିକ ପାଇଁ ଜଙ୍ଗଲ ଜମି କିସମ ପରିବର୍ତ୍ତନର ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ଜଙ୍ଗଲ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ନିରାକରଣ ପାଇଁ ସରକାର ଗୁରୁତ୍ୱ ଦେଇଛନ୍ତି। ଏହି ବିଭାଗଗୁଡ଼ିକର କ୍ୟାପିଟାଲ

**ତ୍ୱରିତ କିସମ ପରିବର୍ତ୍ତନ ପାଇଁ ବିଭାଗର ନିର୍ଦ୍ଦେଶ**

ରିଜିଅନ୍ ରିଙ୍ଗ ରୋଡ୍ ପ୍ରକଳ୍ପ, ଦକ୍ଷିଣ-ପୂର୍ବ ରେଳବାଇର ଗୋରୁ-ମହିଷାଣୀ ନୂତନ ରେଳ ଲାଇନ୍, ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ୪-ଜି ଭିତ୍ତିକ ମୋବାଇଲ ସେବା ପ୍ରକଳ୍ପ, ଜିଓଲଜିକାଲ ସର୍ଭେ ଅଫ୍ ଇଣ୍ଡିଆର ଖନନ ଅନୁସନ୍ଧାନ ପ୍ରସ୍ତାବ, ସେଲ୍‌ର କାଲ୍‌ଟା ଆଇରନ ଓର ଖଣି, ଓପିଟିସିଏଲର ଟ୍ରାନ୍ସମିସନ ଲାଇନ୍ ପ୍ରକଳ୍ପ, କଲ୍ୟାଣୀ ଷ୍ଟିଲ୍‌ର ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରସ୍ତାବ ଆଦି ଅନ୍ତର୍ଭୁକ୍ତ ରହିଛି।

ଅତିରିକ୍ତ ମୁଖ୍ୟ ସଚିବ ବୈଠକରେ ଅବଗତ କରାଇଛନ୍ତି ଯେ ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ଅନୁମୋଦନ ପ୍ରକ୍ରିୟାକୁ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ଏହି ପ୍ରକଳ୍ପଗୁଡ଼ିକ ପାଇଁ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ସମସ୍ତ କାର୍ଯ୍ୟ ସକ୍ରିୟ ଭାବେ ସମାଧାନ କରିବାକୁ ଶ୍ରୀ ସାହୁ ସମସ୍ତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଡିଭିଜନ ବନାଞ୍ଚଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସମସ୍ତ ପର୍ଯ୍ୟାୟରେ ନିୟମିତ ନିରୀକ୍ଷଣ ଓ ସହଯୋଗ କରି ଅନାବଶ୍ୟକ ବିଳମ୍ବ ରୋକିବା ପାଇଁ ନୋଡାଲ୍ ଅଫିସରମାନଙ୍କୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ୟୁଜର୍ ଏଜେନ୍ସି ବା ଉପଭୋକ୍ତା ସଂସ୍ଥାମାନେ ମଧ୍ୟ ସେମାନଙ୍କର ସମସ୍ତ ଆବଶ୍ୟକ ଡକ୍ୟୁମେଣ୍ଟ, ମ୍ୟାପ ଓ ତତ୍‌ସମ୍ବନ୍ଧୀୟ ନଥି ଡିଏଫଓଙ୍କ ନିକଟରେ ତ୍ୱରିତ ଭାବେ ଦାଖଲ କରିବେ, ଯାହାଦ୍ୱାରା ପ୍ରକ୍ରିୟା ସମୟ କମିବ ବୋଲି ବିଭାଗ ଆଶା ପ୍ରକଟ କରଛି।

# ୩ ଆଇଏଏସଙ୍କୁ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୧୩।୧୦(ସମିସ):** ରାଜ୍ୟ ସରକାର ସୋମବାର ଆଇଏଏସ ସ୍ତରରେ ଛୋଟଧରଣର ଏକ ଅଦଳବଦଳ କରିଛନ୍ତି। ୩ଜଣ ଆଇଏଏସ୍‌ଙ୍କୁ ବିଭିନ୍ନ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ଆଇଏଏସ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ରାଜ୍ୟ କୃଷି ବିପଣନ, ନିର୍ଦ୍ଦେଶକ ଏବଂ ଓଏସଏଏମ୍ ବୋର୍ଡର ସଦସ୍ୟ ସଚିବ (ଏକ୍ସ-ଅଫିସିଓ) ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଆଇଏଏସ ମୋନିକା ପ୍ରିୟଦର୍ଶିନୀଙ୍କୁ ଓରମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଇଏଏସ୍ ସଞ୍ଜୟ କୁମାର ବିଶ୍ୱାଳଙ୍କୁ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

## ନୂଆଦିଲ୍ଲୀରେ ମହାନଦୀ ସଂସଦ

# ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଜଷ୍ଟିସ ଗୋପାଳ ଗୌଡ଼

**ଭୁବନେଶ୍ୱର,୧୩।୧୦(ସମିସ):** ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବା ଆବଶ୍ୟକ। ଟ୍ରିବ୍ୟୁନାଲ ନୁହେଁ, ମଧ୍ୟସ୍ଥତା ମାଧ୍ୟମରେ ଏହାର ସମାଧାନ ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଗୋପାଳ ଗୌଡ କହିଛନ୍ତି।




ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ନୂଆଦିଲ୍ଲୀରେ ଅନୁଷ୍ଠିତ ମହାନଦୀ ସଂସଦରେ ଯୋଗଦେଇ ଜଷ୍ଟିସ ଗୌଡ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାରଙ୍କ ଦ୍ୱାରା ମାର୍ଚ୍ଚ ୨୦୧୮ ରେ ପ୍ରତିଷ୍ଠିତ ମହାନଦୀ ଟ୍ରିବ୍ୟୁନାଲ ବିବାଦର ସମାଧାନ ଦିଗରେ ଏ ପର୍ଯ୍ୟନ୍ତ କିଛି ପ୍ରଗତି ହୋଇନି। କାବେରୀ ସହ ଅନ୍ୟାନ୍ୟ ନଦୀ ବିବାଦର ଉଦାହରଣ ଦେଇ ଜଷ୍ଟିସ୍ ଗୌଡା କହିଛନ୍ତି ଯେ ଜଳ ବିବାଦର ବିଚାର ବର୍ଷ ବର୍ଷ ଧରି ଚାଲିପାରେ। ମଧ୍ୟସ୍ଥତା ମାର୍ଗରେ ଗଲେ ଦ୍ରୁତ ସମାଧାନ ପ୍ରଦାନ ହୋଇ ପାରିବ ଏବଂ ଉଭୟ ପକ୍ଷଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇପାରେ। ବର୍ତ୍ତମାନ ଓଡ଼ିଶା, ଛତିଶଗଡ ଓ କେନ୍ଦ୍ରରେ ଭାରତୀୟ ଜନତା ପାର୍ଟି ସରକାର ଅଛନ୍ତି। ତେଣୁ ମଧ୍ୟସ୍ଥତା ମାଧ୍ୟମରେ ସମାଧାନର ସମ୍ଭାବନା ଅଧିକ ହୋଇପାରେ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ରାଜ୍ୟସଭା ସାଂସଦ ଏବଂ ସଂସଦର ପିଟିସନ୍ କମିଟିର ଅଧ୍ୟକ୍ଷ ଏନ ଡି ଗୁପ୍ତା କହିଥିଲେ ଯେ ମହାନଦୀ ପ୍ରସଙ୍ଗକୁ ଏକ ଛୋଟ ଜଳ ବିବାଦ ଭାବରେ ବିଚାର କରାଯିବା ଅନୁଚିତ୍। ଏହାର ପ୍ରଭାବ ବହୁତ ବ୍ୟାପକ ଏବଂ ଏହାର ସମାଧାନ ଆନ୍ତରାଜ୍ୟ ଜଳ ବିବାଦର ସମାଧାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ।

ଜଳ ପୁରୁଷ ରାଜେନ୍ଦ୍ର ସିଂ କହିଛନ୍ତି ଯେ ମହାନଦୀ ଆମ ମା' ସଦୃଶ। ମା'କୁ ପଣ୍ୟ ବସ୍ତୁ ଭଳି ବିକ୍ରି କରିବାର ମାନସିକତା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ମହାନଦୀକୁ ମାତ୍ର ୩୦ / ୩୫ଟି କର୍ପୋରେଟ ପରିବାର ନିଜ ଲାଭ ପାଇଁ ବ୍ୟବହାର କରି ୫ କୋଟି ଲୋକଙ୍କୁ ମରଣ ମୁହଁକୁ ଠେଲୁଛନ୍ତି ଓ ଭୟାନକ ପରିବେଶ ଅସନ୍ତୁଳନକୁ ଡାକି ଆଣୁଛନ୍ତି। ସରକାର କର୍ପୋରେଟ ପ୍ରୀତି ଛାଡି ଲୋକଙ୍କ ପ୍ରୀତି ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ମହାନଦୀ ବଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଥିଲେ ଯେ ସଂସଦ ଏହି ବିବାଦର ଶୀଘ୍ର ସମାଧାନ ପାଇଁ ବହୁମୁଖୀ ରଣନୀତି ଗ୍ରହଣ କରିବାକୁ ସଂକଳ୍ପ ନେଇଛି, ଯାହା ଦ୍ୱାରା ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କ ସ୍ୱାର୍ଥ ରକ୍ଷା ହୋଇପାରିବ। ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଏଥିରେ ଯୋଗ ଦେଇ ମହାନଦୀର ସୁରକ୍ଷା ପାଇଁ ଆନ୍ଦୋଳନକୁ ଦିଲ୍ଲୀ ରୁ ପଲ୍ଲୀ ପର୍ଯ୍ୟନ୍ତ ନେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ନଦୀ ଅଧିକାର କର୍ମୀ, ଆଇନଜୀବୀ, ରାଜନେତା, ଚିନ୍ତାନାୟକ, ପୂର୍ବତନ ପ୍ରଶାସନ ଏବଂ ନାଗରିକ ସମାଜ ପ୍ରତିନିଧିମାନେ ମାନେ ଆଜିର ବୈଠକରେ ଯୋଗ ଦେଇଥିଲେ ଏବଂ ସେମାନଙ୍କର ସମର୍ଥନ ଜଣାଇଥିଲେ।

# ଘାସିରାମଙ୍କ ରଥରେ ସାରଥି ଭକ୍ତ

**ଭୁବନେଶ୍ୱର,୧୩।୧୦(ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଯାଇଛି। କଂଗ୍ରେସକୁ ଛାଡ଼ି ଦେଲେ ଏହି ଆସନ ପାଇଁ ଅନ୍ୟ ଦୁଇ ପ୍ରମୁଖ ରାଜନୈତିକ ଦଳ ଏ ଯାଏଁ ପ୍ରାର୍ଥୀ ଘୋଷଣା କରି ନାହାନ୍ତି। ଏଦୃଷ୍ଟିରୁ ଆଗରେ ଥିବା ସତ୍ତ୍ୱେ କଂଗ୍ରେସ ବେଶ୍ ଚିନ୍ତିତ ରହିଛି। ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ତାଙ୍କର ପୋଷ୍ୟପୁତ୍ର ଜୟଙ୍କୁ ବିଜେପି ଅତି ଚତୁରତାର ସହ ନିଜ ଶିବିରକୁ ଭିଡ଼ି ନେଇଛି। ଜୟ ବିଜେପିରେ ସାମିଲ ହେବା ପରେ କଂଗ୍ରେସ ନେତାମାନେ ବିଜେପିକୁ ଭୋଟ ଚୋର, ଚାକିରି ଚୋର ସହ ପ୍ରାର୍ଥୀ ଚୋର ବୋଲି ଅଭିହିତ କରିଛି।

ଅପରପକ୍ଷରେ ଜୟଙ୍କୁ ଦଳରେ ସାମିଲ କରାଇବା ପରେ ସତ୍ତ୍ୱେ ବିଜେପିର ଚିନ୍ତା ଦୂର ହୋଇ ନାହିଁ। ଗତ ନିର୍ବାଚନରେ ସବୁ ଉଦ୍ୟମ ସତ୍ତ୍ୱେ ବିଜେପି ପ୍ରାର୍ଥୀ ନୂଆପଡ଼ାରେ ୩ ନମ୍ବର ସ୍ଥାନରେ ଥିଲେ। ବିଜେପି ଏବେ ସରକାରରେ ରହିଛି। ସରକାର ଗଠନ ପରେ ବିଜେପି ପାଇଁ ଏହା ପ୍ରଥମ ଉପନିର୍ବାଚନ। ସେ ଦୃଷ୍ଟିରୁ ଦଳ ଓ ସରକାରଙ୍କ ପାଇଁ ଏହା ସମ୍ମାନର ପ୍ରଶ୍ନ। ସମ୍ପ୍ରତି ଦେଶ ଓ ରାଜ୍ୟରେ ସାଧାରଣରେ ବିଜେପି ପ୍ରତି ଏକ ପ୍ରତିକୂଳ ମନୋଭାବ ସୃଷ୍ଟି ହୋଇଥିବା ଯୋଗୁଁ କୌଣସି ପ୍ରକାରେ ନୂଆପଡ଼ାରେ ବିଜୟୀ ହେବାକୁ ଦଳ ଉଦ୍ୟମ

■ ଚାରିଦିନିଆ ଗସ୍ତ ପରେ ଭକ୍ତ ପୁଣି ନୂଆପଡ଼ାରେ
■ ପ୍ରାର୍ଥୀପତ୍ର ଦାଖଲ ପର୍ଯ୍ୟନ୍ତ ନୂଆପଡ଼ାରେ ଡେରା

କରୁଛି। ତେଣୁ ବିଭିନ୍ନ ଦଳରୁ ନେତା ଆମଦାନୀ କରି ନିଜର ସମ୍ମାନ ରଖିବାକୁ ଚେଷ୍ଟା ଚଳାଇଛି।

ଏହି ଆଧାରରେ ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ୫୦ ହଜାର ଭୋଟ୍ ପାଇଥିବା ଘାସିରାମ ମାଝୀଙ୍କୁ ବିଜେପି ନିଜ ଦଳରେ ସାମିଲ କରାଇବା ପାଇଁ ଅନେକ ପ୍ରଲୋଭନ ଦେଖାଇଥିବା କଂଗ୍ରେସ ଅଭିଯୋଗ କରିଛି। ଘାସିରାମ ମଧ୍ୟ କୌଣସି ପରିସ୍ଥିତିରେ ଲୋଭର ବଶବର୍ତ୍ତୀ ହୋଇ ବିଜେପିରେ ମିଶିବେ ନାହିଁ ବୋଲି ଦୃଢ଼ୋକ୍ତି ବାଢ଼ିଥିଲେ ମଧ୍ୟ ପିସିସି ସଭାପତି କୌଣସି ରିସ୍କ ନେବାକୁ ଚାହୁଁ ନାହାନ୍ତି। ତେଣୁ ନିକଟରେ ଭକ୍ତ ୪ ଦିନିଆ ନୂଆପଡ଼ା ଗସ୍ତରୁ ଫେରିଥିଲେ ମଧ୍ୟ ସେ ପୁଣି ଥରେ ନୂଆପଡ଼ା ଗସ୍ତରେ ଯାଇଛନ୍ତି। ସମ୍ଭବତଃ ଭକ୍ତ ଘାସିରାମଙ୍କ ପ୍ରାର୍ଥୀପତ୍ର ଦାଖଲ ପର୍ଯ୍ୟନ୍ତ ନୂଆପଡ଼ାରେ ରହିବେ ବୋଲି ସୂଚନା ମିଳିଛି ।

ଅନ୍ୟପଟେ ଘାସିରାମଙ୍କୁ ନିଜ ପକ୍ଷକୁ ନେବାକୁ ଶାସକ ବିଜେପି ଉଦ୍ୟମ ଚଳାଇଥିବା ଦଳର ଗଣମାଧ୍ୟମ ବିଭାଗ ମୁଖ୍ୟ ଅରବିନ୍ଦ ଦାସ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଘାସିରାମ ମାଝୀ ଜଣେ ସ୍ୱାଭିମାନୀ କଂଗ୍ରେସ ନେତା। ସେ କଂଗ୍ରେସ ଦଳରୁ ନିର୍ବାଚନ ଲଢ଼ିବେ ଓ ବିଜୟୀ ହେବେ। ଶାସକ ଦଳ ତାଙ୍କୁ ପ୍ରଲୋଭନ ଦେଖାଇଲେ ମଧ୍ୟ ସେ ପ୍ରଭାବିତ ହେବେ ନାହିଁ। କଂଗ୍ରେସ ଦଳ ଏହି ଆସନରେ ସବୁଠୁ ଆଗରେ ରହିଛି। ତେଣୁ ଘାସିରାମଙ୍କ ବିଜୟ ସୁନିଶ୍ଚିତ ବୋଲି ସେ କହିଛନ୍ତି।

## ଆକୃତି କେନ୍ଦ୍ର ସ୍ଥାପନ ପ୍ରସଙ୍ଗ

# ଜିଏମ୍‌ୟୁ ଓ ଭାବା ଏଟୋମିକ ରିସର୍ଚ୍ଚ ସେଣ୍ଟର ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

**ସମ୍ବଲପୁର, ୧୩।୧୦ (ସମିସ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ ଆକୃତି କେନ୍ଦ୍ର ସ୍ଥାପନ ପାଇଁ ମୁମ୍ବାଇର ଭାବା ଏଟୋମିକ ରିସର୍ଚ୍ଚ ସେଣ୍ଟର (ବାର୍କ) ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ସୋମବାର ଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ ୟୁଥ୍ କନ୍‌କ୍ଲେଭରେ ଷ୍ଟାର୍ଟଅପ୍, ଉଦ୍ୟୋଗ ଏବଂ ଅଙ୍କୁରଣ ଆଲୋଚନାଚକ୍ର ଏବଂ ଆକୃତି କେନ୍ଦ୍ର ସ୍ଥାପନ ପାଇଁ ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମ ରହିଛି। ଜିଏମ୍‌ୟୁରେ ଏଡ୍‌ଭାନ୍ସ ନଲେଜ୍ ଫର୍ ରୁରାଲ୍ ଅର୍ବାନ ଟେକ୍‌ନୋଲୋଜି ଇମ୍ପ୍ଲେମେଣ୍ଟେସନ୍ ଇନିସିଏଟିଭ୍ ପ୍ରୋଗ୍ରାମ ବା ଆକୃତି କେନ୍ଦ୍ର ପ୍ରତିଷ୍ଠା ହେବ। ଉପରୋକ୍ତ ଦୁଇଦିନିଆ କାର୍ଯ୍ୟକ୍ରମ ମିଳିତ ଭାବେ ଜିଏମ୍‌ୟୁର ଷ୍ଟାର୍ଟଅପ୍, ଇନ୍‌କ୍ୟୁବେସନ୍ ଆଣ୍ଡ ଏଣ୍ଟରପ୍ରିନରସିପ୍ ପ୍ରୋମୋଶନ ସେଲ୍‌ଫ, ଇଣ୍ଡିଆନ୍ ଚେମ୍ବର ଅଫ୍ କମର୍ସ ଫର୍ ଏସ୍‌ଟି, ଏସ୍‌ସି ଆଣ୍ଡ ୱିମେନ୍ ଏଣ୍ଟରପ୍ରିନର୍ସ ଏବଂ ଭାବା ଏଟୋମିକ ରିସର୍ଚ୍ଚ ସେଣ୍ଟର, ମୁମ୍ବାଇର ଟେକ୍‌ନୋଲୋଜି ଟ୍ରାନ୍ସଫର୍ ଆଣ୍ଡ କୋଲାବୋରେସନ୍ ଡିଭିଜନ୍ ପକ୍ଷରୁ ଆୟୋଜନ କରାଯାଉଛି। ବାର୍କ ବୈଜ୍ଞାନିକ ଡଃ ଡାନିଏଲ୍ ବାବୁ, ଆକୃତି କେନ୍ଦ୍ର ସଂଯୋଜକ ଡଃ ଭାରତୀ ଏ ଭାଲେରାଓ, ନେସନାଲ ଇଣ୍ଡିଆନ୍ ଚେମ୍ବର ଅଫ୍ କମର୍ସର ସୁବିର ପଲ, ସାମାଜିକ କର୍ମୀ ହେମା ଏକ୍କା, ଏମ୍‌ଏସ୍‌ଏମ୍‌ଇ ଯୁଗ୍ମ ନିର୍ଦ୍ଦେଶକ ସୁକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ଗଙ୍ଗାଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶ, କୁଳସଚିବ ସନତ ନାଏକ, ଉପକୁଳସଚିବ ଡ. ଉମାଚରଣ ପତି ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟର ପ୍ରଥମ ଶିକ୍ଷାନୁଷ୍ଠାନ ଭାବେ ଜିଏମ୍‌ୟୁ ସହ ଏହି ଏମଓୟୁ କରିଥିବା ବେଳେ ଦେଶରେ ଏହା ୧୩ତମ କେନ୍ଦ୍ର ବୋଲି ଜଣାପଡ଼ିଛି। ଏହାଦ୍ୱାରା ବାର୍କ ପକ୍ଷରୁ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଫେକଲ୍‌ଟି ମାନଙ୍କୁ ବିଭିନ୍ନ ପ୍ରକାର ଟେକ୍‌ନୋଲୋଜି ନେଇ ତାଲିମ ଦିଆଯିବ ଓ ପରେ ଏହି ତାଲିମପ୍ରାପ୍ତ




ଫେକଲ୍‌ଟିମାନେ ଛାତ୍ରଛାତ୍ରୀ ଅଥବା ଉଦ୍ୟମୀ ଯୁବକ, ଯୁବତୀଙ୍କୁ ଏହି ଆକୃତି କେନ୍ଦ୍ରରେ ତାଲିମ ଦେଇ ସେମାନଙ୍କ ଦକ୍ଷତା ବିକାଶ କରିବେ। ସ୍ଥାନୀୟ ଉଦ୍ୟମୀ ଯୁବକ ଯୁବତୀମାନେ ନିଜର ଷ୍ଟାର୍ଟଅପ୍ ଅଥବା ଇଣ୍ଡଷ୍ଟ୍ରି ପ୍ରତିଷ୍ଠା କରି ଭଲ ରୋଜଗାର କରିପାରିବେ।

କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବାର୍କର ଟେକ୍‌ନୋଲୋଜି ଟ୍ରାନ୍ସଫର୍ କୋଲାବରେସନ୍ ବିଭାଗ ମୁଖ୍ୟ ଡାନିଏଲ ବାବୁ କହିଛନ୍ତି, କୃଷି, ମେଡିସିନ, ଜଳ, ଇଞ୍ଜିନିୟରିଂ, ଇନ୍‌ଷ୍ଟ୍ରୁମେଣ୍ଟେସନ୍ ଆଦିରେ ବାର୍କ ପାଖରେ ୨୦୦ରୁ ଊର୍ଦ୍ଧ୍ୱ ଟେକ୍‌ନୋଲୋଜି ରହିଛି। ଉଦ୍ୟୋଗୀମାନଙ୍କୁ ଲାଇସେନ୍ସ ସକାଶେ ତଥା ତାଲିମ ପାଇବା ଏବଂ ବୈଜ୍ଞାନିକଙ୍କୁ ଭେଟିବାକୁ ବମ୍ବେ ଯିବାକୁ ପଡ଼ିଥାଏ। ବାର୍କ ବିଶ୍ୱବିଦ୍ୟାଳୟର ଫେକଲ୍‌ଟିଙ୍କ ତାଲିମ ଦେବ ଏବଂ ସେମାନେ ସ୍ଥାନୀୟ ଉଦ୍ୟୋଗୀଙ୍କୁ ତାଲିମ ଦେବେ। ଏହାଦ୍ୱାରା ଏହି ଅଞ୍ଚଳରେ ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଚାହୁଁଥିବା ଉଦ୍ୟୋଗୀଙ୍କୁ ଲାଭ ହେବ। କମ୍ ଖର୍ଚ୍ଚରେ ବାର୍କର ଟେକ୍‌ନୋଲୋଜି ମେଣ୍ଟର୍ସଙ୍କ ପାଇବାସହ ଟେକ୍‌ନୋଲୋଜି ଶିଖିପାରିବେ। ପ୍ରଥମେ ଟେକ୍‌ନୋଲୋଜି ଦେବାପୂର୍ବରୁ ବିଶ୍ୱବିଦ୍ୟାଳୟକୁ ଆସି ଇଭାଲୁଏଟ୍ କରାଯାଏ। ଉଦାହରଣ ସ୍ୱରୂପ ଜିଏମ୍‌ୟୁରେ ଟିସୁ କଲଚର୍ ଲ୍ୟାବ୍ ରହିଛି, ଏଠାକାର ସୁବିଧାସୁଯୋଗ ବ୍ୟବହାର କରି ବାର୍କ ତାଲିମ ଦେବାସହ ବିକଶିତ କରିବାରେ ସାହାଯ୍ୟ କରିପାରିବ ବୋଲି ଶ୍ରୀ ବାବୁ କହିଥିଲେ।

ବାର୍କର ବୈଜ୍ଞାନିକ ତଥା ଆକୃତି ପ୍ରୋଗ୍ରାମ ଗ୍ରୁପ୍ ଲିଡର୍ ଭାରତୀ ଭାଲେରାଓ କହିଛନ୍ତି ଯେ, ବାର୍କ ପାଖରେ ୨୦୦ରୁ ଅଧିକ ଟେକ୍‌ନୋଲୋଜି ରହିଛି। ଏସବୁ ମଧ୍ୟରୁ କେତେକ ଟେକ୍‌ନୋଲୋଜି ନେଇ ଆମେ ଏହି ଶିକ୍ଷାନୁଷ୍ଠାନର ଫେକ୍‌ଲଟିଙ୍କୁ ତାଲିମ ଦେବୁ। ପରେ ସେହି ତାଲିମପ୍ରାପ୍ତ ଫେକ୍‌ଲଟିମାନେ ସ୍ଥାନୀୟ ଉଦ୍ୟମୀ ନୂତନ ଷ୍ଟାର୍ଟଅପ୍ ମାନଙ୍କୁ ତାଲିମ ଦେବେ। ଏହାଦ୍ୱାରା ବାର୍କର ଲ୍ୟାବ୍‌ରେ ହେଉଥିବା ଟେକ୍‌ନୋଲୋଜି ଏଠାକାର ସ୍ଥାନୀୟ ଲୋକ ପାଇପାରିବେ ଏବଂ ସେମାନଙ୍କ ଅପ୍‌ଲିଫ୍ଟମେଣ୍ଟ ହୋଇପାରିବ। ଏମ୍‌ଓୟୁରେ ଟେକ୍‌ନୋଲୋଜି ଗୁଡ଼ିକର ନନ୍‌କମର୍ସିଆଲ ଲାଇସେନ୍ସ ମିଳିବ ଓ ଆକୃତି କେନ୍ଦ୍ର ହେବ। ଆକୃତି କେନ୍ଦ୍ର ପଞ୍ଜୀକରଣ ହେବାପରେ ଏଥିନୁଯାୟୀ ସେମାନେ ଯାହା ପ୍ରଡକ୍ଟ ବନାଇବେ ତାହା କେନ୍ଦ୍ରର ସସ୍‌ଟେନେବିଲିଟି ପ୍ଲାନ ହେବ। କୃଷି, ବାୟୋ-ସାଇନ୍ସ ବିଷୟକ, ଜଳ, ସଏଲ୍‌ଟେଷ୍ଟିଂ, ବାୟୋଗ୍ୟାସ, ମନ୍ଦିର ବର୍ଜ୍ୟ ଓ ରନ୍ଧାଘର ବର୍ଜ୍ୟକୁ ନେଇ ରାପିଡ୍ କମ୍ପୋଷ୍ଟିଂ ଆଦି ବିଭିନ୍ନ ଟେକ୍‌ନୋଲୋଜି ରହିଥିବା ଶ୍ରୀମତୀ ଭାଲେରାଓ କହିଛନ୍ତି। ମାସେ ରୁ ଦୁଇ ମାସ ମଧ୍ୟରେ ଏହି ଆକୃତି କେନ୍ଦ୍ର କାର୍ଯ୍ୟକ୍ଷମ ହେବ। ଗତବର୍ଷଠାରୁ ଏହି ଆକୃତି ପ୍ରୋଗ୍ରାମ ଆରମ୍ଭ କରିଥିବାବେଳେ ଏହା ୧୩ତମ କେନ୍ଦ୍ର ଏବଂ ଓଡ଼ିଶାର ପ୍ରଥମ ବୋଲି ସେ ସୂଚନା ଦେଇଛନ୍ତି।

ଜିଏମ୍‌ୟୁ କୁଳପତି ସୁଶାନ୍ତ କୁମାର ଦାସଙ୍କ ଅନୁଯାୟୀ ସ୍ଥାନୀୟ କେହି ଯଦି ସେହି ଟେକ୍‌ନୋଲୋଜିକୁ ନେଇ ଷ୍ଟାର୍ଟଅପ୍ ଆରମ୍ଭ କରିବ, ତେବେ ବମ୍ବେକୁ ଯିବାଆସିବା ରହିବା ତଥା ତାଲିମ ଆଦିକୁ ନେଇ ଖର୍ଚ୍ଚାନ୍ତ ହେବ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଲ୍ୟାବ୍‌ରେ ଟିସୁ କଲ୍‌ଚର୍, ସ୍ପେକ୍ଟ୍ରୋସ୍କୋପି ଆଦି ସକାଶେ ଲ୍ୟାବ ଉପଲବ୍ଧ ରହିଛି। ବାର୍କର ଟେକ୍‌ନୋଲୋଜି ଜିଏମ୍‌ୟୁ ଲାବୋରେଟୋରୀରେ ଇମ୍ପ୍ଲିମେଣ୍ଟ ହେବ। ଏହାଦ୍ୱାରା ଆଖପାଖ ଅଞ୍ଚଳର ସ୍ଥାନୀୟ ଉଦ୍ୟୋଗୀ ତଥା ଛାତ୍ରଛାତ୍ରୀ ଅତ୍ୟାଧୁନିକ ଉପକରଣକୁ ବ୍ୟବହାର କରିପାରିବେ। ତାହାଦ୍ୱାରା ସେମାନେ ନିଜେ ଉତ୍ପାଦ କରି ତାହାର ବଜାରକରଣ କରିପାରିବେ।



ପାର୍ବଣରେ ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ବିଭିନ୍ନ ମୁଖ୍ୟ ସ୍ଥାନ ଗୁଡିକରେ ସଶସ୍ତ୍ର ପୁଲିସ ମୁତୟନ କରାଯାଇଛି

## ହୀରାକୁଦ ଜଳସ୍ତର ୬୩୦ ଫୁଟ୍, ୩ ଗେଟ୍ ଖୋଲା

**ସମ୍ବଲପୁର, ୧୩।୧୦ (ସମିସ) :** ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଛି। ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୨ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ଏହିଭଳି ମୋଟ ୩ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୮୫, ୩୬୪ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୪୯, ୩୨୦ ଘନଫୁଟ ଜଳ ନିଷ୍କାସିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧, ୪୩୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୬ ଘନଫୁଟ, କେନାଲ ପାଇଁ ୪, ୩୭୩ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୭୩ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ଗଜଲକ୍ଷ୍ମୀ ପୂଜାମଣ୍ଡପ ପରିଦର୍ଶନ



**ରେଢ଼ାଖୋଲ, ୧୩।୧୦ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ବହୁ ଆଡମ୍ବରରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ମଣ୍ଡପ ପରିଦର୍ଶନ କଲେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରେଢ଼ାଖୋଲ ପୂର୍ବତନ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର। ଏଥିରେ ବିଭିନ୍ନ ସାହିପଡ଼ାରେ ଧୁମଧାମରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ମଣ୍ଡପ ପରିଦର୍ଶନ କରିବା ସହିତ ପଡ଼ାଗୁଡିକରେ ରହିଥିବା ସମସ୍ୟା ଗୁଡ଼ିକ ବିଷୟରେ ସାଧାରଣଲୋକଙ୍କ ସହିତ ଆଲୋଚନା କରିଥିଲେ। ରେଢ଼ାଖୋଲ ସହରର ସ୍ଥାନୀୟ ଖନ୍ଦାଡ଼ିପ, ଗଣେଶନଗର, ରଥସାହି, ଯଦୁମଣିପାଟଣା, ଦେହୁରୀସାହି, କଇଥସାହି, ନୂଆସାହି, ଆମ୍ବେଦକର ନଗର, ଶିବଶଙ୍କର ପଡ଼ା, ସୁଣ୍ଡିମୁଣ୍ଡା ଓ ବିନ୍ଧ୍ୟାବାସିନୀ ପଡ଼ାରେ ହେଉଥିବା ଗଜଲକ୍ଷ୍ମୀ ପୂଜାରେ ଯୋଗ ଦେଇ ମା'ମହାଲକ୍ଷ୍ମୀଙ୍କ ଆଶୀର୍ବାଦ ନେବା ସହିତ ରେଢ଼ାଖୋଲବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ପ୍ରତାପ ପ୍ରଧାନ, ଏନ୍‌ଏସି ଉପାଧ୍ୟକ୍ଷ ଅନୁଷୟା ପ୍ରଧାନ, ବିଜେପି ନଗର ସଭାପତି ସୁଷମା ମୁଣ୍ଡା, ବିଜେପି ଜିଲ୍ଲା ଉପସଭାପତି ବିଚିତ୍ରାନନ୍ଦ ସାହୁ, ରାମାନୁଜ ମହାପାତ୍ର, ଅନିଲ ପୃଷ୍ଟି ପ୍ରମୁଖ ସମେତ ଅନ୍ୟ ବିଜେପି ପଦାଧିକାରୀ ଓ କର୍ମକର୍ତ୍ତାମାନେ ସାମିଲ ଥିଲେ।

## ଦୋକାନ ଆବଣ୍ଟନକୁ ନେଇ ଆୟୁକ୍ତଙ୍କୁ ଘେରିଲେ



**ସମ୍ବଲପୁର, ୧୩।୧୦ (ସମିସ) :** ବୁର୍ଲାସ୍ଥିତ ବିବେକାନନ୍ଦ ଛକଠାରେ ନୂତନ ଭାବେ ନିର୍ମାଣ ହୋଇଥିବା ୩୬ଟି ଦୋକାନ ଗୃହ ଗୁଡ଼ିକର ଆବଣ୍ଟନ ସକାଶେ ଦରଖାସ୍ତ ଆହ୍ୱାନ କରାଯାଇଛି। ଆବେଦନ କରାଯାଇଥିବା ଦରଖାସ୍ତ ଗୁଡ଼ିକର ତନଖିପ୍ରକ୍ରିୟା ଆରମ୍ଭ ହୋଇଛି। ରାସ୍ତା ପ୍ରଶସ୍ତିକରଣ ପାଇଁ ଭଙ୍ଗାଯାଇଥିବା କ୍ଷତିଗ୍ରସ୍ତ ଦୋକାନୀ ଯଦି ଆଗରୁ ଆବେତନ କରିନାହାନ୍ତି ତେବେ ସେମାନେ ୧୫-୧୦-୨୦୨୫ ସୁଦ୍ଧା ଆବେଦନ କରିପାରିବେ। ଏନେଇ ଆଜି ମହାନଗର ନିଗମ କାର୍ଯ୍ୟାଳୟରେ ଦୋକାନୀମାନେ ଆୟୁକ୍ତଙ୍କୁ ଘେରାଉ କରିଥିଲେ। ପ୍ରଦୀପ ମିଶ୍ର, ଶାନ୍ତିଲତା କର, ଜୟନ୍ତ ଦାଶ, ଅମରେନ୍ଦ୍ର ପଣ୍ଡା, ପରମେଶ୍ୱର ଦାସ, ଲକ୍ଷ୍ମୀଧର ମହାନ୍ତି, ପ୍ରଭାସ ପୃଷେଠ, ଭୁବନ ବିଶ୍ୱାଳ, ଗିରିଜା ନାୟକ, ଓକିଲ ଖମାରୀ, ନକୁଳ ପଟ୍ଟନାୟକ, ଚଣ୍ଡୀ ଦାଶ, ଗୌତମ ଲାମା, ପ୍ରଭାକର ମହାନ୍ତି, ବାବୁ ମହାନ୍ତି, ରମେଶ ଗିରି, ଚୌତନ୍ୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ରେଙ୍ଗାଲି ବ୍ଲକ୍ ଯୁଗ୍ମଶୁଣାଣିରେ ୫୬ ଅଭିଯୋଗ

**ସମ୍ବଲପୁର, ୧୩।୧୦ (ସମିସ) :** ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଆଜି ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୪ଟି ବ୍ୟକ୍ତିଗଣ ଏବଂ ୧୭ଟି ଗୋଷ୍ଠୀଗତ ସମସ୍ୟା ଥିବାବେଳେ ମୋଟ ୫୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୮ଟି ସମସ୍ୟାର ତତ୍‌କାଳ ସମାଧାନ କରାଯାଇଥିଲା। ସିଏମ୍‌ଆର୍‌ଏଫ୍ ଅଧୀନରେ ୩ ଜଣଙ୍କୁ ମୋଟ ୭୫ ହଜାର ଟଙ୍କା ଦିଆଯାଇଥିବାବେଳେ ୨ ଜଣଙ୍କୁ ୧୪ ହଜାର ଟଙ୍କା ରେଡକ୍ରସ ସହାୟତା ପ୍ରଦାନ କରାଗଲା।

ଜିଲ୍ଲାପାଳ ଶ୍ରୀ ବୋନ୍ଦର ଜନଶୁଣାଣି ପରେ ରେଙ୍ଗାଲିର ଆର୍‌ସି ନଗର କୀର୍ତ୍ତନ ମଣ୍ଡପ ନିର୍ମାଣ କାର୍ଯ୍ୟ, ପୁଷ୍ପାଞ୍ଜଳି ମେହେରଙ୍କ ସିଂହବାହିନୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ରଜନୀ ମେହେରଙ୍କ ସ୍ୱରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀର ହସ୍ତତନ୍ତ କାମ, ଲାଇକାନି ବନ୍ଧଠାରେ ଅମୃତ ସରୋବର, ଗୋଲାମାଲସ୍ଥିତ ସମଲେଇ ମନ୍ଦିର ମରାମତି ଓ ପୁନଃନିର୍ମାଣ କାମ, ଅର୍ଜୁନ ରୋହିଦାସଙ୍କ ସମନ୍ୱୟ ଚାଷ, ସାବିତ୍ରୀ ମହିଳା ଓ ସୁକୁର୍ତା ବରଗର୍ତ୍ତୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବାୟୋଫ୍ଲକ ପ୍ରକଳ୍ପ, ଝାଙ୍କରପାଲିସ୍ଥିତ ସାବିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରୋସେସିଂ ମିଲ୍,



ଝାଙ୍କରପାଲି ମାର୍କେଟ କମ୍ପ୍ଲେକ୍ସ ଆଦି ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପରିଦର୍ଶନ ଓ ସମୀକ୍ଷା କରିବାସହ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ରାଜ୍ୟସ୍ତରୀୟ ବନ ଖେଳ ପ୍ରତିଯୋଗିତାରେ ହେମସାଗରଙ୍କ କୃତିତ୍ୱ

**ରେଢ଼ାଖୋଲ, ୧୩।୧୦(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ କେନ୍ଦୁପତ୍ର ବନଖଣ୍ଡ ଚାରମାଳ ବାସିନ୍ଦା ଫରେଷ୍ଟର ହେମସାଗର ସ୍ୱାଇଁ ରାଜ୍ୟସ୍ତରୀୟ ବନ ଖେଳ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ରାଜ୍ୟ ସ୍ତରୀୟ ବନ ଖେଳକୁଦ




ପ୍ରତିଯୋଗିତା ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ୫୦୦ରୁ ଊର୍ଦ୍ଧ୍ୱ ବନକର୍ମଚାରୀ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ୧୦୦ ମିଟର, ୨୦୦ ମିଟର ଦୌଡ ପ୍ରତିଯୋଗୀତା ଏବଂ ବାଧା ଦୌଡ଼ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଗୋଲ୍ଡ ମେଡାଲ ହାସଲ କରି କୃତିତ୍ୱ ଅର୍ଜନ କରିଥିଲେ। ଏଥିରେ ସର୍ବ ଭାରତୀୟସ୍ତରରେ ନଭେମ୍ବର ମାସରେ ବନ ଖେଳକୁଦ ପ୍ରତିଯୋଗିତାରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡ଼ିଛି।

## ପ୍ରତିଷ୍ଠା ସମ୍ମାନ ଉତ୍ସବ ଉପଲକ୍ଷେ ପ୍ରତିଯୋଗିତା

**ସମ୍ବଲପୁର, ୧୩।୧୦ (ସମିସ) :** ବୁର୍ଲାସ୍ଥିତ ସରକାରୀ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟଠାରେ ପ୍ରତିଷ୍ଠା ପରିବାରର ୧୬ତମ ପ୍ରତିଷ୍ଠା ସମ୍ମାନ ଉତ୍ସବ ଉପଲକ୍ଷେ ସମସ୍ତ ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ସାଧାରଣଜ୍ଞାନ ଲିଖିତ, ଓଡ଼ିଆ ଏବଂ ଇଂରାଜୀ ରଚନା ଲେଖନ, ମ୍ୟୁଜିକାଲ ବାଦ୍ୟଯନ୍ତ୍ର ଏବଂ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ହୀରାକୁଦ ବନ୍ଧର ଅଧିକ୍ଷଣ ଯନ୍ତ୍ରୀ ଇଂ ଶୁଭ୍ରାଂଶୁ ଦ୍ୱିବେଦି ମୁଖ୍ୟଅତିଥି ଏବଂ ବୁର୍ଲା ଭିଏସଏସୟୁଟି ଟ୍ରିପଲ-ଇର ସହଯୋଗୀ ଅଧ୍ୟାପିକା ସସ୍ମିତା ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ପ୍ରତିଷ୍ଠା ପରିବାରର ସଭାପତି ପ୍ରସନ୍ନ କୁମାର ସାହୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ତରଣୀସେନ ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନା ଏବଂ ସମ୍ପାଦକ ସୁବ୍ରତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ପାଇଁ ପଶ୍ଚିମ ଓଡ଼ିଶାର ୯ ଜଣିଆ




ବିଚାରକ ମଣ୍ଡଳୀ ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ବିଚାର କରିଥିଲେ। ପରିବାରର ସଦସ୍ୟ ଦେବାଶିଷ ନନ୍ଦ, ପ୍ୟାରୀମୋହନ ପୁଜାହାରୀ. ସହସଂଯୋଜକ ସୁଧୀର ରଞ୍ଜନ ମହାରଣା, ସୋମନାଥ ଆପଟ, ଗୋପାଳ ପ୍ରଧାନ, ଇଂ ଦୀପକ ରାଉତ, ସତ୍ୟବ୍ରତ ନାୟକ, ପ୍ରମୋଦ ଦାସ, ସଞ୍ଜୀବ ଗୌଡ଼, ସଞ୍ଜୀବ ପଣ୍ଡା, ରାଜେଶ ପଟ୍ଟନାୟକ, ହରି ଶଙ୍କର ପଣ୍ଡା, ଜୟନ୍ତ ସାହୁ. ରାମେଶ୍ୱର ସିଂ, ପୁରୁଷୋତ୍ତମ ଗୌଡ଼, ଅନିଲ ଦେବତା, ଦୁର୍ଗାପ୍ରସାଦ ଦଳାଇ, ଶୁଭ୍ରକାନ୍ତ ପଣ୍ଡା, ସନାତନ ବାରିକ, ଦୟାନିଧି ଗୌଡ଼, ଯୁଧିଷ୍ଠିର ବିଶ୍ୱାଳ, ପ୍ରମୋଦ ଗୌଡ଼, ପ୍ରେମାନନ୍ଦ ଷଣ୍ଢ, ତ୍ରାହିକର ଡୁଙ୍ଗୁରୀ, ପ୍ରଦୀପ ନାଥ, ବାବୁଲା ଗୌଡ଼, ମହିଳା ସଭ୍ୟା ଶ୍ରୀମତୀ ମନୋରମା ଦାସ, ରୀନାରାଣୀ ଶତପଥି, ସତ୍ୟଭାମା ସାହୁ, ଲିନା ପଟ୍ଟନାୟକ, ମିନତୀ ପୁଜାହାରୀ, ଜ୍ୟୋସ୍ନା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୧୯ ତାରିଖ ସମ୍ବଲପୁରୀ ଖାଦ୍ୟ ଲେଥାର କର୍ମଜୀବୀ ମହିଳା ଓ ଗୃହିଣୀ ମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଚଳିତମାସ ୨୬ ତାରିଖ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ବୋଲି ପ୍ରତିଷ୍ଠା ପକ୍ଷରୁ ଅବଗତ କରାଯାଇଛି।

## ରାମଗଡ଼ପଡ଼ାରେ ନୂଆଁଖାଇ ଭେଟ୍‌ଘାଟ୍



**ସମ୍ବଲପୁର, ୧୩।୧୦(ସମିସ):** ସମ୍ବଲପୁର ବୁଢ଼ାରଜାର ରାମଗଡ଼ ପଡ଼ାବାସୀ ପ୍ରଥମ କରି ନୂଆଁଖାଇ ଭେଟ୍‌ଘାଟ ଆୟୋଜନ କରିଛନ୍ତି। ସମାଜକୁ ଏକ ସୂତ୍ରରେ ବାନ୍ଧିବା ଓ ଜାତି ଜାତି ମଧ୍ୟରେ ସମନ୍ୱୟ ରକ୍ଷା ତଥା ଉଚ୍ଚନୀଚ ଭେଦଭାବ ଦୂରକରି ସମାଜରେ ସୁସମ୍ପର୍କ ସ୍ଥାପନ କରିବା ଏହାର ମୂଳ ଲକ୍ଷ୍ୟ। କାର୍ଯ୍ୟକ୍ରମରେ ନାରୀନେତ୍ରୀ ଶୁଭଶ୍ରୀ ମିଶ୍ର ମୁଖ୍ୟଅତିଥି ଏବଂ ପଦ୍ମଶ୍ରୀ ଡଃ ଜିତେନ୍ଦ୍ର ହରିପାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାସହ ପଡ଼ାରେ ରହୁଥିବା ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି କୁନି ପିଲା ମାନଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକ ପର୍ଯ୍ୟନ୍ତ ଭାଗ ନେଇଥିଲେ। ସଭାପତି ହୃଷିକେଶ ନେଲ, ଉପସଭାପତି ବଳରାମ ବାଘ, ସମ୍ପାଦକ ଚେରୁ ଛାଇଆ, ସହସମ୍ପାଦକ ଅଶୋକ ତାଣ୍ଡି, ଭବାନୀଶଙ୍କର ତାଣ୍ଡି, ଖୁସିରାମ ଛତ୍ରିଆ, ବୈରାଗୀ ବାଗ, ଧରଣୀ ସେନ ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏକତ୍ରିଂଶତି ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ପୁଣ୍ୟଶ୍ଳୋକ ଡାକ୍ତର ହରେକୃଷ୍ଣ ପରିଡ଼ା
ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ଆସିଥିଲେ : ୨୧.୦୫.୧୯୨୩(ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ)
ବାହୁଡ଼ିଲେ : ୨୯.୧୦.୧୯୯୪ (କାର୍ତ୍ତିକ କୃଷ୍ଣ ନବମୀ)
ଶ୍ରାଦ୍ଧୋତ୍ସବ- ତା ୧୪.୧୦.୨୦୨୫ (ମଙ୍ଗଳବାର)
ଆପଣଙ୍କ ବିଦ୍ୱତ୍ତା, ଶିକ୍ଷାଦାନ ଦକ୍ଷତା, ବହୁଭାଷା ଅଧ୍ୟୟନ ଯୋଗ୍ୟତା, ହୋମିଓପାଥି ଚିକିତ୍ସା ପ୍ରବଣତା, ଗାନ୍ଧୀବାଦୀ ଚିନ୍ତାଧାରା, ସମବାୟ ମନସ୍କତା ଆପଣଙ୍କୁ ଜଣେ ଆଦର୍ଶ ମଣିଷ ମାନ୍ୟତା ଦିଆଇଥିଲା। ଆପଣଙ୍କ ପଟାନ୍ତରହୀନ ସ୍ନେହ-ଶ୍ରଦ୍ଧା- ଭଲ ପାଇବାକୁ ସ୍ମରଣପୂର୍ବକ ମଥାନତ ନମନ ଜ୍ଞାପନ କରୁଅଛୁ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ : ବଡ଼ସଲାରୋ 'ପରିଡ଼ା', ଚାନ୍ଦୋଳ 'ନାୟକ', ନୂଆପଡ଼ା 'ରାଉତ' ବଂଶ ଓ ପୁନର୍ନବା ସାହିତ୍ୟ ସଂସଦର ସଦସ୍ୟଗଣ

## ଜିଲ୍ଲାରେ ଦୁଇଦିନରେ ୭୫୪୫୭ ଶିଶୁଙ୍କୁ ପୋଲିଓ ବୁନ୍ଦା

# ରେଢ଼ାଖୋଲ ବ୍ଲକ୍‌ରେ ସର୍ବାଧିକ ୯୯% ଟିକାକରଣ

**ସମ୍ବଲପୁର, ୧୩।୧୦ (ସମିସ)**

ଗତକାଲିଠାରୁ ସମ୍ବଲପୁର ଜିଲ୍ଲାରେ ପଲ୍ସ ପୋଲିଓ ଟୀକାକରଣ ଆରମ୍ଭ ହୋଇଛି। ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଗତକାଲି ଜିଲ୍ଲାରେ ମୋଟ ୮୮୨ଟି ପଲ୍ସ ପୋଲିଓ ବୁଥ୍‌ରେ ମୋଟ ୬୫୧୯୫ ଜଣ ଶିଶୁଙ୍କୁ ପୋଲିଓ ଡ୍ରପ୍ ଦିଆଯାଇଥିଲା। ଆଜି ଓ ଆସନ୍ତାକାଲି ମଙ୍ଗଳବାର ଘରକୁ ଘର ଯାଇ ଚିକିତ୍ସା ଦଳ ପୋଲିଓ ଡ୍ରପ୍ ଦେବେ। ଆଜି ଗୋଟିଏ ଦିନରେ ଅଙ୍ଗନବାଡ଼ି କର୍ମୀମାନେ ଜିଲ୍ଲାରେ ଜଣ ଶିଶୁଙ୍କୁ ପୋଲିଓ ଡ୍ରପ୍ ଦେଇଥିଲେ। ଗତ ଦୁଇଦିନରେ ପୋଲିଓ ବୁଥ୍ ଏବଂ ଘରକୁ ଘର ଯାଇ ମୋଟ ୭୫୪୫୭ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ସମ୍ବଲପୁର ଜିଲ୍ଲାରେ ପୋଲିଓ ଟୀକାକରଣ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ୮୭୫୫୬ ଜଣ ଶିଶୁ ଥିବାବେଳେ ଆଜି ସନ୍ଧ୍ୟା ସୁଦ୍ଧା ୮୬.୧୮% ସଫଳତା ହାସଲ କରାଯାଇଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ସୂତ୍ରରୁ ପ୍ରକାଶ। ରେଢ଼ାଖୋଲ ବ୍ଲକରେ ସର୍ବାଧିକ ପୋଲିଓ ଟିକାକରଣ ହୋଇଛି। ରେଢ଼ାଖୋଲ ବ୍ଲକ ସକାଶେ ରାଜ୍ୟ ଧାର୍ଯ୍ୟ ଲକ୍ଷ୍ୟ ୫୦୦୨ ଥିବାବେଳେ ଦୁଇଦିନରେ ୪୯୪୬ ଶିଶୁ (୯୯%)ଙ୍କ ଟିକାକରଣ କରାଯାଇଛି।

ଏହି ଅଭିଯାନରେ ୮୮୨ଟି ପଲ୍ସ ପୋଲିଓ ବୁଥ୍ ଥିବାବେଳେ ୪୧ଟି ଟ୍ରାନଜିଟ୍ ଟିମ୍, ୨୧ଟି ମୋବାଇଲ୍ ଟିମ୍ ଏବଂ ୯୧ ଜଣ ସୁପରଭାଇଜରଙ୍କ ସହିତ ମୋଟ ୧୯୭୯ କର୍ମଚାରୀ ଅଂଶଗ୍ରହଣ କରିଛନ୍ତି। ଦୁଇଦିନରେ ସମ୍ବଲପୁର ଜିଲ୍ଲାର ବାମରା ବ୍ଲକରେ ୫୭୧୯ ଜଣ ଶିଶୁଙ୍କୁ ପୋଲିଓ ଟୀକାକରଣ କରାଯଇଥିବାବେଳେ ଧନକଉଡ଼ା ବ୍ଲକରେ ୪୦୩୬ ଶିଶୁ, ଜମନକିରା ବ୍ଲକରେ ୬୧୯୪ ଶିଶୁ, ଯୁଯୋମୁରା ବ୍ଲକରେ ୬୩୩୮ ଶିଶୁ, କୁଚିଣ୍ଡା ବ୍ଲକରେ ୪୨୦୪ ଶିଶୁ, କୁଚିଣ୍ଡା ଏସ୍‌ଡିଏଚ୍‌ରେ ୧୨୮୨ ଶିଶୁ,



ମାନେଶ୍ୱର ବ୍ଲକରେ ୩୮୫୫ ଶିଶୁ, ନାକଟିଦେଉଳ ବ୍ଲକରେ ୫୪୨୨ ଶିଶୁ, ରେଢ଼ାଖୋଲ ବ୍ଲକରେ ୪୯୪୬ ଶିଶୁ, ରେଢ଼ାଖୋଲ ଏସ୍‌ଡିଏଚ୍‌ରେ ୧୪୫୨ ଶିଶୁ, ରେଙ୍ଗାଲି ବ୍ଲକରେ ୭୦୬୦ ଶିଶୁ ଏବଂ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୨୪୦୪୯ ଜଣ ଶିଶୁ ଏହିଭଳି ଜିଲ୍ଲାରେ ମୋଟ ୭୫୪୫୭ ଜଣ ଶିଶୁଙ୍କୁ ପୋଲିଓ ଟୀକା ଦିଆଯାଇଛି।

## ବ୍ଲକ୍‌ସ୍ତରୀୟ ସିଏସସି ଭିଏଲ୍‌ଇଙ୍କ ବୈଠକ

**କୁଚିଣ୍ଡା, ୧୩।୧୦(ସମିସ):** କୁଚିଣ୍ଡା ସାମ୍ବାଦିକ ଭବନରେ ବ୍ଲକସ୍ତରୀୟ ସିଏସସି ଭିଏଲଇଙ୍କ ବୈଠକ ଅନୁଷ୍ଠିତ ହେଇଯାଇଛି। କାର୍ଯ୍ୟକ୍ରମରେ ସିଏସସିର ରାଜ୍ୟ ପ୍ରୋଜେକଟ ମ୍ୟାନେଜେର ଦେବଯୁଦ୍ଧ ମିଶ୍ର, ସମ୍ବଲପୁର ଜିଲ୍ଲା ସିଏସସି ମ୍ୟାନେଜେର ଦୀନେଶ ପ୍ରଧାନ, ଦେବଗଡ଼ ସିଏସସି ମ୍ୟାନେଜେର ପରେଶ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଜନସେବା କେନ୍ଦ୍ରରେ ହେଉଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋଚନା ହେଇଥିଲା। ଭିଏଲଇ ସୁଧାଂଶୁ ସାହୁ, ପ୍ରଶାନ୍ତ ବାଘ, ତନୟ ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଭିଏଲଇଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ସମସ୍ତେ ଭିଏଲଇମାନଙ୍କର ବୈଠକ ବସିଥିଲା। ଯେଉଁଥିରେ ସଭାପତି ଭାବେ ଶିଶିର ପଟେଲ, ସାଧାରଣ ସମ୍ପାଦକ ଭାବେ ସୁଧାଂଶୁ ସାହୁ, କୋଷାଧକ୍ଷ ଭାବେ ପ୍ରଶାନ୍ତ ବାଘଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରିଥିଲେ। ଅତିଥି ଗଣ ଭଲ କାମ କରିଥିବା ୪ ଜଣ ଭିଏଲଇଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ୧୭ ଟି ପଞ୍ଚାୟତର ଭିଏଲଇ ଯୋଗ ଦେଇଥିଲେ।



■ ସାଗରାରେ ସଶସ୍ତ୍ର ଡକାୟତି

## ନଗଦ ଟଙ୍କା ଓ ୧୦ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ଅଳଙ୍କାର ଲୁଟ୍






**କୁଚିଣ୍ଡା, ୧୩।୧୦(ସମିସ):** ବାମରା ବ୍ଲକ ସାଗରାରେ ବିଳମ୍ବିତ ରାତିରେ ବଡ ଧରଣର ଡକାୟତି ହୋଇଛି। ଡକାୟତମାନେ ନଗଦ ୫୦ ହଜାର ଟଙ୍କା ଓ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ଅଳଙ୍କାର ଲୁଟି ନେଇଛନ୍ତି। ଏହାକୁ ନେଇ ଗୋବିନ୍ଦପୁର ପୁଲିସ ତନାଘନା ଆରମ୍ଭ କରିଛନ୍ତି। ସୂଚନା ଅନୁସାରେ ବାମରା ବ୍ଲକ ସାଗରା ଗ୍ରାମର ଭୁବନେଶ୍ୱର ନାଏକ ଓ ତାଙ୍କ ସ୍ତ୍ରୀ ଘରେ ଏକୁଟିଆ ଥିବା ବେଳେ ଶନିବାର ରାତି ପ୍ରାୟ ୨ ଟା ସମୟରେ ୪ ଜଣ ମୁଖା ପିନ୍ଧା ଡକାୟତ ତାଙ୍କ ଘରେ ପଶି ଭୁବନେଶ୍ୱର ଓ ତାଙ୍କ ସ୍ତ୍ରୀଙ୍କୁ ଭୁଜାଲି ଦେଖାଇ ହାତଗୋଡ ବାନ୍ଧି ପକାଇଥିଲେ। ଘରେ ଥିବା ୫୦ ହଜାର ଟଙ୍କା ଓ୧୦ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ଲୁଟ କରି ଫେରାର ମାରିଥିଲେ। ସକାଳେ ଏନେଇ ଭୁବନେଶ୍ୱର ପାଖ ପଡୋଶୀଙ୍କୁ ଜଣାଇବା ପରେ ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ପୁଲିସ ସକାଳ ୧୦ଟା ସମୟରେ ପହଞ୍ଚି ତନାଘନା ଆରମ୍ଭ କରିଥିବା ସୂଚନା ରହିଛି। ଭୁବନେଶ୍ୱରଙ୍କ ପରିବାର ସଦସ୍ୟ ଅନ୍ୟତ୍ର ରହୁଥିବା ବେଳେ ଭୁବନେଶ୍ୱର ଓ ତାଙ୍କ ସ୍ତ୍ରୀ ଘରେ ଏକୁଟିଆ ରହି ଆସୁଥିଲେ। ଉକ୍ତ ଡକାୟତି ଘଟଣାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ରହିଛି। ଗୋବିନ୍ଦପୁର ଥାନା ଓ ଗଡ଼ପୋଷ ଫାଣ୍ଡି ପୁଲିସ ଯାଞ୍ଚ କରୁଛନ୍ତି।

ଭିମସାର ହୃଦ୍‌ରୋଗ ବିଭାଗରେ ଡାକ୍ତର ସଂକଟ

# ବନ୍ଦହେଲା ସନ୍ଧ୍ୟାର ଜରୁରୀସେବା ଓ ବୁଧବାର ଓପିଡି

**ସମ୍ବଲପୁର, ୧୩।୧୦ (ସମିସ)**

ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର) ହୃଦ୍‌ରୋଗ ବିଭାଗରେ ଡାକ୍ତର ସଂକଟ ଦେଖାଦେଇଛି। ସୂଚନା ଅନୁଯାୟୀ, ହୃଦ୍‌ରୋଗ ବିଭାଗରେ ଜଣେ ବିଭାଗୀୟ ମୁଖ୍ୟ ଓ ଦୁଇଜଣ ସହକାରୀ ପ୍ରଫେସର ଅଛନ୍ତି। ଏପରିସ୍ଥଳେ ଜଣେ ସହକାରୀ ପ୍ରଫେସର ଡା. ଶିବରାମ ପଣ୍ଡାଙ୍କୁ କୌଣସି ବିକଳ୍ପ ବ୍ୟବସ୍ଥା ନ କରି ରିଲିଭ କରିଦିଆଯାଇଛି। ଏହାଦ୍ୱାରା ଭିମସାରରେ ହୃଦ୍‌ରୋଗ ଚିକିତ୍ସା ସେବା ବାଧାପ୍ରାପ୍ତ ହେବ। ଏଣୁ ହୃଦ୍‌ରୋଗ ବିଭାଗର ସନ୍ଧ୍ୟା ୫ଟା ପରେ ଜରୁରୀସେବା ଏବଂ ବୁଧବାର ଓପିଡିକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଥିବା ଭିମସାର ନିର୍ଦ୍ଦେଶକଙ୍କୁ ପତ୍ର ସଂଖ୍ୟା ୧୭ ୯ ତା. ୧୩-୧୦-୨୦୨୫ ଯୋଗେ ହୃଦ୍‌ରୋଗ ବିଭାଗ ମୁଖ୍ୟ ଜଣାଇଛନ୍ତି। ଏନେଇ ଭିମସାର ଡିନ୍ ଓ ଅଧ୍ୟକ୍ଷ, ଅଧୀକ୍ଷକ, ସମସ୍ତ ବିଭାଗୀୟ ମୁଖ୍ୟ ତଥା କାଜୁଆଲିଟି ବିଭାଗ ଭାରପ୍ରାପ୍ତ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଛି।

ଭିମସାରରେ ଏହିଭଳି ଡାକ୍ତର ସମସ୍ୟା ନିୟମିତ ଲାଗି ରହିଛି। ହୃଦ୍‌ରୋଗ ବିଭାଗରେ ଓପିଡିକୁ ବହୁସଂଖ୍ୟାରେ ରୋଗୀ ଆସୁଥିବାବେଳେ ବିଭିନ୍ନ ବିଭାଗରୁ ରେଫରାଲ ରୋଗୀ ମଧ୍ୟ ଆସିଥାନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ବର୍ଷବର୍ଷ ଧରି ହାତଗଣତି ଡାକ୍ତରରେ ଚାଲିଛି। ବାରମ୍ବାର ଅନୁରୋଧ ସତ୍ତ୍ୱେ ହୃଦ୍‌ରୋଗ ବିଭାଗର ଖାଲିଥିବା ପଦ ପୂରଣ କରାଯାଉନାହିଁ। ବରଂ ବର୍ତ୍ତମାନ ବଦଳି ହୋଇଥିବା ଡାକ୍ତରଙ୍କୁ ଅନ୍ୟ ବ୍ୟବସ୍ଥା ନକରି ରିଲିଭ କରିବା ଭଳି କାର୍ଯ୍ୟ ଚାଲିଛି। ଏହାଦ୍ୱାରା ଭିମସାର ଉପରେ ନିର୍ଭର କରୁଥିବା ରୋଗୀ ଓ ପରିଜନ ହନ୍ତସନ୍ତ ହେଉଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଭିମସାର ଉପରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲା ସମେତ ପଡୋଶୀ ରାଜ୍ୟ ଛତିଶଗଡ଼ ଓ ଝାଡ଼ଖଣ୍ଡର ସୀମାବର୍ତ୍ତୀ ଅଞ୍ଚଳ ଲୋକେ ନିର୍ଭର କରିଥାନ୍ତି। ତେବେ, ସବୁସମୟରେ ଏଠାରେ ଡାକ୍ତର ଅଭାବ ସହ ବିଭିନ୍ନ ପ୍ରମୁଖ ଉପକରଣ ଅଚଳ ରହିବାଯୋଗୁଁ ରୋଗୀମାନେ ଉପଯୁକ୍ତ ସେବା ପାଇପାରୁନାହାନ୍ତି। ଏହାଦ୍ୱାରା ବିଭିନ୍ନ ସମୟରେ ଡାକ୍ତର ଅଭାବ ଯୋଗୁଁ ଗୁରୁତର ରୋଗୀମାନଙ୍କୁ କଟକ, ଭୁବନେଶ୍ୱର, ବିଶାଖାପାଟଣାକୁ ସ୍ଥାନାନ୍ତରିତ କରି ରୋଗୀ ଓ ପରିଜନ ଖର୍ଚ୍ଚାନ୍ତ ହେଉଛନ୍ତି।




## ରେଢ଼ାଖୋଲ କ୍ଲଷ୍ଟରସ୍ତରୀୟ 'ସୁରଭି'କାର୍ଯ୍ୟକ୍ରମ



**ରେଢ଼ାଖୋଲ, ୧୩।୧୦ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ସୁଣ୍ଡିମୁଣ୍ଡାସ୍ଥିତ ସରକାରୀ ବାଳିକା ବିଦ୍ୟାଳୟରେ ସୋମବାର ଦିନ ରେଢାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକକ୍ଷରୀନୀ ଶ୍ରୀମତୀ ଯାଜ୍ଞସେନୀ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ଈଶ୍ୱର ପ୍ରଧାନ, ସିଆରସିସି ବିଦ୍ୟାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଚାରକ ମଣ୍ଡଳୀ ଦ୍ୱାରା କଳା, ସଂସ୍କୃତି, ଚିତ୍ରକଳା, ସୃଜନଶୀଳ ଲିଖନ, ବକ୍ତୃତା, ନୃତ୍ୟ ପ୍ରତିଯୋଗିତା ସହିତ ଅନ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ବନାଧିକାରୀ ରେଞ୍ଜ ଅଧିକାରୀ ଛବିଳ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶତ୍ରୁଘ୍ନ ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଣୁଧର ବରିହା, ସଭାପତି ପ୍ରଶାନ୍ତ କୁମାର ପ୍ରଧାନ, ଆୟୋଜକ କ୍ଲଷ୍ଟର୍ ସଂଯୋଜକ ବିଦ୍ୟାଧର ପ୍ରଧାନ ମଞ୍ଚାସୀନ ରହିଥିଲେ।ଶିକ୍ଷକ ଖଗେଶ୍ୱର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ।ଅତିଥିମାନଙ୍କର ଅଭିଭାଷଣ ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।ଏହାପରେ ଶିକ୍ଷୟତ୍ରୀ ଶ୍ରୀମତୀ ସ୍ମୃତିପ୍ରଭା ମାଝି ଧନ୍ୟବାଦ ଅର୍ପଣ କରିଥିଲେ।ଶିକ୍ଷୟିତ୍ରୀ ସଂତୋସ୍ମିତା ଷଡ଼ଙ୍ଗୀ, ନିରାଶ ପ୍ରଧାନ, ସରିତା ବେହେରା, ଅନିତା ପ୍ରଧାନ, ଛବି ଧଳ, ଚାନ୍ଦିନୀ ପ୍ରଧାନ, ଦିପ୍ତ ମିଞ୍ଜ, ଶିକ୍ଷକ ଜୟନ୍ତ କୁମାର ପ୍ରଧାନ, ଖେତ୍ରୁ ବେହେରା, ଈଶ୍ୱର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଗଜଲକ୍ଷ୍ମୀଙ୍କ ପୂଜା ଓ ପୂର୍ଣ୍ଣାହୁତି

**ଅମ୍ବାଭୋନା, ୧୩।୧୦(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନରେ ଥିବା ଉତ୍ତମ ଉଦେପାଲି ଗାଁରେ ମାଁ ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ଧାର୍ମିକ ଉତ୍ସାହ, ଭକ୍ତି ଓ ଆନନ୍ଦ ମାହୋଲ ମଧ୍ୟରେ ଉଲ୍ଲାସମୟ ପରିବେଶରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କଳସ ଯାତ୍ରା ହୋଇଥିଲା। ମାଁଙ୍କ ଭକ୍ତିଗୀତ, ଶଙ୍ଖଧ୍ୱନି ମଧ୍ୟରେ ଗାଁ ପରିସର ପ୍ରକମ୍ପିତ ହୋଇଥିଲା। ପୂଜା କାର୍ଯ୍ୟରେ ମୁଖ୍ୟ ପଣ୍ଡିତ ଭାବେ ଅଶୋକ ଦାଶ ଓ ସହ ପଣ୍ଡିତ ଗଙ୍ଗାରାମ ଓ ଦିଲ୍ଲୀପ ଦାଶ ଯଜ୍ଞକାର୍ଯ୍ୟ ସଫଳତାର ସହିତ ସମ୍ପନ୍ନ କରିଥିଲେ। ପୂଜା କର୍ତ୍ତା ଭାବେ କୃଷ୍ଣ ଚନ୍ଦ୍ର ପଧାନ ଓ ସହଧର୍ମିଣୀ ପୁଷ୍ପାଞ୍ଜଳି ପଧାନ ସହିତ ଭଗବାନ ପଧାନ, ତପସ୍ୱିନୀ ପଧାନ, ଟେକମଣି ପଧାନ, ହୀରାବତୀ ପଧାନ, ଟେକଚନ ଦୁଆନ, ରାଧିକା ଦୁଆନ, କୃଷ୍ଣ ଭୁଏ ଓ କସ୍ତୁରୀ ଭୁଏ ଉପସ୍ଥିତ ଥିଲେ। ଏହି ଅବସରରେ ଭଟଲି ବିଧାୟକ ଶ୍ରୀ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମା' ଗଜଲକ୍ଷ୍ମୀଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଅଟଳ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶିବାଜୀ ପଟେଲ ମଧ୍ୟ ଉପସ୍ଥିତ ରହି ମା'ଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ଅଟଳ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶିବାଜୀ ପଟେଲଙ୍କୁ ଉପଢ୍ୱୌକନ ଓ ସମ୍ମାନ ପତ୍ର ସହିତ ବିଧାୟକ ଆଚାର୍ଯ୍ୟ ସମ୍ମାନୀତ କରିଥିଲେ। ପୂଜା କମିଟି ସଭାପତି ଓମପ୍ରକାଶ ଭୋଇ, ସମ୍ପାଦକ ଅଜିତ ସା, କୋଷାଧ୍ୟକ୍ଷ ସୋମନାଥ ସାହୁ, ଯୁଗ୍ମ ସମ୍ପାଦକ ଦୁର୍ଯ୍ୟୋଧନ ସେଠ ଓ ଉପସଭାପତି ଚୈତନ୍ୟ ପଧାନଙ୍କ ନେତୃତ୍ୱରେ ସମଗ୍ର କାର୍ଯ୍ୟକ୍ରମ ସଫଳ ଭାବେ ସମ୍ପନ୍ନ ହୋଇଛି। ଏହି ଅବସରରେ ପୂଜା କମିଟି ଦ୍ୱାରା ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭକ୍ତ ମାନଙ୍କ ପାଇଁ ଅନ୍ନଛତ୍ରର ବ୍ୟବସ୍ଥା ହୋଇଥିଲା। ବେଶ ଧୂମଧାମ ଓ ଶାନ୍ତିଶୃଙ୍ଖଳା ସହ ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ ହୋଇଥିଲା।



## ଗଜଲକ୍ଷ୍ମୀ ପୂଜା ଅବସରରେ ରକ୍ତଦାନ ଶିବିର

**ଅମ୍ବାଭୋନା, ୧୩।୧୦(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଉତ୍ତମ ଉଦେପାଲି ଗାଁରେ ଆଞ୍ଚଳିକ ଗଜଲକ୍ଷ୍ମୀ ପୂଜାର ପୂର୍ଣ୍ଣାହୁତି ଦିବସ ଅବସରରେ ପୂଜା କମିଟି ଓ ଅଟଳ ଚାରିଟେବୁଲ ଟ୍ରଷ୍ଟଙ୍କ ମିଳିତ ଉଦ୍ୟମରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ଗୋଟିଏ ଦିନରେ ୩୫୨

**୩୫୨ ୟୁନିଟ ରକ୍ତ ସଂଗ୍ରହ**

ୟୁନିଟରକ୍ତ ସଂଗ୍ରହ ହୋଇ ବରଗଡ଼ ଜିଲ୍ଲାରେ ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି। ଶିବିରକୁ ଅମ୍ବାଭୋନା ଥାନାଧିକାରୀ ବିପିନ ବାଗ ଉଦ୍‌ଘାଟନ କରି ନିଜେ ରକ୍ତଦାନ କରି ଥିବା ବେଳେ ଅନେକ ଯୁବକ ଯୁବତୀ, ସମାଜସେବୀ ଓ ଗାଁବାସୀ ରକ୍ତଦାନ କରିଥିଲେ। ପୂଜା କମିଟିର ସଭାପତି ଓମପ୍ରକାଶ ଭୋଇ ଓ ଅଟଳ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶିବାଜୀ ପଟେଲଙ୍କ ନେତୃତ୍ୱରେ ଶିବିର ସମ୍ପନ୍ନ ହୋଇଥିଲା। ଏଥିରେ ବରଗଡ଼ର ସମାଜସେବୀ ସଂଘମିତ୍ରା ପଟେଲ, ଅଞ୍ଜନା ଖମାରୀ ଓ ତରଣୀ ସହଯୋଗ କରିଥିଲେ। ଅଟଳ ପରିବାରର ଟ୍ରଷ୍ଟି ପ୍ରଫୁଲ୍ଲ ପଧାନଙ୍କ ସହଯୋଗରେ ବରଗଡ଼ ବ୍ଲଡ ବ୍ୟାଙ୍କର କର୍ମଚାରୀ ବୈଶାଖୁ ସୁନା, ସୁବାଷ ଚନ୍ଦ୍ର ଭୋଇ, ଅମରଜିତ ମହାନ୍ତି, ଶ୍ରୀବତ୍ସ ସେଠ, ରାକେଶ ରଣା, ଢୋଲେଶ୍ୱର ଭୋଇ ଓ କୃଷ୍ଣ ଚନ୍ଦ୍ର ସାହୁ ସମସ୍ତେ ମିଶି ଶିବିରକୁ ସଫଳ କରିଥିଲେ।



ଏମିତି ବି ଆସେ ମୃତ୍ୟୁ

## କାର୍ ଚଳାଇବା ବେଳେ ଚାଳକଙ୍କୁ ହୃଦ୍‌ଘାତ

**କୁଚିଣ୍ଡା, ୧୩।୧୦(ସମିସ):** ଏମିତି ବି ଆସେ ମୃତ୍ୟୁ। କାର୍ ଚଳାଇବା ବେଳେ ହୃଦ୍‌ଘାତରେ ଚାଳକଙ୍କ ମୃତ୍ୟୁ। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଅଞ୍ଚଳରେ ଆଜି ଏଭଳି ଏକ ଅଘଟଣ ଘଟିଛି। ମୃତକ ହେଲେ, କତରବଗା ଗ୍ରାମର ଶ୍ରୀକାନ୍ତ ନାଗ(୪୦)। କୁନ୍ତୁରା ଋଷିକୂଳ ଆଶ୍ରମରେ ପଢୁଥିବା ଜଣେ ଛାତ୍ରୀଙ୍କୁ ଆଣିବା ପାଇଁ ଆଜି ଅପରାହ୍ନରେ ଛାତ୍ରୀଙ୍କ ମା' ସହ ଶ୍ରୀକାନ୍ତ ଏକ କାର୍ ଯୋଗେ ଯାଉଥିଲେ। ଛାତ୍ରୀଙ୍କୁ ନେଇ ସେମାନେ କତରବଗାକୁ ଫେରୁଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରୀକାନ୍ତଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହୋଇଥିଲା। ଚାହୁଁଚାହୁଁ ସେ କାର୍‌ର ଷ୍ଟିୟରିଂ ଉପରେ ଟଳି ପଡ଼ିଥିଲେ। ସୌଭାଗ୍ୟକୁ କାର୍‌ଟିର ଗତି ଧୀର ହେବା ସହ ଏକ କାନ୍ଥରେ ପିଟି ଅଟକି ଯାଇଥିଲା। ଏହା ଦେଖି ପାଖରେ ଥିବା ଅବସରପ୍ରାପ୍ତ ଖେଳ ଶିକ୍ଷକ କୈଳାଶ ଚନ୍ଦ୍ର ନାୟକ କାର୍‌କୁ ଚଳାଇ କୁଚିଣ୍ଡା ଡାକ୍ତରଖାନାକୁ ନେଇ ଯାଇଥିଲେ। କିନ୍ତୁ ସେତେବେଳକୁ କାର୍ ଚାଳକ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟି ସାରିଥିଲା। ଖବର ପାଇ କୁଚିଣ୍ଡା ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ କୁଚିଣ୍ଡା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



## ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସ୍ମାରକୀ ସଭା




**ବରଗଡ଼, ୧୩।୧୦(ସମିସ):** ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ସଭାପତି ଅରୁଣ ମହାନ୍ତିଙ୍କ ସଭାପତିତ୍ୱରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସ୍ମାରକୀ ସଭା ଆୟୋଜିତ ହୋଇଯାଇଛି। ଅତିଥି ବକ୍ତା ଭାବେ ଯୋଗଦେଇ ଲେଖକ ତଥା ଗାନ୍ଧୀବାଦୀ ପ୍ରବକ୍ତା ଦାଶ ବେନହୁର "ଗାନ୍ଧୀଙ୍କ ବିଷୟରେ ପଢ଼ିଲେ, ଜଣେ ସାଧାରଣ ମଣିଷ ମହାତ୍ମା ହୋଇପାରିବ" ବୋଲି ମତ ପ୍ରକାଶ କରିଛନ୍ତି। ଅନ୍ୟତମ ବକ୍ତା କୃଷକ ନେତା ତଥା ସାମାଜିକକର୍ମୀ ଅଶୋକ ପ୍ରଧାନ ଗାନ୍ଧୀଙ୍କୁ ନିନ୍ଦା ଓ ପ୍ରଶଂସାର ବହୁ ଊର୍ଦ୍ଧ୍ୱରେ ବୋଲି ଅଭିହିତ କରିଥିଲେ। ଗାନ୍ଧୀ ସ୍ମୃତି ପାଠାଗାର ଉପ ସଭାପତି ମନୋରଞ୍ଜନ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସମ୍ପାଦକ ରବି ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ବରଗଡ଼ ରୋଟାରୀ ପାଠାଗାର ପକ୍ଷରୁ ଉଭୟ ଅତିଥିଙ୍କୁ ସ୍ମାରକୀ, ସାଲ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ବରଗଡ଼ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ଲେଖକ, କବି, କଥାକାର, ଛାତ୍ରଛାତ୍ରୀ ଓ ପାଠାଗାରର ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

## ଡିଏଭି ପାଇଁ ଦୌଡ଼




**ସମ୍ବଲପୁର, ୧୩।୧୦(ସମିସ):** ଡିଏଭି ବୁର୍ଲା ବିଦ୍ୟାଳୟରେ ଅଧ୍ୟକ୍ଷ ରାଜେନ୍ଦ୍ର ବେଦବାକ୍‌ଙ୍କ ତତ୍ତ୍ୱାବଧାନରେ 'ରନ୍ ଫର୍ ଡିଏଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାର୍ଥୀଗଣ ଭାଗ ନେଇଥିଲେ। ବାଳକ ଓ ବାଳିକା ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶାରୀରିକ ସୁସ୍ଥତା ଓ ଶୃଙ୍ଖଳା, ଏକତାର ବାର୍ତ୍ତା ଦ୍ୱାରା ସମାଜକୁ ସଚେତନ କରିବା ମହତ୍ ପ୍ରୟାସକୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅମିନ ମଲ୍ଲିକ, ଆଶୁତୋଷ ବାରିକ, କ୍ରୀଡ଼ା ଶିକ୍ଷୟିତ୍ରୀ ରାଜଶ୍ରୀ ସାହାଣୀ ପରିଚାଳନା କରିଥିଲେ।







## ବରଗଡ଼ ଧନୁଯାତ୍ରା ମହୋତ୍ସବର ପ୍ରଥମ ପ୍ରସ୍ତୁତି ବୈଠକ

**ବରଗଡ଼, ୧୩।୧୦(ସମିସ)**

ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ସୋମବାର ୭୮ ତମ ବରଗଡ଼ ଧନୁଯାତ୍ରା ମହୋତ୍ସବର ଆୟୋଜନ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ଆଦିତ୍ୟ ଗୋୟଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ, ପଦ୍ମପୁର ବିଧାୟିକା ବର୍ଷା ସିଂହ ବାରିହା, ପୌରାଧ୍ୟକ୍ଷା କଳ୍ପନା ମାଝି ଏବଂ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁ, ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବାନନ ସାହୁ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର୍ ହୁସେନ, ଏସଡିପିଓ ପଦାରବିନ୍ଦ ତ୍ରିପାଠୀ, ଅବକାରୀ ଅଧିକ୍ଷକ ସୁବର୍ଣ୍ଣ ନାୟକ, ଅଶୋକ ବେହେରା, ପ୍ରଶାନ୍ତ ଦାଶ, ସଙ୍ଗୀତା ପଣ୍ଡା ଷଡଙ୍ଗୀ, ଗୋପାଳ ଦାଶ, ପ୍ରଶାନ୍ତ ବେହେରାଙ୍କ ସମେତ ମହୋତ୍ସବ ସମିତିର ସମସ୍ତ କାର୍ଯ୍ୟନିର୍ବାହୀ ସଦସ୍ୟ, ଜିଲ୍ଲା ସ୍ତରୀୟ ଅଧିକାରୀ ମହୋତ୍ସବ ପାଇଁ ନିଜ ନିଜ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଗୋୟଲ ସମସ୍ତଙ୍କୁ ବରଗଡ଼ ଧନୁଯାତ୍ରାକୁ ଜିଲ୍ଲାର ଗୌରବ ବୋଲି କହିବା ସହ ସମସ୍ତେ ସମନ୍ୱିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ମହୋତ୍ସବର ସଫଳ ଆୟୋଜନ ପାଇଁ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଗତ ବର୍ଷର ଆୟବ୍ୟୟର ସମୀକ୍ଷା, ଆଇନ ଶୃଙ୍ଖଳା ପରିସ୍ଥିତି ଓ ଭିଡ ନିୟନ୍ତ୍ରଣ, କଳାକାର ଚୟନ ପ୍ରକ୍ରିୟାରେ ନିରପେକ୍ଷତା, ବିଭିନ୍ନ କମିଟିର ସଦସ୍ୟ ଚୟନ, ଦାୟିତ୍ୱ ବଣ୍ଟନ ଓ କାର୍ଯ୍ୟସଞ୍ଚାଳନ ଯୋଜନା ଆଦି ହୋଇଥିଲା। ବୈଠକର ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଅନୁଯାୟୀ ୭୮ତମ ଧନୁଯାତ୍ରା ମହୋତ୍ସବ ୨୪ ଡିସେମ୍ବରରୁ ଆରମ୍ଭ ହେବ। କଳାକାର ଚୟନର ତାରିଖ କମିଟି ଦ୍ୱାରା ନିର୍ଦ୍ଧାରିତ ହେବା ପରେ ଜନସାଧାରଣଙ୍କୁ ଅବଗତ କରାଯିବ। ଶେଷରେ ସମ୍ପାଦକ ସୁରେଶ୍ୱର ଶତପଥୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଥିଲେ।



## ଜାତି ପରିବର୍ତ୍ତନ ଅଭିଯୋଗରେ ସଞ୍ଜୀବ ଗିରଫ



**ବରଗଡ଼, ୧୩।୧୦(ସମିସ):** ଜାତି ପରିବର୍ତ୍ତନ ଅଭିଯୋଗରେ ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ମୁଣ୍ଡେଲା ଗାଁର ସଞ୍ଜୀବ ବାରିକଙ୍କୁ ସୋମବାର ପୁଲିସ ଗିରଫ କରିଛି। ସଞ୍ଜୀବ ବାରିକ ଓରଫ ସଞ୍ଜୀବ ବରିହା ପିତା ସୁନ୍ଦର ବାରିକ ତାଙ୍କର ଜାତି ବାରିକରୁ ବରିହାକୁ ପରିବର୍ତ୍ତନ କରିଛନ୍ତି ବୋଲି ବରଗଡ଼ ଡିଡବ୍ଲ୍ୟୁଓ ମଳୟ ଶତପଥୀ ପାଇକମାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପାଇକମାଲ ପୁଲିସ ମାମଲା ରୁଜୁ କରି ସଞ୍ଜୀବ ବାରିକ/ବରିହାଙ୍କୁ ପଦ୍ମପୁର କୋର୍ଟକୁ ପଠାଇଛି ବୋଲି ପାଇକମାଲ ଥାନା ଅଧିକାରୀ କୈଳାଶ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ସମ୍ପାଦକୀୟ



ଲୋକଙ୍କ ଆଚରଣ ରୁଚିଶୀଳ ହେଲେ ବୈଶ୍ୱିକ ପରିବେଶ ମଧ୍ୟ ରୁଚିପୂର୍ଣ୍ଣ ହେବ।
-ଜର୍ଜ ଅରୱେଲ୍

ସକାଳ THE SAKALA

## ତାଲିବାନ ଚେତାବନୀ

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ଭିତ୍ତିଭୂମି ସୁଦୃଢ଼ ହେଉଥିବା ବେଳେ କାବୁଲ୍‌ରେ ପାକିସ୍ତାନ ପକ୍ଷରୁ ଏୟାରଷ୍ଟ୍ରାଇକ ଏକ ଭୁଲବାର୍ତ୍ତା ଦେଉଛି। ଏହି ଘଟଣାରେ ଭାରତ ଗସ୍ତରେ ଥିବା ଆଫଗାନ ବୈଦେଶିକ ମନ୍ତ୍ରୀ ଅମୀର ଖାନ ମୁତ୍ତାକୀ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବୋମାମାଡ଼ର କାରଣ ଯାହା ହେଉନା କାହିଁକି ତାହା ଆଫଗାନିସ୍ତାନର ସାର୍ବଭୌମତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଏପ୍ରକାର କାର୍ଯ୍ୟକଳାପର ପରିଣାମ ଅତିଭୟଙ୍କର ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେ କି ୯/୧୧ ଆକ୍ରମଣ ଘଟଣାରେ ଆମେରିକା ପକ୍ଷରୁ ଆଫଗାନିସ୍ତାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ସହଯୋଗିତା କାବୁଲ୍ ପ୍ରତି ବିଶ୍ୱାସଘାତକତା। ତାହାର ପ୍ରତିଶୋଧ ନେବା ପାଇଁ ଟିଟିପି ଏବେ ମଧ୍ୟ ଇସଲାମାବାଦ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଛି। ସଂଗଠନର ନେତା ନୂର ୱାଲି ମେସୁଦ୍ ଓ ତାଙ୍କ ସହଯୋଗୀଙ୍କୁ ନିପାତ କରିବା ସକାଶେ ପାକିସ୍ତାନ ପକ୍ଷରୁ ଏହି ବୋମାମାଡ଼ କରାଯାଇଛି ବୋଲି ଦିଆଯାଇଥିବା ସ୍ପଷ୍ଟୀକରଣକୁ ଅମୀର ଗ୍ରହଣ କରିନାହାନ୍ତି। ଅନ୍ୟପକ୍ଷରେ ଭାରତ କାବୁଲ୍‌କୁ ସହଯୋଗିତା ଓ ସହଭାଗିତାର ହାତ ବଢ଼ାଇଥିବା ବେଳେ ପାକିସ୍ତାନର ଏହି ଅଚାନକ ଆକ୍ରମଣକୁ ଅସୂୟା ଓ ଅସହଣୀୟତା ବୋଲି କହାଯାଇପାରେ।

କାବୁଲରେ ଥିବା ଭାରତର ବୈଷୟିକ ମିସନ୍‌କୁ ଏକ ଦୂତାବାସରେ ପରିଣତ କରାଯିବ ପାଇଁ ହୋଇଥିବା ନିଷ୍ପତ୍ତି ପ୍ରେକ୍ଷାପଟରେ ଅମୀର କହିଛନ୍ତି ଯେ ତାଙ୍କ ଦେଶରେ ଭାରତ ବିରୋଧୀ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦିଆଯିବ ନାହିଁ। ଆଫଗାନିସ୍ତାନର ପୁନଃନିର୍ମାଣ ଓ ମାନବିକ ସହାୟତାରେ ଭାରତ କେବଳ ଅଂଶୀଦାର ହେବ ନାହିଁ, ଖୁବ୍‌ଶୀଘ୍ର ଅନ୍ୟୂନ ୬ଟି ନୂତନ ବିକାଶ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି। ଏଥିସହ ଚିକିତ୍ସା କ୍ଷେତ୍ରରେ ନୂଆଦିଲ୍ଲୀ ବୈଷୟିକ ସହଯୋଗିତା ଓ ସହାୟତାର ହାତ ବଢ଼ାଇଛି। ମଧ୍ୟପ୍ରାଚ୍ୟ ପରିବର୍ତ୍ତନ ଦୃଶ୍ୟପଟରେ ଆଫଗାନିସ୍ତାନ ସୀମା ସଂଲଗ୍ନ ଇରାନ ଉପକୂଳରେ ଚବାହାର ବନ୍ଦରରେ ଭରତର ନିବେଶ ଫଳପ୍ରଦ ହେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ଆଫଗାନିସ୍ତାନ ସହ ସୁସଂପର୍କ ମାଧ୍ୟମରେ ମଧ୍ୟପ୍ରାଚ୍ୟ ସହ ଭାରତ ଆର୍ଥିକ ଓ ବାଣିଜ୍ୟିକ ସଂପର୍କକୁ ସୁଦୃଢ଼ କରିବାର ସମ୍ଭାବନା ଉଜ୍ଜ୍ୱଳ।

ଅନ୍ୟପକ୍ଷରେ ପାକିସ୍ତାନ ନିଜ ଦେଶରେ ଏକାଧିକ ଆତଙ୍କବାଦୀ ଗୋଷ୍ଠୀକୁ ଆଶ୍ରୟ ଓ ପ୍ରଶୟ ଦେଇ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି ତାହା କ୍ରମେ ନିୟନ୍ତ୍ରଣ ବାହାରକୁ ପଳାଇଥିବାର ଅନୁଭୂତ ହେଉଛି। ଗତ କିଛିଦିନ ମଧ୍ୟରେ ପରିଲକ୍ଷିତ ଚରମ ଆଭ୍ୟନ୍ତରୀଣ ବିଶୃଙ୍ଖଳାରେ ୫୮ ରୁ ଉର୍ଦ୍ଧ୍ୱ ମୃତ ଶତାଧିକ ଆହତ ହୋଇଛନ୍ତି। ଏଡି ଘଟଣାରେ ଟିଟିପି ଓ ଟିଏଲପି ସଂଗଠନର ଭୂମିକା ରହିଛି। ଟିଟିପି ଏକ ପୁଲିସ ତାଲିମ କେନ୍ଦ୍ର ଉପରେ ସଂଘବଦ୍ଧ ଆକ୍ରମଣ କରିଥିବା ବେଳେ ଟିଏଲପି ଗାଜାଶାନ୍ତି ଯୋଜନା ବିରୋଧରେ ହିଂସାକାଣ୍ଡ ଭିଆଇଛନ୍ତି। ପରିସ୍ଥିତି ଏତେ ଭୟଙ୍କର ହୋଇଛି ଯେ ସେନାବାହୀନକୁ କାବୁଲରେ ବୋମାମାଡ଼ କରିବାକୁ ପଡ଼ିଛି। ଦେଶବାସୀଙ୍କୁ ଆଶ୍ୱସ୍ତ କରିବା ପାଇଁ ସରକାରଙ୍କ ପ୍ରଚାରକୁ ମିଛ ପ୍ରମାଣିକ କରି ଟିଟିପି ନେତା ମେସୁଦ୍ ଏକ ଭିଡିଓ ମାଧ୍ୟମରେ ସେ ସକ୍ରିୟ ଓ ସକ୍ଷମ ଥିବା ବାଦି କରିଛନ୍ତି। ନିଜ ଘର ସମ୍ଭାଳିବାକୁ ଅସମର୍ଥ ପାକିସ୍ତାନ ଏବେ ପଡ଼ୋଶୀ ରୋଷର ଶିକାର ହୋଇଛି। ଭାରତ ବିରୋଧରେ ପ୍ରୟୋଗ ପାଇଁ ପୋଷି ରଖିଥିବା ଆତଙ୍କବାଦୀ ଆଗାମୀ ଦିନରେ ପାକିସ୍ତାନର କାଳ ହୋଇପାରନ୍ତି।

## ମୃତ ଓ ଜୀବିତ ଦ୍ୱନ୍ଦ୍ୱ

ବିଭିନ୍ନ ଦୃଷ୍ଟିକୋଣରୁ ବିଚାରକଲେ ବିହାର ଏକ ବହୁଚର୍ଚ୍ଚିତ ରାଜ୍ୟ। ସବୁକ୍ଷେତ୍ର ଓ ସ୍ତରରେ ଅନଗ୍ରସର। ତେଣୁ ଜାତୀୟ ରାଜନୀତି ଏହାକୁ ଏକ ପ୍ରୟୋଗଶାଳା ରୂପେ ବ୍ୟବହାର କରିଆସିଛି। ଅନୁତ୍ପାଦନୀ ବା ଅଦରକାରୀ ହୋଇପଡ଼ିଛନ୍ତି ରାଜବାସୀ। କିଛି ବିନିମୟରେ ଏପରିକି ଅସୁମାରି ପ୍ରତିଶ୍ରୁତି ମାଧ୍ୟମରେ ରାଜନେତା ନିର୍ବାଚନ ଫସଲ ଅମଳ କରିଆସିଛନ୍ତି। ଅଥଚ ଜାତୀୟ ରାଜନୀତିରେ ଦିଗ ପରିବର୍ତ୍ତନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବିହାର। କିନ୍ତୁ ପରିବର୍ତ୍ତିତ ବ୍ୟବସ୍ଥାରୁ ରାଜ୍ୟ ସୁଫଳ ହାସଲ କରିବାକୁ ଅସମର୍ଥ ହୋଇଛି। ସେହିଭଳି ସମଗ୍ର ଦେଶରେ ମତଦାତା ଶୁଦ୍ଧକରଣ ପ୍ରକ୍ରିୟା ଆରମ୍ଭ ହୋଇଛି ବିହାରରୁ। ତାହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କେତେଦୂର ସଫଳ ହୋଇପାରିଛି ତାହା ତ ଭିନ୍ନ କଥା। ହେଲେ ଅନଗ୍ରସର ଓ ଅଶିକ୍ଷାରେ ନିପୀଡ଼ିତ ରାଜ୍ୟବାସୀ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି, ଯାହା ଅନ୍ୟ ରାଜ୍ୟବାସୀଙ୍କୁ ସଚେତନତାର ବାର୍ତ୍ତା ଦେଇଛି।

ଏହାମଧ୍ୟରେ ରାଜ୍ୟ ବିଧାନସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତଥାକଥିତ ଏସଆଇଆର ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଚାଲିଥିବା ମାମଲାର ଶୁଣାଣିରେ କିଛି ନିର୍ଣ୍ଣାୟକ ନିଷ୍ପତ୍ତି ହୋଇପାରିନି। ନିର୍ବାଚନ ଘୋଷଣା ପରେ ପ୍ରକ୍ରିୟାରେ ହସ୍ତକ୍ଷେପ କଲାଭଳି କୌଣସି ନିଷ୍ପତ୍ତି ଉପରେ ଥିବା କଟକଣାକୁ ସର୍ବୋଚ୍ଚ ଅଦାଲତ ଏକପ୍ରକାର ମାନିନେଇଛନ୍ତି। ଦୀର୍ଘ ୪ ମାସର ଅଦାଲତୀୟ କସରତ ଉଦ୍ଦେଶମୂଳକ ଥିଲା ଭଳି ମନେ ହୁଏ। ତେବେ ଅଦାଲତର ହସ୍ତକ୍ଷେପ ଓ ନିର୍ଦ୍ଦେଶ ନିର୍ବାଚନ ଆୟୋଗଙ୍କୁ ବାଧ କରିଛି ନିଜ ଘୋଷିତ ବ୍ୟବସ୍ଥାରେ ସଂଶୋଧନ ଆଣିବାକୁ। ଏସବୁ ସତ୍ତ୍ୱେ ୪୭ ଲକ୍ଷ ଭୋଟଙ୍କୁ ମତଦାତା ତାଲିକାରୁ ବାଦ ଦିଆଯାଇଛି। ଏହା ଅବଶ୍ୟ ଆୟୋଗଙ୍କ ପ୍ରଦତ୍ତ ପରିସଂଖ୍ୟାନ। କିନ୍ତୁ ଅସଲରେ ଏହି ସଂଖ୍ୟ ୬୫ ଲକ୍ଷରୁ ଅଧିକ ହୋଇପାରେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଆୟୋଗଙ୍କ ପକ୍ଷରୁ ଚିଠା ମତଦାତା ତାଲିକା ଘୋଷଣା କରାଯାଇଥିଲେ ମଧ୍ୟ ସଚେତନତା ଅଭାବରୁ ସଂଶୋଧନ ଆବେଦନ ସେଭଳି ଆଖିଦୃଶିଆ ହୋଇପାରିନଥିଲା। କିନ୍ତୁ ନିର୍ବାଚନ ଘୋଷଣା ପରେ ପରେ ଭୋଟର ତାଲିକାରେ ମୃତକ ଦର୍ଶାଯାଇଥିବା ମତଦାତା ସଚେତନ ହୋଇପଡ଼ିଛନ୍ତି। ସେମାନେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଛନ୍ତି। ଏପରିକି ନିଜେ ଉପସ୍ଥିତ ରହି ସେମାନେ ମୃତ ନୁହନ୍ତି ବୋଲି ଦର୍ଶାଇବାରୁ ତାଲିକା ପୁନଃସଂଶୋଧନ ସକାଶେ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ଗ୍ରାମାଞ୍ଚଳରେ ଏହି ସଚେତନତା ବୃଦ୍ଧି ପାଇଥିବାରୁ ସ୍ଥାନୀୟ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ସେମାନଙ୍କ ନିକଟରେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶିତ ପ୍ରମାଣପତ୍ର ନଥିଲେ ମଧ୍ୟ ଆଧାର କାର୍ଡ ବିଶେଷ ସହାୟକ ହୋଇଛି। ଏକ ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ ତଥାକଥିତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ମହିଳା ଓ ସଂଖ୍ୟାଲଘୁ ମତଦାତା।

ବହିରାଗତଙ୍କୁ ନେଇ କ୍ଷମତାକେନ୍ଦ୍ର ଓ ନିର୍ବାଚନ ପ୍ରଶାସନ ପକ୍ଷରୁ ଯେଭଳି ପ୍ରସଙ୍ଗ କରାଯାଇଛି ତାହା ଯେ ଅମୂଳକ ଏହି ମତଦାତା ଶୁଦ୍ଧିକରଣରୁ ପ୍ରକ୍ରିୟାରୁ ସ୍ପଷ୍ଟ ହୋଇଛି। ଭୋଟର ତାଲିକାରୁ ବାଦ ପଡ଼ିଥିବା ୩୧୫ ଜଣଙ୍କ ମଧ୍ୟରୁ ୭୮ ମୁସଲମାନ (ବାଂଲାଦେଶ) ଓ ଅବଶିଷ୍ଟ ନେପାଳର ହିନ୍ଦୁ ଅଧିବାସୀ। ଅଥଚ ଏହାକୁ ନିର୍ବାଚନ ପ୍ରଚାରରେ ମୁଖ୍ୟ ପ୍ରସଙ୍ଗ କରାଯାଇଛି।

# ଶିକ୍ଷାରେ ସଂଖ୍ୟାଲଘୁ ଅଧିକାର

ସୌଭାଗ୍ୟ ସୁନ୍ଦରରାୟ

ଦେଶରେ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଶିକ୍ଷା ଅଧିକାର ଆଇନ (ଆରଟିଇ) ଅନ୍ତର୍ଭୁକ୍ତ ହେବେ ନା ନାହିଁ ସେଥିନେଇ ଏକ ବିବାଦ ଗତ କିଛିଦିନ ଧରି ମୁଣ୍ଡ ଟେକିଛି। ଗତ ସେପ୍ଟେମ୍ବର ମାସରେ ସର୍ବୋଚ୍ଚ ନ୍ୟାୟାଳୟର ଏକ ରାୟକୁ ନେଇ ଏହି ବିବାଦ ସୃଷ୍ଟି ହୋଇଛି। ଶିକ୍ଷକ ଯୋଗ୍ୟତା ପରୀକ୍ଷା ସଂକ୍ରାନ୍ତ ଏକ ରାୟ ପ୍ରଦାନ କରିବା ଅବସରରେ ଶୀର୍ଷ ଅଦାଲତ ଏହି ପ୍ରସଙ୍ଗ ଉଠାଇଛନ୍ତି। ତେବେ କ'ଣ ପାଇଁ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଶିକ୍ଷା ଅଧିକାର ଆଇନ ପରିସରଭୁକ୍ତ ହେବାକୁ ଚାହୁଁନହାନ୍ତି ତାହା ଏକ ପ୍ରଶ୍ନବାଚୀ।

ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଆରଟିଇ ପରିସର ବାହାରେ ରହିବା ନିମନ୍ତେ ଯେଉଁ ଯୁକ୍ତି ଦର୍ଶାଉଛନ୍ତି ତାହା ଅଦାଲତର ୨୦୧୪ ମସିହାର ଏକ ରାୟ ଆଧାରିତ। ଦେଶର ସମସ୍ତ ଶିଶୁଙ୍କର ଶିକ୍ଷା ଲାଭ ପାଇବାର ଅଧିକାର ରହିଛି। ଅଥଚ ଆର୍ଥିକ ଅନଟନ, ପାରିବାରିକ ସମସ୍ୟା, ସାମାଜିକ ବ୍ୟବସ୍ଥା ଯୋଗୁଁ ବହୁ ଶିଶୁ ସର୍ବନିମ୍ନ ଶିକ୍ଷା ଲାଭ କରିପାରୁ ନାହାନ୍ତି। ଶିଶୁଟିଏ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଲାଭ କଲେ ସେ ନିଜ ପାଇଁ ଓ ପରିବାର ପାଇଁ ସଶକ୍ତ ହୋଇପାରିବ। ସମାଜ ମଧ୍ୟ ଏଥିରୁ ଉପକୃତ ହୋଇପାରିବ। ଆର୍ଥିକ ଅବସ୍ଥା ଜଣେ ଶିଶୁର ଶିକ୍ଷାରେ ଯେପରି ବାଧକ ନହୁଏ ତାହା ହୃଦୟଙ୍ଗମ କରି ଶିକ୍ଷା ଅଧିକାର ଆଇନ ପ୍ରଣୟନ କରାଯାଇଥିଲା। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରର ଏହା ଏକ ଯୁଗାନ୍ତକାରୀ ଦୂରଦୃଷ୍ଟି ସଂପନ୍ନ ଚିନ୍ତାଧାରା କହିଲେ ଅତ୍ୟୁକ୍ତି ହେବ ନାହିଁ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ରାଷ୍ଟ୍ରର ଦାୟିତ୍ୱ ବୋଲି ଆଇନରେ ବ୍ୟବସ୍ଥା କରାଯାଇଛି। ୨୦୦୯ ମସିହାରେ ଏହି ଆଇନ ପ୍ରଣୟନ କରାଯାଇ ୨୦୧୦ ମସିହାରୁ ଦେଶବ୍ୟାପୀ କାର୍ଯ୍ୟକାରୀ କରାଗଲା। ଏହି ଆଇନରେ ଘରୋଇ ବିଦ୍ୟାଳୟରେ ମଧ୍ୟ ୨୫% ଆସନ ଅନଗ୍ରସର ଶ୍ରେଣୀ ଶିଶୁଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା ରହିଛି। ଦେଖିବାକୁ ଗଲେ ଶିକ୍ଷା ଅଧିକାର ଆଇନ ଏକ ପ୍ରଗତିଶୀଳ ବ୍ୟବସ୍ଥା। ଏହା ଅନୁଷ୍ଠାନକୈନ୍ଦ୍ରିକ ବା ସଂପ୍ରଦାୟ କୈନ୍ଦ୍ରିକ ନୁହେଁ, ଶିଶୁକୈନ୍ଦ୍ରିକ। ଏହି ଆଇନ ଶିଶୁଙ୍କ ମୌଳିକ ଅଧିକାରକୁ ନେଇ ପ୍ରସ୍ତୁତ କରାଯାଇଛି, ଅନୁଷ୍ଠାନ ବା ବର୍ଣ୍ଣ ଆଧାରରେ ନୁହେଁ। ଏଣୁ ସଂଖ୍ୟାଲଘୁ ଭାବେ ଅନୁଷ୍ଠାନର ପ୍ରଶାସନିକ ଦିଗ ପ୍ରତି ଏତେ ଦୃଷ୍ଟି ଦିଆଯିବାର କୌଣସି ଆବଶ୍ୟକତା ନାହିଁ।

ଆରଟିଇ କାର୍ଯ୍ୟକାରୀ ହେବା ପରେ ଘରୋଇ ଶିକ୍ଷାନୁଷ୍ଠାନରେ ୨୫% ସ୍ଥାନ ସଂରକ୍ଷଣକୁ ନେଇ ଅଦାଲତରେ ମାମଲା ଦାୟର ହେଲା। ସରକାରୀ ଅଣସାହାଯ୍ୟପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନର ସ୍ୱାୟତ୍ତତା ଉପରେ ଏହା ହସ୍ତକ୍ଷେପ ବୋଲି କୁହାଗଲା। ତେବେ ଅଦାଲତ ଏହି ସଂରକ୍ଷଣକୁ କାଏମ ରଖିଥିଲେ ମଧ୍ୟ ଅଣସହାୟତାପ୍ରାପ୍ତ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନକୁ ଏଥିରୁ ବାଦ ଦେଇଥିଲେ। ପରବର୍ତ୍ତୀ ସମୟରେ ୨୦୧୪ ମସିହାରେ ଆସିଲା ଏକ ରାୟ। 'ପ୍ରମତି ଏଜୁକେସନାଲ ଆଣ୍ଡ କଲଚରାଲ ଟ୍ରଷ୍ଟ ବନାମ କେନ୍ଦ୍ର ସରକାର' ମାଲାରେ ଅଦାଲତ ଏହି ରାୟ ଦେଇଥିଲେ। ତତ୍କାଳୀନ ପ୍ରଧାନ ବିଚାରପତି ଆର.ଏମ.ଲୋଧାଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ଖଣ୍ଡପୀଠର ବିଚାରପତି ଏ.କେ.ପଟ୍ଟନାୟକ, ସୁଧାଂଶୁ ଜ୍ୟୋତି ମୁଖୋପାଧ୍ୟାୟ, ଦୀପକ ମିଶ୍ର ଓ ଏଫ.ଏମ ଇବ୍ରାହିମ କାଲିଫୁଲା ଏହି ରାୟ ବଳରେ ଗାଏମୋଟ ସମସ୍ତ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନକୁ ଆରଟିଆଇ ପରିସରରୁ ବାଦ ଦେଇଥିଲେ।

ଏହି ରାୟର ପୁନଃ ତର୍ଜମା ଆବଶ୍ୟକ ବୋଲି ଶିକ୍ଷକ ନିଯୁକ୍ତି ଯୋଗ୍ୟତା ପରୀକ୍ଷା ରାୟ ପ୍ରଦାନ ଅବସରରେ ସର୍ବୋଚ୍ଚ ନ୍ୟାୟାଳୟ ବିଚାରପତି ଦୀପଙ୍କର ଦତ୍ତ ଓ ମନମୋହନ ମତବ୍ୟକ୍ତ କରିଛନ୍ତି। ଦୁଇଜଣିଆ ଖଣ୍ଡପୀଠ ଚାକିରିଆ ଶିକ୍ଷକଙ୍କ ସମେତ ନୂଆ ଶିକ୍ଷକ ନିଯୁକ୍ତି ନିମନ୍ତେ ଶିକ୍ଷକ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣକୁ ବାଧ୍ୟତାମୂଳକ କରିଥିବା ବେଳେ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନକୁ ଏଥିରୁ ବାଦ ଦେଇଛନ୍ତି। ଯଦିଓ ଉଭୟ ବିଚାରପତି ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ସଂପର୍କରେ ନିଜର ରାୟ ପ୍ରଦାନ କରିପାରିଥା'ନ୍ତେ, କିନ୍ତୁ ପୂର୍ବରୁ ବୃହତ୍ତର ଖଣ୍ଡପୀଠ ଏ ସଂପର୍କିତ ରାୟ ପ୍ରଦାନ କରିଥିବାରୁ ପ୍ରସଙ୍ଗକୁ ପ୍ରଧାନ ବିଚାରପତିଙ୍କ ନିକଟକୁ ପଠାଇ ଦିଆଯାଇଛି। ଏବେ ଏହି ମାମଲାର ଶୁଣାଣି ନିହାତି ଭାବେ ୭ ଜଣିଆ ଖଣ୍ଡପୀଠରେ ହେବା ଆବଶ୍ୟକ।

କେନ୍ଦ୍ର ସଂଖ୍ୟାଲଘୁ ବିଭାଗ ମନ୍ତ୍ରାଳୟ ତଥ୍ୟ ଅନୁଯାୟୀ ଦେଶରେ ଏବେ ୧୩, ୦୦୦ରୁ ଉର୍ଦ୍ଧ୍ୱ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ରହିଛି। ଏଗୁଡ଼ିକ ମୁଖ୍ୟତଃ ମୁସଲିମ ବା ଖ୍ରୀଷ୍ଟ ଧର୍ମାବଲମ୍ବୀ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ। ଏହି ସଂପ୍ରଦାୟ ଦ୍ୱାରା ଅନେକ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟ ପରିଚାଳିତ। ଖୁବ୍ ସ୍ୱଳ୍ପସଂଖ୍ୟକ ଅନୁଷ୍ଠାନ ପାର୍ସି, ଇହୁଦୀ, ବୌଦ୍ଧ ଧର୍ମାବଲମ୍ବୀଙ୍କ ଦ୍ୱାରା ପରିଚାଳିତ। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ କହିଲେ ସଂଖ୍ୟାଲଘୁଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟକୁ ବୁଝାଏ। ସଂପ୍ରଦାୟର ସ୍ୱାର୍ଥ, ସଂସ୍କୃତି, ଭାଷା ଓ ଜ୍ଞାନର ପ୍ରଦୀପ ପ୍ରଜ୍ୱଳିତ ରଖିବା ଏହାର ପ୍ରମୁଖ ଲକ୍ଷ୍ୟ। ତେବେ ଜାତୀୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ତଥ୍ୟ ଅନୁଯାୟୀ ଏହି ବିଦ୍ୟାଳୟଗୁଡ଼ିକରେ ଅଣସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କ ସଂଖ୍ୟା ସର୍ବାଧିକ ବୋଲି ଜଣାପଡ଼ିଛି। ପ୍ରାୟ ୬୨.୫% ଛାତ୍ରଛାତ୍ରୀ ଅଣସଂଖ୍ୟାଲଘୁ ସଂପ୍ରଦାୟର। ବିଦ୍ୟାଳୟରେ ଅନଗ୍ରସର ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମାତ୍ର ୮.୭%। ଏଥିରୁ ପ୍ରତୀୟମାନ ହେଉଛି ଯେ, ଶିକ୍ଷାନୁଷ୍ଠାନର ସଂଖ୍ୟାଗରିଷ୍ଠ ଛାତ୍ରଛାତ୍ରୀ ଅଣସଂଖ୍ୟାଲଘୁ, କିନ୍ତୁ ବିଦ୍ୟାଳୟ ପରିଚାଳନା ବ୍ୟବସ୍ଥା ସଂଖ୍ୟାଲଘୁ। ଏଥିରୁ ଧରିବାକୁ ପଡ଼ିବ ସଂଖ୍ୟାଲଘୁ ପରିଚାଳନା ବ୍ୟବସ୍ଥା ନାମରେ ଦେଶର ଶିକ୍ଷା ଅଧିକାର ଆଇନକୁ ବିଭିନ୍ନ ଆଳରେ ଅଦାଲତର କାଠଗଡ଼ାକୁ ଟାଣି ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାକୁ ଆଖିମିଟିକା ମାରିବାକୁ ଉଦ୍ୟମ ଚାଲିଛି। ଶିକ୍ଷକ ଯୋଗ୍ୟତା ମାନଦଣ୍ଡ ବାହାରେ ରହି ସଂପୃକ୍ତ ଅନୁଷ୍ଠାନ ନିଜ ମନମୁଖି ଯେକୌଣସି ଯୋଗ୍ୟତାପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ଶିକ୍ଷା ବ୍ୟବସ୍ଥାକୁ ନିମ୍ନଗାମୀ କରିବାକୁ ଉଦ୍ୟମ କରୁଥିବା କୁହାଯାଇପାରେ। ଯଦି ଏହି ଶିକ୍ଷାନୁଷ୍ଠାନ ଆରଟିଇ ବାହାରେ ରହିବେ ଏବଂ ଅନଗ୍ରସର ବର୍ଗ ପାଇଁ ୨୫% ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବେ ନାହିଁ, ତେବେ ନିଜ ସଂପ୍ରଦାୟର ଶିଶୁଙ୍କୁ ମଧ୍ୟ ଉପେକ୍ଷିତ କରିବା ନିମନ୍ତେ ଏମାନେ ଅଧିକାରପ୍ରାପ୍ତ। ତା'ହାଲେ ସଂଖ୍ୟାଲଘୁ ଅନୁଷ୍ଠାନର ଉଦ୍ଦେଶ୍ୟ କିପରି ସାଧିତ ହେଲା? ଏପ୍ରକାର ମାନସିକତାରେ ଦେଶରେ ଶିକ୍ଷା ସାର୍ବଜନୀନ ହୋଇପାରିବ ନାହିଁ କି ଶିକ୍ଷା ଅଧିକାର ଆଇନ ଲକ୍ଷ୍ୟ ମଧ୍ୟ ପୂରଣ ହୋଇପାରିବ ନାହିଁ।

ଆରଟିଇ କାର୍ଯ୍ୟକାରୀ ହେବା ପରେ ଦେଶର ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥାନ ବଢ଼ିଛି। କିନ୍ତୁ ଶିକ୍ଷା ମାନରେ ସେଭଳି ଉନ୍ନତି ଘଟି ପାରିନାହିଁ। ପ୍ରଥମ ଏଜୁକେସନ ଫାଉଣ୍ଡେସନର ପ୍ରାଥମିକ ଶିକ୍ଷା ସଂକ୍ରାନ୍ତ ରିପୋର୍ଟରୁ ଜଣାପଡ଼ିଛି ଯେ, ଓଡ଼ିଶାର ତୃତୀୟ ଶ୍ରେଣୀରେ ଶିକ୍ଷାଲାଭ କରୁଥିବା ପ୍ରାୟ ୪୦% ବିଦ୍ୟାର୍ଥୀ ଦ୍ୱିତୀୟ ଶ୍ରେଣୀ ପୁସ୍ତକ ସଠିକ୍ ଭାବେ ପଢ଼ିପାରୁ ନାହାନ୍ତି। ତୃତୀୟ ଶ୍ରେଣୀର ୭୦% ଛାତ୍ରଛାତ୍ରୀ ଫେଡ଼ାଣ କରିପାରୁ ନାହାନ୍ତି। ରାଜ୍ୟର ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ବର୍ଗର ଶିକ୍ଷକ ପାଠ ପଢ଼ାଉଛନ୍ତି। ବହୁସ୍ଥାନରେ ଜାଲ ସାର୍ଟିଫିକେଟ ବଳରେ ଶିକ୍ଷକ ପଦବୀ ହାତେଇଛନ୍ତି। ବହୁ ଶିକ୍ଷକ ଶୁଦ୍ଧ ଭାବେ ଓଡ଼ିଆ ଲେଖିପାରୁ ନ ଥିବା ରିପୋର୍ଟ ପ୍ରକାଶ ପାଉଛି। ଏପ୍ରକାର ଶିକ୍ଷକଙ୍କୁ ଆମେ ଯୋଗ୍ୟ ବୋଲି କାହିଁକି ଧରିବା? ସେମାନଙ୍କର ଉପଯୁକ୍ତ ଯୋଗ୍ୟତା ଟିଇଟି ଦ୍ୱାରା ନିର୍ଦ୍ଧାରଣ ହେବାରେ କିଛି ସମସ୍ୟା ନାହିଁ। ସଂଖ୍ୟାଲଘୁ ସଂସ୍ଥାକୁ ଏଥିରୁ ବାଦ ଦିଆଗଲେ ସଂପୃକ୍ତ ବିଦ୍ୟାଳୟରେ ନିମ୍ନ ଯୋଗ୍ୟତାସଂପନ୍ନ ଶିକ୍ଷକ ନିଯୁକ୍ତି ଦିଆଗଲେ ସରକାରଙ୍କର କୌଣସି କର୍ତ୍ତୃତ୍ୱ ରହିବ ନାହିଁ। ଏପରି ହେଲେ ଶିକ୍ଷା ଫଳାଫଳ ନିମ୍ନଗାମୀ ହେବା ସ୍ୱାଭାବିକ।

ସମ୍ବିଧାନର ଧାରା ୩୦(କ) ସଂସ୍ଥା ପରିଚାଳନାରେ ସଂଖ୍ୟାଲଘୁଙ୍କ ଅଧିକାର ସୁରକ୍ଷିତ କରିଥିବା ବେଳେ ଧାରା ୨୧(କ) ଶିଶୁ ଶିକ୍ଷାକୁ ଏକ ମୌଳିକ ଅଧିକାରଭୁକ୍ତ କରିଛି। ତା'ହାଲେ କ'ଣ ପରିଚାଳନାଗତ ଅଧିକାରକୁ ସୁରକ୍ଷିତ କରାଯାଇ ଶିଶୁ ଅଧିକାରକୁ ଉପେକ୍ଷିତ କରାଯିବ? ଶିଶୁ ଅଧିକାର ପ୍ରଥମେ ସୁରକ୍ଷିତ ରହିବା ଆବଶ୍ୟକ। ପର୍ସନାଲ ଆଇନ ବଳରେ ସାମାଜିକ ଓ ଧାର୍ମିକ କ୍ଷେତ୍ରରେ ସଂଖ୍ୟାଲଘୁ ମୌଳିକ ଅଧିକାର ବଜାୟ ରଖନ୍ତୁ। ଶିକ୍ଷା କ୍ଷେତ୍ରରେ ତାହା ହେବା ଉଚିତ୍ ନୁହେଁ। ବହୁ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନର ପରିଚାଳନା ବିବାଦରେ ରହିଛି। ମାମଲା ମଧ୍ୟ ଅଦାଲତର କାଠଗଡ଼ାରେ ରହିଛି। ଏକ୍ଷେତ୍ରରେ ସ୍ୱାୟତ୍ତତା ଓ ଅଧିକାର ନାମରେ ସ୍ୱେଚ୍ଛାଚାରିତା ମାନସିକତା ଅଧିକ ରହୁଥିବା ଦେଖାଯାଉଛି। ଯେଉଁ ଅନୁଷ୍ଠାନଗୁଡ଼ିକ ଅଧାର୍ମିକ ବା ଧାର୍ମିକ ଶିକ୍ଷା ପ୍ରଦାନ କରୁଛନ୍ତି ସେମାନଙ୍କୁ ଏଥିରୁ ବାଦ ଦିଆଯାଇପାରେ। କିନ୍ତୁ ଆନୁଷ୍ଠାନିକ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଶିକ୍ଷାନୁଷ୍ଠାନକୁ ଆରଟିଇ ପରିସରଭୁକ୍ତ କରାଯିବା ଆବଶ୍ୟକ। ବମ୍ବେ ହାଇକୋର୍ଟ ଏବଂ ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ ନିଜ ରାୟରେ ସମସ୍ତ ଶିକ୍ଷାନୁଷ୍ଠାନକୁ ଆରଟିଇ ପରିସରଭୁକ୍ତ କରିବାକୁ ମତ ରଖିଛନ୍ତି। ଏଣୁ ଶିଶୁ ଶିକ୍ଷା ଅଧିକାର ସୁରକ୍ଷା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ତୁରନ୍ତ ଶୁଣାଣି କରିବା ଆବଶ୍ୟକ। ୨୦୧୪ ମସିହା ସମ୍ବିଧାନ ଖଣ୍ଡପୀଠ ରାୟକୁ ପୁନଃସମୀକ୍ଷା କରିବା ପାଇଁ ସରକାର ମଧ୍ୟ ସମ୍ବିଧାନ ସଂଶୋଧନ କରିବା ଲାଗି ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୭୨୨୯୨୩୩

# ଓଡ଼ିଶାର ହସ୍ତଶିଳ୍ପ ଏକ ଜୀବନ୍ତ ସାହିତ୍ୟ

ରାଜେଶ କୁମାର ତ୍ରିପାଠୀ



ହାତ ଯେତେବେଳେ ହୃଦୟ ସହିତ ଚାଲେ, ସେତେବେଳେ ମାଟି ଓ ମଣିଷ ମିଶି ଲେଖନ୍ତି ଜୀବନ ସାହିତ୍ୟ। ଓଡ଼ିଆ ହସ୍ତଶିଳ୍ପ ହେଉଛି ଆମ ମାଟିର ଆତ୍ମାର ଅଭିବ୍ୟକ୍ତି। ଏହା ଏମିତି ଏକ ଜୀବନ୍ତ ସାହିତ୍ୟ ଯେଉଁଠି ଶବ୍ଦ ନୁହେଁ - ହାତ କହେ। ରେଖା ଓ ରଙ୍ଗ ହେଉଛି ତାହାର ଅକ୍ଷର, ଆଉ ହୃଦୟ ହେଉଛି ତାହାର ସ୍ପନ୍ଦନ। ମାଟି, ଧାତୁ, ତନ୍ତ, ଶିଳା କିମ୍ବା ଘାସ - ଯେଉଁଠି ଓଡ଼ିଆ ମଣିଷ ପ୍ରଭୁଙ୍କୁ ସ୍ମରଣ କରି ହାତର ସ୍ପର୍ଶ ଦିଏ ସେଠାରେ ଜନ୍ମ ନେଉଥାଏ ଆତ୍ମାସ୍ପର୍ଶୀ କଳା। ଆମ ଲୋକଙ୍କ ହାତରେ ଗଢ଼ା ପଥର ମୂର୍ତ୍ତି, ତନ୍ତ ଶାଢ଼ି, ମାଟି ଦୀପ, ଘୋଡ଼ା କିମ୍ବା ତାରକସି - ଏ ସବୁ ହେଉଛି ଓଡ଼ିଆ ଆସ୍ଥା, ଶ୍ରମ ଓ ମନୁଷ୍ୟତାର ଜୀବନ୍ତ ପ୍ରତୀକ। ଓଡ଼ିଆ ହସ୍ତଶିଳ୍ପ କେବଳ କାରିଗରୀ ନୁହେଁ, ଏହା ହେଉଛି ଆମ ସଂସ୍କୃତିର ସ୍ୱର, ଆମ ହୃଦୟର ଗପ ଓ କବିତା।

ପଥର, ମାଟି, ଧାତୁ ଓ ରଙ୍ଗରେ ଲୁଚିଥିବା ଆତ୍ମା ଓଡ଼ିଆ ହାତରେ ପଡ଼ିଲେ ଜୀବନ ନେଇଥାଏ। ପଥର ଦେହରେ ଯେତେବେଳେ ମଣିଷ ହାତରେ ସ୍ୱପ୍ନ ଲେଖେ, ନିଏ ଶିଳ୍ପ, ଯାହା ଶାଶ୍ୱତ ଓ ଦିବ୍ୟ। ଲିଙ୍ଗରାଜ, ଜଗନ୍ନାଥ ଓ କୋଣାର୍କ ମନ୍ଦିର ଏହି ଅଦ୍ଭୁତ ସାଧନାର ଜୀବନ୍ତ ପ୍ରତୀକ। ସେହି ଶିଳାରେ ଖୋଦା ରେଖାଗୁଡ଼ିକ କେବଳ କଳା ନୁହେଁ, ତାହା ହେଉଛି ଓଡ଼ିଆ ଚିତ୍ତର ଭକ୍ତି ଓ ବୁଦ୍ଧିର ସାହିତ୍ୟ। ପିତଳ ଦୀପ, ମାଟିର ପାତ୍ର କିମ୍ବା ଘୋଡ଼ା - ଏସବୁରେ ଅଛି ଜୀବନର ସ୍ପନ୍ଦନ।

ମାଟି ହେଉଛି ଓଡ଼ିଆ ଜୀବନର ମୂଳ ଆଉ ଶିଳ୍ପ ହେଉଛି ତାହାର ଭାଷା। ଟେରାକୋଟା ଘୋଡ଼ା, ପାତ୍ର, ଖେଳନା ଆଦି ମନୁଷ୍ୟ ଓ ଦେବତା ମଧ୍ୟରେ ଗଢ଼ିଛି ଏକ ନିର୍ମଳ ସେତୁ। ଗ୍ରାମଦେବୀଙ୍କ ପାଇଁ ଆଜି ମଧ୍ୟ ଦିଆଯାଉଥିବା ମାଟିର ଘୋଡ଼ା ସେହି ଆସ୍ଥାର ଶାଶ୍ୱତ ସଙ୍କେତ। ପିପିଲିର ଚାନ୍ଦୁଆ କାମ ହେଉଛି ରଙ୍ଗ, ଆଲୋକ ଓ ଆନନ୍ଦର ଉତ୍ସବ। ରଙ୍ଗ ଲଗା କପଡ଼ା ଖଣ୍ଡକୁ ଯୋଡ଼ି ତିଆରି ହୋଇଥିବା ଚାନ୍ଦୁଆ, ଛତା, ପଙ୍ଖା ଓ ଚିତ୍ରପଟ ଦେଖିଲେ ଲାଗେ ହାତ ଓ ରଙ୍ଗ ଏକାଠି ହୋଇ ଗାଉଛି ଜୀବନର ଗୀତ। ସୁବର୍ଣ୍ଣ ଘାସରେ ମହିଳାମାନଙ୍କ ହାତରେ ତିଆରି ଟୋକେଇ, ସପ ଓ ଗାଲିଚା ଦେଖିଲେ ଲାଗେ ଯେପରି ସାଧା ସାମଗ୍ରୀ ମଧ୍ୟ ସୁନ୍ଦରତା ଓ ସ୍ୱାଭିମାନର ପ୍ରତୀକ ହୋଇପାରେ। ଘାସ ଯେତେବେଳେ ଶିଳ୍ପ ହୁଏ, ସେତେବେଳେ ମାଟିର ସହିଷ୍ଣୁତା ଓ ମଣିଷର ସାଧନା ଏକାଠି ହୋଇ ଗାଉଥାଏ ଜୀବନର ସ୍ତୋତ୍ର।

ଓଡ଼ିଆ ଶାଢ଼ି ହେଉଛି ଆମ ଆତ୍ମାର ବସ୍ତ୍ର। ସମ୍ବଲପୁରୀ ହେଉ କି ବରହମପୁରୀ, ପ୍ରତ୍ୟେକ ଶାଢ଼ି ଗୋଟିଏ ଅଞ୍ଚଳର ସଙ୍ଗୀତ ଓ ଜୀବନର ଗାଥା। ଶଙ୍ଖ, ଫୁଲ, ଲତା - ଏହି ଛାପ ଓଡ଼ିଆ ନାରୀର ସାହସ, ସଂସ୍କାର ଓ ସୌନ୍ଦର୍ଯ୍ୟକୁ ବୁଣି ରଖିଛି। ଏହା କେବଳ ବସ୍ତ୍ର ନୁହେଁ, ଶ୍ରମ ଓ ସ୍ୱାଭିମାନର ଶିଳ୍ପିତ ଅନୁବାଦ। ସେପରି କଟକର ତାରକସି କାମ ଓଡ଼ିଆ କାରିଗରୀର ମହିମା। ସୂକ୍ଷ୍ମ ରୁପା ତାରରେ ଗଢ଼ିଥିବା ରଥ, ଅଳଙ୍କାର ଓ ଦେବତା ଆକୃତିଗୁଡ଼ିକ କେବଳ ଦେଖିବାକୁ ସୁନ୍ଦର ନୁହେଁ, ବରଂ ମନୁଷ୍ୟ ଧୈର୍ଯ୍ୟ ଓ ଆସ୍ଥାର ଦିବ୍ୟ ପ୍ରତୀକ। ପ୍ରତ୍ୟେକ ତାର ହେଉଛି ଶ୍ରଦ୍ଧା ଓ ସାଧନାର ଏକ ସୂତ୍ର, ଯାହା ଆଜି ମଧ୍ୟ ଓଡ଼ିଆ ହୃଦୟକୁ ଗର୍ବିତ କରେ।

ପିତଳ କିମ୍ବା ମାଟିର ଦୀପ ଯେପରି ଘରକୁ ଆଲୋକିତ କରେ, ସେହିପରି ଓଡ଼ିଆ ହସ୍ତଶିଳ୍ପ ଆମ ସଂସ୍କୃତି ଓ ଆଶାକୁ ଆଲୋକିତ କରେ। ଆଜି ସାରା ବିଶ୍ୱ ଯେତେବେଳେ ଅଟୋମେସନ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସରେ ମନୁଷ୍ୟତା ଖୋଜୁଛି, ଓଡ଼ିଶା ତା'ର ହସ୍ତଶିଳ୍ପ ମାଧ୍ୟମରେ ସ୍ମରଣ କରାଉଛି ଯେ ସବୁଠାରୁ ବଡ଼ ଟେକନୋଲୋଜି ହେଉଛି ମଣିଷ ହାତ। ଆଉ ସବୁଠାରୁ ଶକ୍ତିଶାଳୀ ସଫ୍ଟୱେୟାର ହେଉଛି ତାହାର ହୃଦୟ। ଓଡ଼ିଆ ହସ୍ତଶିଳ୍ପ ଆଜି କେବଳ ଗତଐତିହ୍ୟ ନୁହେଁ, ଏହା ଆଗାମୀ କାଲିର ଆଶା ମଧ୍ୟ। ପରିବର୍ତ୍ତିତ ସମୟରେ ଏହା ମାନବତା, ସୃଜନ ଓ ସମ୍ମିଳନର ଏକ ମଡେଲ୍ ଭାବେ ଉଦିତ ହେଉଛି।

ଯଦି ଆମେ ଆମ ଶିଳ୍ପକୁ ସମୟ ସହିତ ଯୋଡ଼ି ରଖିପାରିବୁ, ନବତନ୍ତ୍ରର ସହିତ ଯୋଗାଯୋଗ ରଖି ତା'ର ଆତ୍ମାକୁ ଅକ୍ଷୁଣ୍ଣ ରଖିପାରିବୁ, ତେବେ ଓଡ଼ିଶା ହସ୍ତତନ୍ତ୍ର ଶିଳ୍ପ ସଂସ୍କୃତିର ବତୀଘର ହୋଇପାରିବ। ଯେତେବେଳେ ହାତ ହୃଦୟ ସହିତ ଚାଲେ ଏବଂ ସେହି ହାତ ସମୟ ସହିତ ତାଳ ଦିଏ, ସେତେବେଳେ ଜନ୍ମ ନେଉଥାଏ ଏମିତି ହସ୍ତଶିଳ୍ପ, ଯାହା କେବଳ ନିଜ ଅଞ୍ଚଳ ନୁହେଁ, ସାରା ପୃଥିବୀର ଆତ୍ମାକୁ ଆଲୋକିତ କରିପାରେ।

ଭୁବନେଶ୍ୱର, ମୋ: ୯୬୯୨୩୩୩୦୩୧

## ପ୍ରାଣଘାତୀ ବାଣ ଓ ବାଜା

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ପ୍ରାୟ ପ୍ରତ୍ୟେକ ସାର୍ବଜନୀନ ଉତ୍ସବ ପାଳନ ଅବସରରେ ଆମେ ପ୍ରାଥମିକତା ଦେଉଛୁ ବାଣ ଓ ବାଜାକୁ। ପରିବେଶ ଓ ପରିସଂସ୍ଥାକୁ ଗୁରୁତ୍ୱ ଦେଉଥିବା ଆମ ସଂସ୍କୃତିରେ ପୂଜାପାର୍ବଣ ସହିତ ଏହା କିପରି ସମ୍ମିଳିତ ହେଲା ତାହା ବୁଝି ହେଉନାହିଁ। ସାଧାରଣତଃ ବାଣରେ ଥାଏ ଆଲୁମିନିୟମ ଗୁଣ୍ଡ, ଗନ୍ଧକ, ଫସଫରସ, ପଟାସିୟମ ନାଇଟ୍ରେଟ୍, ବେରିୟମ ନାଇଟ୍ରେଟ୍ ଇତ୍ୟାଦି। ପୁନଶ୍ଚ ଏଥିରୁ ନିର୍ଗତ ଶିଖାକୁ ନାନାରଂଗ ପ୍ରଦାନ କରିବାକୁ ଏଥିସହିତ ଯୋଗ କରାଯାଇଥାଏ ସୋଡିୟମ, ତମ୍ବା, ବେରିୟମ ଧାତୁର ବିବିଧ ଲବଣ। ଏଣୁ ବାଣ ଫୁଟିଲେ ସେଥିରୁ ନିର୍ଗତ ହୁଏ ଅଙ୍ଗାରକାମ୍ଳ, କାର୍ବନ ମନୋକସାଇଡ, ଗନ୍ଧକର ଅକ୍ସାଇଡ ସମୂହ, ସୂକ୍ଷ୍ମ ଭାସମାନ କଠିନ ପଦାର୍ଥ, ଅଙ୍ଗାର ଓ ବିବିଧ ଧାତବ କଣିକା ଇତ୍ୟାଦି।

ଜନସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଏଗୁଡ଼ିକର ପ୍ରଭାବ ବର୍ଣ୍ଣନା କରିବସିଲେ ପୁରାଣଟିଏ ହେବ। ଗନ୍ଧକର ଅକ୍ସାଇଡ୍‌ଗୁଡିକ ଆମ ଶ୍ୱାସକ୍ରିୟା ବ୍ୟବସ୍ଥାକୁ କ୍ଷତି ପାହଞ୍ଚାଲା ବେଳେ ଅମ୍ଳବୃଷ୍ଟି ମଧ୍ୟ କରାନ୍ତି। ସେହିପରି କାର୍ବନ ମନୋକସାଇଡ ରକ୍ତର ଅମ୍ଳଜାନବାହୀ ଗୁଣକୁ ପ୍ରତିହତ କରେ ଏବଂ ସୂକ୍ଷ୍ମ ଭାସମାନ କଠିନ ପଦାର୍ଥଗୁଡ଼ିକ ଶ୍ୱାସରୋଗଠାରୁ ହୃଦ୍‌ରୋଗ ଯାଏ ନାନାରୋଗର କାରଣ ଅଟନ୍ତି। ପୁନଶ୍ଚ ଅଙ୍ଗାରକାମ୍ଳ ତ ଏକନମ୍ବର ସବୁଜ ଗୃହ ବାଷ୍ପ। କ୍ଷୋଭର ବିଷୟ ଯେ ପର୍ବପର୍ବାଣୀ ଅବସରରେ ଆମେ ଏସବୁ ପ୍ରତି ଧ୍ୟାନ ନଦେଇ ମନଇଚ୍ଛା ବାଣ ଫୁଟାଇଥାଉ। ଫଳରେ ଦେଶର ପ୍ରାୟ ସମସ୍ତ ସହର ଓ ନଗରରେ ବାୟୁ ପ୍ରଦୂଷଣର ମାତ୍ରା ଅନେକ ଗୁଣ ବଢ଼ିଯାଏ।



ବିଭିନ୍ନ ପ୍ରକାର ଫଟକା ବାଣରୁ ନିର୍ଗତ ହୋଇଥାଏ ୮୦/୯୦ ରୁ ଆରମ୍ଭ କରି ୧୨୦/୧୪୦ ଡେସିବଲ ପର୍ଯ୍ୟନ୍ତ ଉଚ୍ଚଧ୍ୱନି। ଆମର ସାଧାରଣ ସହନୀୟ ସୀମା ହେଲା ୫୦ ରୁ ୬୦ ଡେସିବଲ। ଅତଏବ ଏହା ଆମ ସ୍ମୃତି ଓ ଶ୍ରବଣ ଶକ୍ତି ହ୍ରାସ କଲା ବେଳେ ମୁଣ୍ଡବ୍ୟଥା, ଛାତିରେ ଯନ୍ତ୍ରଣା, ଚର୍ମଜ୍ୱଳନ, ପାକସ୍ଥଳୀରେ ଘା, ହୃତସ୍ପନ୍ଦନ ହାର ବୃଦ୍ଧି, ହୃଦରୋଗ ସୃଷ୍ଟି କରେ ଏବଂ ଆମ ଚୟାପଚୟ ପ୍ରକ୍ରିୟା ଉପରେ କୁପ୍ରଭାବ ପକାଏ। ବିବିଧ ପର୍ବପର୍ବାଣୀ ଅବସରେ ଧ୍ୱନି ପ୍ରଦୂଷଣ ଦିଲ୍ଲୀ, ମୁମ୍ବାଇ, କଲିକତା, ଲକ୍ଷ୍ନୌ, ଅହମ୍ମଦାବାଦ ଆଦି ନଗରୀମାନଙ୍କରେ ୧୩୦/୧୪୦ ଡେସିବଲ ଅତିକ୍ରମ କରିଯାଏ। ଏପରିକି ଆମ କଟକ ମଧ୍ୟ ଏଥିରୁ ବାଦ ପଡ଼େ ନାହିଁ।

ବାଣ ସହିତ ଏବର ସମସ୍ୟାକୁ ଅଧିକ ତୀବ୍ର କରୁଛି ବାଜା ଓ ଡାକବାଜି ଯନ୍ତ୍ର। ବିଭିନ୍ନ ବାଜାରୁ ୯୦ ରୁ ୧୪୦ ଡେସିବଲ ଧ୍ୱନି ନିର୍ଗତ ହେଉଥିବା ବେଳେ ଡାକବାଜିଯନ୍ତ୍ର କ୍ଷେତ୍ରରେ ତାହା ୧୦୦ ରୁ ୧୩୦। ସହଜେ ତ ଗାଡ଼ି ମୋଟର, କଳାକାରଖାନା, ଉଡ଼ାଜାହାଜ ଆଦିଙ୍କ ଯୋଗୁଁ ବାୟୁ ଓ ଧ୍ୱନି ପ୍ରଦୂଷଣ ବଢ଼ି ଲାଗିଛି। ସେଥିସହିତ ଏହି ଦାୟିତ୍ୱହୀନ କାର୍ଯ୍ୟକଳାପ ସମସ୍ୟାଟିକୁ ଅଧିକ ଜଟିଳ କରି ପକାଉଛି।

ବିଡ଼ମ୍ବନାର କଥା ଯେ ଏହାକୁ ଆମେ ଉପଭୋଗ କରୁଛୁ ଆମ ପ୍ରଚଳିତ ପରମ୍ପରା ଓ ଧର୍ମାନୁଷ୍ଠାନର ଦ୍ୱାହି ଦେଇ। ଏକଥା କହିଲାବେଳେ ଆମେ ଭୁଲି ଯାଉଛୁ ଯେ ମଣିଷର ଜୀବନଧାରା ଓ ଚେନତାକୁ ସମୁନ୍ନତ ଓ ଶୃଙ୍ଖଳିତ କରିବାକୁ ଧର୍ମ ଓ ପରମ୍ପରାର ସୃଷ୍ଟି। ଅତଏବ ସମାୟାନୁକ୍ରମେ ଏହା ମଧ୍ୟରେ ଯୁକ୍ତିସିଦ୍ଧ ପରିବର୍ତ୍ତନ ଆସିବା ନିତାନ୍ତ ଜରୁରୀ। ନଚେତ୍ ତାହା ହରାଇବା ବସିବ ପ୍ରାସଙ୍ଗିକତା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ସହିଦ ସପ୍ତାହରେ ରେଳଧାରଣାରେ ମାଓବାଦୀଙ୍କ ବିସ୍ଫୋରଣ

# ତଦନ୍ତ ଆରମ୍ଭ କଲା ଏନ୍‌ଆଇଏ



ରାଉରକେଲା,୧୩।୧୦(ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ କେ.ବଲାଙ୍ଗ ଥାନା ଅଧୀନ କରମପଦା ନିକଟରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରି ମାଓବାଦୀମାନେ ରେଳଧାରଣା ଉଡ଼ାଇଦେବା ଘଟଣାର ତଦନ୍ତଭାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)କୁ ଦିଆଯାଇଛି। ମାଓବାଦୀ ସଂଗଠନ ପକ୍ଷରୁ ପାଳନ ହେଉଥିବା ସହିଦ ସପ୍ତାହର ଅନ୍ତିମ ଦିନରେ ଏହି ବିସ୍ଫୋରଣ କରାଯାଇଥିଲା। ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତକୁ ରିମାଣ୍ଡରେ ନେଇ ଭୁବନେଶ୍ୱରରେ ପଚରାଉଚରା କରୁଥିବା ସୂଚନା ମିଳିଛି।

ଗତ ଜୁଲାଇ ୨୮ ରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ଛୋଟନାଗପୁର ଡିଭିଜନାଲ କମିଟିର ପୂର୍ବ ରିଜିଓନାଲବ୍ୟୁରୋ ପକ୍ଷରୁ ମାଓବାଦୀଙ୍କ ଦ୍ୱାରା ସହିଦ ସପ୍ତାହ ପାଳନ କରାଯାଉଥିଲା। ଏନେଇ ସରଣ୍ଡା ଜଙ୍ଗଲର ବିଭିନ୍ନ ସ୍ଥାନରେ ମାଓ ପୋଷ୍ଟର୍ ଦେଖିବାକୁ ମିଳିଥିଲା। କିନ୍ତୁ, ଅଗଷ୍ଟ ୨ରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରି ଏକ ବଡ଼ଧରଣର ମାଓହିଂସା ଘଟାଇଥିଲେ। ମାଓବାଦୀମାନେ ବିମଳାଗଡ଼-କିରିବୁରୁ ସେକ୍ସନ୍‌ର ରାଞ୍ଜଡ଼ା ରେଳଷ୍ଟେସନ୍‌ରୁ ୩କିମି ଦୂରରେ ରେଳଧାରଣାର ଏକ ଖୁଣ୍ଟ ନିକଟରେ ଶକ୍ତିଶାଳୀ ପ୍ରେସର ଆଇଇଡି ଖଞ୍ଜିଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ଏହି ଲ୍ୟାଣ୍ଡମାଇନ୍ ଉପରେ ବୁଦ୍ଧୁରାମ ମୁଣ୍ଡା ନାମକ ଜଣେ ଯୁବକଙ୍କ ଗୋଡ଼ ପଡ଼ିଯିବାରୁ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ଗୁରୁତର ଆହତ ବୁଦ୍ଧୁରାମଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପୁନର୍ବାର ଅଗଷ୍ଟ ୩ତାରିଖ ସକାଳ ପ୍ରାୟ ୯ଟାରେ ସେହି ଟ୍ରାକ୍‌ର ଅନ୍ୟ ଏକ ଖୁଣ୍ଟ ନିକଟରେ ଆଉ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା। ଏଥିରେ ଜଣେ ଗ୍ୟାଙ୍ଗମ୍ୟାନ୍ ଏତୁଆ ଓରାମଙ୍କ ମୃତ୍ୟୁ ଘଟିଥିଲା। ଆଜି ଉକ୍ତ ବିସ୍ଫୋରଣ ଘଟଣାଗୁଡ଼ିକର ତଦନ୍ତ ଭାର ଏନଆଇଏ ନିଜ ହାତକୁ ନେଇଥିବା ଜଣାଯାଇଛି।

## ସାଇବର୍ ଅପରାଧୀ ଦୁଇ ଭାଇଙ୍କୁ ରାଜସ୍ଥାନରୁ ଧରିଲା ପୁଲିସ

ଅନୁଗୋଳ, ୧୩।୧୦ (ସମିସ): ପ୍ରସାଧାନ ସାମଗ୍ରୀର ଡିଷ୍ଟ୍ରିବ୍ୟୁଟର୍ କରାଇଦେବାକୁ କହି ତାଳଚେରର ଜଣେ ମହିଳାଙ୍କୁ ଅଢ଼େଇ ଲକ୍ଷ ଚୂନ ମାରିଥିବା ଦୁଇ ସାଇବର୍ ଅପରାଧୀଙ୍କୁ ଅନୁଗୋଳ ପୁଲିସ ରାଜସ୍ଥାନରୁ ଧରିଛି। ସେମାନେ ହେଲେ, ରାଜସ୍ଥାନ ଅଲୱାର ଜିଲ୍ଲା ଆରାବଳୀ ଥାନା ଶାନ୍ତିକୁଞ୍ଜ ଅଞ୍ଚଳର ଦୀପକ କୁମାରଙ୍କ ପୁଅ ହଂସ କୁମାର (୨୨) ଏବଂ ଗୌରଭ କୁମାର (୨୧)। ସଂପର୍କରେ ସେମାନେ ଦୁଇ ଭାଇ। ଦୁହେଁ ନକଲି ୱେବସାଇଟ୍ ତିଆରି କରି ଲୋକଙ୍କଠାରୁ ଟଙ୍କା ଲୁଟ୍ କରୁଥିଲେ। ପୁଲିସ ସେମାନଙ୍କଠାରୁ ଲାପଟପ୍, ଦୁଇଟି ମୋବାଇଲ, ଏଟିଏମ କାର୍ଡ, ଏବଂ ୨୦ ହଜାର ଟଙ୍କା ଜବତ କରିଛି। ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଗୋଳ ଏସ୍‌ପି ଜୈନ ଏହି ସୂଚନା ଦେଇଛନ୍ତି। ତାଳଚେର ଏଫସିଆଇ ଅଞ୍ଚଳର ଜଣେ ମହିଳା ବିଜିନେସ ଡଟ୍ କମ୍ ୱେବ୍‌ସାଇଟ୍ ଜରିଆରେ ସୁଲଭ ମୂଲ୍ୟରେ ବିୟୁଟି ପାର୍ଲର ପ୍ରସାଧନ ସାମଗ୍ରୀ ମଗାଇଥିଲେ। ଶୀଘ୍ର ଏବଂ ଅଧିକ ଲାଭବାନ ହେବାକୁ ଏହି ପ୍ରସାଧନ ସାମଗ୍ରୀର ଡିଷ୍ଟ୍ରିବ୍ୟୁଟର୍ ହେବା ପାଇଁ ପର୍ଯ୍ୟାୟକ୍ରମେ ସେ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ଦେଇଥିଲେ। ତେବେ ଦୀର୍ଘଦିନ ପର୍ଯ୍ୟନ୍ତ ଡିଷ୍ଟ୍ରିବ୍ୟୁଟରସିପ୍ ନ ମିଳିବାରୁ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ସଂପର୍କରେ ଗତ ଜୁନ ମାସରେ ବିକ୍ରମପୁର ଥାନାରେ ସେ ଅଭିଯୋଗ କରିଥିଲେ। ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଅନୁଗୋଳ ପୁଲିସ ରାଜସ୍ଥାନ ଅଲୱାର ଜିଲ୍ଲାରେ ଏହି ସାଇବର ଅପରାଧର ଚେର ପାଇଥିଲା।

### କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ନିଷ୍ପତ୍ତି

## ଭବିଷ୍ୟନିଧି ପାଣ୍ଠିରୁ ସବୁ ଅର୍ଥ ଉଠାଇପାରିବେ ସଦସ୍ୟ

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): ଏଣିକି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍)ରୁ ସମ୍ପୂର୍ଣ୍ଣ ଅର୍ଥ ରାଶି ଉଠାଇପାରିବେ ସଦସ୍ୟ। ସୋମବାର କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା ସୋମବାର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। କର୍ମଚାରୀଙ୍କୁ ସେମାନଙ୍କ ଆବଶ୍ୟକତା ପାଇଁ ସହଜରେ ପିଏଫ୍ ଉଠାଣ କରିବା ଏବଂ ସେମାନଙ୍କର ଅବସରକାଳୀନ ସଞ୍ଚୟକୁ ସୁଦୃଢ଼ କରିବା ପାଇଁ ଏପରି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ବର୍ତ୍ତମାନ କେବଳ ତିନୋଟି ବର୍ଗରେ ଅତ୍ୟାବଶ୍ୟକ ଆବଶ୍ୟକତା (ରୋଗ, ଶିକ୍ଷା, ବିବାହ), ଗୃହ ଆବଶ୍ୟକତା (ଘର ସମ୍ବନ୍ଧୀୟ ଖର୍ଚ୍ଚ) ଏବଂ ବିଶେଷ ପରିସ୍ଥିତିରେ ସଦସ୍ୟମାନେ ଏବେ ସେମାନଙ୍କର ପିଏଫ୍ ଆକାଉଣ୍ଟରୁ ସମ୍ପୂର୍ଣ୍ଣ ବାଲାନ୍ସ (କର୍ମଚାରୀ ଏବଂ ନିଯୁକ୍ତିଦାତା ଉଭୟ ଅଂଶ ସମେତ) ଉଠାଣ କରିପାରିବେ। ପୂର୍ବରୁ, ଶିକ୍ଷା ଏବଂ ବିବାହ ପାଇଁ କେବଳ ୩ଥର ଉଠାଣ ଅନୁମତି ଥିଲା, କିନ୍ତୁ ବର୍ତ୍ତମାନ ଶିକ୍ଷା ପାଇଁ ୧୦ ଥର ଏବଂ ବିବାହ ପାଇଁ ୫ ଥର ଅର୍ଥ ଉଠାଣ କରାଯାଇପାରିବ। ଏହାସହିତ ସର୍ବନିମ୍ନ ସେବା ଅବଧିକୁ ୧୨ ମାସକୁ ହ୍ରାସ କରାଯାଇଛି, ଯାହା ପୂର୍ବରୁ ବିଭିନ୍ନ ଆବଶ୍ୟକତା ପାଇଁ ଭିନ୍ନ ରହିଥିଲା। ପୂର୍ବରୁ, ବିଶେଷ ପରିସ୍ଥିତିରେ (ଯେପରିକି ପ୍ରାକୃତିକ ବିପର୍ଯ୍ୟୟ, ବେକାରୀ କିମ୍ବା ମହାମାରୀ) ସଦସ୍ୟଙ୍କୁ ଟଙ୍କା ଉଠାଣ ପାଇଁ ଏକ କାରଣ ଦର୍ଶାଇବାକୁ ପଡୁଥିଲା, ଯାହା ପ୍ରାୟତଃ କ୍ଲେମ୍ ବା ଦାବିକୁ ପ୍ରତ୍ୟାଖ୍ୟାନ କରୁଥିଲା। ବର୍ତ୍ତମାନ ଏହି ଅସୁବିଧା ଦୂର ହୋଇଛି। ସଦସ୍ୟମାନେ ବିଶେଷ ପରିସ୍ଥିତିରେ ବିନା କୌଣସି କାରଣ ଦର୍ଶାଇ ଆକାଉଣ୍ଟରୁ ଟଙ୍କା ଉଠାଣ କରିପାରିବେ। ଇପିଏଫ୍‌ଓ ଏହା ମଧ୍ୟ ସୁନିଶ୍ଚିତ କରିଛି ଯେ ସଦସ୍ୟମାନେ ସର୍ବଦା ସେମାନଙ୍କ ଆକାଉଣ୍ଟରେ ସର୍ବନିମ୍ନ ୨୫% ବାଲାନ୍ସ ବଜାୟ ରଖିବେ। ଏହା ସଦସ୍ୟମାନଙ୍କୁ ୮.୨୫% ସୁଧ ହାର ଏବଂ ଚକ୍ରବୃଦ୍ଧି ସୁଧ ପାଇବା ସୁନିଶ୍ଚିତ କରିବ, ଯାହା ସେମାନଙ୍କୁ ଏକ ଯଥେଷ୍ଟ ଅବସର କର୍ପସ ପାଣ୍ଠି ଗଠନ କରିବାକୁ ସକ୍ଷମ କରିବ। ନୂତନ ନିୟମ ଅନୁଯାୟୀ, କୌଣସି ଡକ୍ୟୁମେଣ୍ଟ ଦାଖଲ କରିବାର ଆବଶ୍ୟକତା ରହିବ ନାହିଁ। ଟଙ୍କା ଉଠାଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ହେବ, ଯାହା ଦାବି ସମାଧାନକୁ ତ୍ୱରାନ୍ୱିତ କରିବ। ଏହା ସହିତ, ଅପରିପକ୍ୱ ଚୂଡ଼ାନ୍ତ ସମାଧାନ ପାଇଁ ଅବଧି ୨ ମାସରୁ ୧୨ ମାସକୁ ବୃଦ୍ଧି କରାଯାଇଛି ଏବଂ ଚୂଡାନ୍ତ ପେନସନ ଉଠାଣ ଅବଧି ୨ମାସରୁ ୩୬ ମାସକୁ ବୃଦ୍ଧି କରାଯାଇଛି।

■ ୧୦୦% ପିଏଫ୍ ଉଠାଣକୁ ମଞ୍ଜୁରୀ
■ ଶିକ୍ଷା ପାଇଁ ୧୦ ଥର, ବିବାହ ପାଇଁ ୫ ଥର ଟଙ୍କା ଅନୁମତି

### ଅନଲାଇନରେ ଇ-ଚାଲାଣ ଓଟିଏସ ରିହାତି ଅର୍ଥ ପଇଠ ସୁବିଧା

## ଇ-ଚାଲାଣ ପଇଠ ନକଲେ ରଦ୍ଦ ହେବ ଗାଡ଼ି ପଞ୍ଜୀକରଣ

କଟକ, ୧୩।୧୦ (ସମିସ): ବକେୟା ଥିବା ଟ୍ରାଫିକ୍ ଇ-ଚାଲାଣର ଏକକାଳୀନ ଫଇସଲା (ଓଟିଏସ) ପାଇଁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ରିହାତି ଅର୍ଥରାଶି ପଇଠ ପାଇଁ ଏଣିକି ଆଉ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଗୁଡ଼ିକୁ ଯିବାକୁ ପଡ଼ିବ ନାହିଁ। ଘରେ ବସି ଏହି ଇ-ଚାଲାଣ ପୈଠ କରିବାକୁ ପରିବହନ ବିଭାଗ ବ୍ୟବସ୍ଥା କରିଛି। ଏଥିପାଇଁ ପରିବହନ ବିଭାଗର ୱେବ୍‌ସାଇଟ୍ https://echallan.parivahan.gov.in/ରେ କ୍ଲିକ୍ କରିବା ସହ ନିର୍ଦ୍ଦିଷ୍ଟ ମାର୍ଗ ଅନୁସରଣ କରି ଚାଲାଣ ଅର୍ଥ ପଇଠ କରିହେବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି।

ପୂର୍ବରୁ ମୋଟର ଯାନ ଆଇନର ୧୭ଟି ଧାରା ପାଇଁ ଏହା ଲାଗୁ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ୭ଟି ଧାରା ଏଥିରେ ସାମିଲ କରି ମୋଟ୍ ୨୪ଟି ଧାରା ପାଇଁ ଏହି ସୁବିଧା ଉପଲବ୍ଧ ହୋଇଛି। ୩୧ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଏହି ସମସ୍ତ ଧାରାରେ ଜାରି ହୋଇଥିବା ଇ-ଚାଲାଣକୁ ରିହାତିରେ ପୈଠ କରିହେବ। ଇ-ଚାଲାଣ ପୈଠ ନ କଲେ, ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ତରଫରୁ କୁହାଯାଇଛି। ଏଥିପାଇଁ ଭବିଷ୍ୟତରେ ମୋଟର ଯାନ ସମ୍ବନ୍ଧୀୟ ବିଭିନ୍ନ ସେବା ସହ ଗାଡ଼ିର ପଞ୍ଜୀକରଣ ରଦ୍ଦ ଭଳି କାର୍ଯ୍ୟାନୁଷ୍ଠାନ କରାଯିବ। ବିଗତ କିଛି ବର୍ଷ ଧରି ଲକ୍ଷଲକ୍ଷ ସଂଖ୍ୟାରେ ମୋଟରଯାନ ବ୍ୟବହାରକାରୀଙ୍କ ବିରୋଧରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ଜାରି ଇ-ଚାଲାଣ ବକେୟା ରହିଛି। ଏକାସାଥୀରେ ପୈଠ କରି ୫୦ ପ୍ରତିଶତ ଯାଏଁ ରିହାତି ପାଇବେ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। କୌଣସି ସୂଚନା ପାଇଁ ପରିବହନ ବିଭାଗର ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୧୦୭୩ରେ ମଧ୍ୟ ଯୋଗାଯୋଗ କରିବାକୁ କୁହାଯାଇଛି।

### ବୋଲେରୋକୁ ଧକ୍କା ଦେଲା ଟ୍ରକ୍; ୩ ଗୁରୁତର

## ଚାଳକର ହାତ ଛିଣ୍ଡି ତଳେ ପଡ଼ିଲା

ଖଲ୍ଲିକୋଟ,୧୩।୧୦(ସମିସ): ସୋମବାର ଭୋର୍‌ରେ ୧୬ ନମ୍ବର ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ରାସ୍ତାକଡ଼ରେ ଖରାପ ହୋଇ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ଅତିକ୍ରମ କରୁଥିବା ବେଳେ ପଛପଟୁ ଆସୁଥିବା ଆଉ ଏକ ଟ୍ରକ ଦ୍ରୁତଗତିରେ ବୋଲେରୋକୁ ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ବୋଲେରୋରେ ବସିଥିବା ୩ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ୭ ଜଣ ସାମାନ୍ୟ ଆହତ ହୋଇଥିଲେ। ଏହି ଦୁର୍ଘଟଣାରେ ବୋଲେରୋ ଡ୍ରାଇଭରଙ୍କ ହାତ ଛିଡ଼ି ତଳେ ପଡ଼ିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ମେଡିକାଲରେ ଭର୍ତ୍ତି କରାଯାଇଛି।



ବ୍ରହ୍ମପୁର ନିକଟସ୍ଥ କନିସି ଅଞ୍ଚଳର ୧୦ଜଣ ଯାତ୍ରୀ ଏକ ବୋଲେରୋ ଯୋଗେ ଘଟଗାଁ ମା'ତାରିଣୀଙ୍କ ଦର୍ଶନ କରିବାକୁ ଯାଇଥିଲେ। ସେଠାରେ ତାରିଣୀ ଦର୍ଶନ କରି ରବିବାର ରାତିରେ କନିସି ଅଭିମୁଖେ ବାହାରିଥିଲେ। ଭୋର ପ୍ରାୟ ୪ଟାରେ ଗଞ୍ଜାମ-ଖୋର୍ଦ୍ଧା ଜିଲ୍ଲା ସୀମାରେ ଥିବା ଜଳିଶଙ୍ଖଠାରେ ପୂର୍ବରୁ ରାସ୍ତା କଡ଼ରେ ଖରାପ ହୋଇ ଛିଡ଼ା ହୋଇଥିବା ଏକ ଟ୍ରକକୁ ଅତିକ୍ରମ କରୁଥିବା ବେଳେ ହଠାତ ପଛପଟୁ ଆସୁଥିବା ଆଉ ଏକ ଟ୍ରକ ଦ୍ରୁତଗତିରେ ଆସି ବୋଲେରୋକୁ ଧକ୍କା ଦେଇ ଆଖି ପିଛୁଳାକେ ସେଠାରୁ ଚାଲି ଯାଇଥିଲା।

ଦୁର୍ଘଟଣା ପରେ ସେହି ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ନାଭାଲ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଡ୍ରାଇଭରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲୁଗାଁ ମେଡିକାଲକୁ ପଠାଇ ସେଠାରେ ଫସି ରହିଥିବା ଯାତ୍ରୀଙ୍କ ପରିବାରଲୋକଙ୍କୁ ଖବର ଦେଇଥିଲେ। ଏହାସହ ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ କ୍ରେନ ଦ୍ୱାରା ସେହି ସ୍ଥାନରୁ ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଖବର ପାଇ କନିସିରୁ ଅନ୍ୟ ଏକ ଗାଡି ଆସି ଯାତ୍ରୀଙ୍କୁ ନେଇ ବ୍ରହ୍ମପୁର ବଡ଼ ମେଡିକାଲ ଅଭିମୁଖେ ଯାଇଥିଲା। ବଡ଼ ମେଡିକାଲରେ ଚିକିତ୍ସା ପରେ ଯାତ୍ରୀମାନେ ଘରକୁ ଫେରିଯାଇଥିବା ଜଣାପଡ଼ିଛି।

## ଟ୍ୟାଙ୍କର୍-ବାଇକ୍ ଧକ୍କା; ଦୁଇ ମୃତ

ରାମନାଗୁଡ଼ା, ୧୩।୧୦ (ସମିସ): ରାୟଗଡ଼ା ଜିଲ୍ଲା ରାମନଗୁଡ଼ା ବ୍ଲକ୍ ଅନ୍ତର୍ଗତ ପାଲୁପାଇ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ରାୟଗଡ଼ା ବ୍ଲକ୍‌ର ମୁନା ମିଣିଆକା(୧୮) ଏବଂ କୋଲନରା ବ୍ଲକର ଲେକାପାଇ ଗ୍ରାମର ରାହୁଲ ଉର୍ଲାକା (୧୮)। ସେମାନେ ରାମନଗୁଡ଼ା ବ୍ଲକ୍ ଅନ୍ତର୍ଗତ ଗୋସେଇଁ ଗୁଲୁମୁଣ୍ଡା ପଞ୍ଚାୟତ ଅଧୀନ ରେଖାଗୁଡ଼ାସ୍ଥିତ ଜଣେ ସଂପର୍କୀୟଙ୍କ ଘରକୁ ଆସିଥିଲେ। ଆଜି ଦୁହେଁ ଏକ ବାଇକ୍‌ରେ ୩୨୬ ନମ୍ବର ଜାତୀୟ ରାଜପଥରେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ତେଲ ଟ୍ୟାଙ୍କର୍ ପାଲୁପାଇ ନିକଟସ୍ଥ ବୁଲାଣିରେ ସେମାନଙ୍କୁ ଧକ୍କା ଦେଇଥିଲା। ରାମନାଗୁଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଦ୍ୱୟଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

## ୮ ମାଓବାଦୀ ଗିରଫ



ମାଲକାନଗିରି, ୧୩।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଡିଆରଜି ଓ ସିଆରପିଏଫ ଯବାନ ୮ ମାଓବାଦୀଙ୍କୁ ଗିରଫ କରିଛନ୍ତି। ସୂଚନା ଅନୁଯାୟୀ, ସିଆରପିଏଫ୍ ଏବଂ ଡିଆର୍‌ଜି ଯବାନମାନେ ବିଜାପୁର ଜିଲ୍ଲାର ପୁତକେଲ ଏବଂ ପୋଲମପାଲି ରାସ୍ତାରେ ତଲାସି ଅଭିଯାନ କରୁଥିଲେ। ଏହି ସମୟରେ କିଛି ସନ୍ଦିଗ୍ଧ ବ୍ୟକ୍ତି ଯବାନଙ୍କୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲେ। ଯବାନମାନେ ତୁରନ୍ତ ସେହି ଅଞ୍ଚଳକୁ ଘେରି ସମସ୍ତ ବ୍ୟକ୍ତିଙ୍କୁ କାବୁ କରି ପଚରାଉଚରା କରିଥିଲେ। ସେମାନେ ସମସ୍ତେ ମାଓ ସଂଗଠନ ସହ ଜଡ଼ିତ ଥିବା ସ୍ୱୀକାର କରିଥିଲେ। ପରେ ଯବାନମାନେ ସେମାନଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ଟିଫିନ ବୋମା, ବିସ୍ଫୋରକ, ଜିଲୋଟିନ୍, ବିଦ୍ୟୁତ ତାର ଆଦି ଜବତ ହୋଇଛି।

## ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ

ରାୟଗଡା, ୧୩।୧୦(ସମିସ): ରାୟଗଡା ଜିଲ୍ଲାର ସ୍ୱନାମଧନ୍ୟ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କଲ୍ୟାଣ ବିଭାଗ ଶିକ୍ଷକ, ଲେଖକ ତଥା ସାହିତ୍ୟିକ ଦ୍ୱିତୀଚନ୍ଦ୍ର ସାହୁଙ୍କୁ ଭୁବନେଶ୍ୱରର ରେଳବାଇ ଷ୍ଟେସନ ନିକଟରେ ଆଜି ମରଣାନ୍ତକ ଆକ୍ରମଣ ହୋଇଛି। ସୂଚନାନୁସାରେ,



ଶ୍ରୀ ସାହୁ ସରକାରୀ କାର୍ଯ୍ୟରେ ଭୁବନେଶ୍ୱର ଯାଇଥିଲେ। ଭୁବନେଶ୍ୱର ରେଳ ଷ୍ଟେସନ ନିକଟରେ ସେ ଚାଲିଚାଲି ଯାଉଥିବା ବେଳେ ଅଜଣା ଦୁର୍ବୃତ୍ତ ତାଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ମୁଣ୍ଡ ଫାଟିଯାଇ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡରେ ୧୨ଟି ଷ୍ଟିଚ୍ ପଡ଼ିଛି। ଆକ୍ରମଣ କରିଥିବା ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଆକ୍ରମଣକୁ ଦୃଢ ନିନ୍ଦା କରିବା ସହ ଦୋଷୀଙ୍କୁ ଧରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାୟଗଡା ଶିକ୍ଷକ ସଂଘ ଦାବି କରିଛି।

## ଅବଶିଷ୍ଟାଂଶ

### ଲାଲୁ, ରାବ୍‌ଡ଼ି...

ଲାଲୁ ହୁଇଲ୍ ଚେୟାରରେ କୋର୍ଟ ପହଞ୍ଚିଥିଲେ। ତାଙ୍କ ସହ ରାବଡ଼ି ଓ ତେଜସ୍ୱୀ ମଧ୍ୟ ଥିଲେ। ଲ୍ୟାଣ୍ଡ ଫର୍ ଜବ୍ସ ମାମଲାରେ ରାଉଜ ଆଭେନ୍ୟୁ କୋର୍ଟ ଆଜି ଅଭିଯୋଗ ନେଇ ଅନ୍ତିମ ନିଷ୍ପତ୍ତି ନେଇ ନାହାନ୍ତି ଓ ନଭେମ୍ବର ୧୦ରେ ଏହି ମାମଲାରେ କୋର୍ଟ ନିଷ୍ପତ୍ତି ନେବେ। ସେପଟେ ତେଜସ୍ୱୀ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟକରି ନିଜର ପ୍ରତିକ୍ରିୟା ରଖିଛନ୍ତି। 'ଯେପର୍ଯ୍ୟନ୍ତ ଦଙ୍ଗାସୃଷ୍ଟିକାରୀ ଓ ସମ୍ବିଧାନ ବିରୋଧୀ ବିଜେପି ଶାସନରେ ଅଛି ଓ ମୋର ବୟସ ଅଛି ସେ ପର୍ଯ୍ୟନ୍ତ ବିଜେପି ସହିତ ଲଢ଼େଇ ଜାରି ରଖିବି। ଗୋଟିଏ ମାସ ତଳେ ବିହାର ଆସି ଗୃହମନ୍ତ୍ରୀ ଅମିତ ଶାହା ଧମକ ଦେଇ କହିଥିଲେ ଯେ, ନିର୍ବାଚନ ଲଢ଼ିବାକୁ ଆମର ଯୋଗ୍ୟତାକୁ କାଢ଼ିନିଆଯିବ। କିନ୍ତୁ ଆମେ ଲଢ଼ିବୁ ଓ ବିଜୟୀ ହେବୁ। ଆମେ ବିହାରୀ, ବାହାର ଲୋକଙ୍କୁ ଆମେ ଡରୁନା' ବୋଲି ତେଜସ୍ୱୀ କହିଛନ୍ତି।

### ଦିଲ୍ଲୀରେ ଜଳ...

ଏପରି ହେଲେ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ହେବ। ତେବେ କେବେ ଜଳ ଯୋଗାଣ ସମସ୍ୟା ଦୂର ହେବ ସେ ନେଇ ଦିଲ୍ଲୀ ଜଳ ବୋର୍ଡ ତରଫରୁ ଏପର୍ଯ୍ୟନ୍ତ କିଛି କୁହାଯାଇନାହିଁ। ଆଗକୁ ଦିପାବଳୀ ଆସୁଛି। ତେଣୁ ପାର୍ବଣ ଋତୁ ପୂର୍ବରୁ ଏହି ସମସ୍ୟାର ସମାଧାନ ହେବା ନିହାତି ଜରୁରୀ ହୋଇପଡ଼ିଛି।

### ପଥରରେ ଛେଚି...

ମୃତ ଯୁବକଙ୍କ ବୟସ ପାଖାପାଖି ୨୫ବର୍ଷ ହେବ ବୋଲି ପୁଲିସ କହିଛି। ଯୁବକଙ୍କ ପରିଚୟ ପାଇଁ ପୁଲିସ ଉଦ୍ୟମ ଚଳାଇଛି। ସ୍ଥାନୀୟ ବସ୍ତି ଲୋକ ଏବଂ ସେଠାରେ କାମ କରୁଥିବା ଶ୍ରମିକ, ଠିକାଦାର ଏବଂ କଣ୍ଟ୍ରାକ୍ଟରଙ୍କୁ ଏନେଇ ପଚରାଉଚରା କରିଛି। ହେଲେ ତାଙ୍କର ପରିଚୟ ମିଳିପାରିନାହିଁ।

ସୂଚନାନୁଯାୟୀ, ରକ୍ତଜୁଡୁବୁଡୁ ଅବସ୍ଥାରେ ଯୁବକଜଣଙ୍କ ଉଲଗ୍ନ ଅବସ୍ଥାରେ ରାସ୍ତାକଡ଼ରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଥାନା ଅଧିକାରୀ, ଏସିପି ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ନିକଟରେ କିଛି ଟଙ୍କା ଏବଂ ପଥର ପଡ଼ିଥିଲା। ତାହାକୁ ଫୋରେନ୍‌ସିକ୍ ଟିମ୍ ଜବତ କରି ପରୀକ୍ଷା ପାଇଁ ପଠାଇଛି। କେଉଁ କାରଣ ପାଇଁ ଯୁବକଙ୍କୁ ହତ୍ୟା କରିବା ସହ ଏଠାରେ ଫିଙ୍ଗିଲା, ତାହା ଅଭିଯୁକ୍ତ ଗିରଫ ପରେ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

**NAME CHANGE**
I **RAMESH CHANDRA SAHU,** S/o Iswar Chandra Sahu, At/Po- Bhursaguda, Ps- Sindhekela, Dist- Bolangir, Pin- 767035, Odisha declare by this Affidavit No: 4788 on dated 08.10.2025 that now onwards I shall be known as **RAMESH SAHU** for all future purposes.
(Sd- **RAMESH SAHU**)

**AFFIDAVIT**
I , Maheswor Parida, S/o-Basudeb Parida, resident of At- Dhaneswarpur, Po- Atal, Dist- Kendrapara, PIN- 754231, Odisha declared by this affidavit No-822, dtd- 10/10/2025 that now onwards I shall be known as **MAHESWAR PARIDA** for all future purposes

**NAME CHANGE**
By virtue of an affidavit sworn before the Notary Public, Bhubaneswar, AF. No. 276, on dated 13/10/2025, I **PRAMOD KUMAR JENA**, S/o Late Adhikari Jena resident of Village At- Dolamandap Sahi, Patia, Bhubaneswar- 751031, Dist- Khordha, State- Odisha, declare that I have changed my wife's name from **BABITA JENA** to **BEBITA JENA.** Henceforth, she shall be known as **BEBITA JENA** for all future purposes.
(Sd- **PRAMOD KUMAR JENA**)

**AFFIDAVIT**
By virtue of an affidavit (SI No.645) sworn before The Notary Public, Bhubaneswar dated- 13/10/2025. I, **Anima Pradhan,** W/o Rajib Lochan Pradhan, Address: Village- Praharajpur, PO/PS- Pattamundai, Dist- Kendrapara, Odisha, Pin-754215 declare that I have changed my name from **Anima Biswal** (old name) to **Anima Pradhan** (new name). Henceforth, I shall be known as **Anima Pradhan** (new name) for all purposes.
**Anima Pradhan**

**AFFIDAVIT**
By virtue of an affidavit No. 10684, Dtd.09.10.2025 sworn before the Executive Magistrate, Balasore I, Ashish Kumar Biswal, S/o. Rabindra Kumar Biswal, At.Suthanga, Po./ Ps. Khantapada, Dist. Balasore, Odisha state that my name has been inadvertently spelt in my Board certificate vide No. A105052924 as Ashisa Kumar Biswal instead of Ashish Kumar Biswal, but both the names are one and same. Henceforth, I will be known as **Ashish Kumar Biswal** for all purposes.

**AFFIDAVIT**
By virtue of an affidavit sworn before the Executive Magistrate, Muniguda, dated 13/10/2025, I, Madhu Sikaka, S/o- Late Dusa Sikaka, a resident of Village- Loharagudi, Po.- Kutragada, P.S.- Muniguda, District- Rayagada, Odisha, declare that I have changed the name of my daughter from **Manisha Sikaka** to **MONISHA SIKAKA**. Henceforth, she shall be known as **MONISHA SIKAKA** for all purposes.
**Sd/- Deponent**

**AFFIDAVIT**
By Virtue of an affidavit sworn before P.K Mishra (O.R.S) Executive Magistrate, Balasore . SI No- 10714 Dt-10/10/2025. I Sekh Abaas Ali , Age-48, S/o- Sekh Hado At-Mirazapur, Po-Balaramgadi, ps-Marine, Dist-Balasore. That, my name recorded Aadhar and Pan is **Sekh Abaas Ali** but in my passport vide no M6308456 issued from govt of india in wich my name recorded as **Sekh Abaas Alli** instead of **Sekh Abaas Ali**. I declared that **Sekh Abaas Ali** and **Sekh Abaas Alli** are one and same person for all future purposes.

**NOTICE**
By virtue of an affidavit sworn before The Notary Public, Sunabeda dated 09/10/2025 I, Sri. Jay Khada, S/o- Kamalu Khada, Vill.- Goilput, Po.- Badel, PS.- Padwa, District- Koraput declare that, I have changed my son's name from **Balaram Khaga** to **Bikram Khada**. Henceforth, my son shall be known as **Bikram Khada** for all purposes.
**Sd/- Jay Khada**

**AFFIDAVIT**
I, Santosh Kumar Peda, S/o- Manoranjan Peda, resident of Chengagadia,Po - Randia, PS - Bhadrak (Rural), Dist - Bhadrak, Pin - 756135, Odisha, declare by this affidavit No - 324, dated -13.09.2025, that now onwards I shall be known as **SANTOSH PEDA** for all future purposes.

**AFFIDAVIT**
By virtue of an affidavit (CF No.01, date- 13/10/2025) sworn before the Executive Magistrate, Padampur. I, **Suman Hati,** S/o Birasen Hati, permanent & current resident of At- Beheratal, PO- Jamartala, PS- Buden, Dist- Bargarh, PIN- 768036, Odisha declare that I have changed my name from **Muna Hati** (old name) to **Suman Hati** (new name). Henceforth, I shall be known as **Suman Hati** (new name) for all purposes.
**Suman Hati**

**LOST / FOUND**
I, **Deeptiraj Patnaik**, S/o. Hemanta Kumar Pattanaik, resident of plot No.3829, Lane-7, Sriram Nagar, P.O. Old Town, P.S. Shree Lingaraj, Bhubaneswar, Dist. Khordha, Pin-751002, declare that my Original Sale Deed bearing Document No.3681 Dtd.11.08.2006 has been misplaced somewhere in Raghunathpur Market. **Dt. 12.10.2025**. If found by anyone, then please inform me. Mob: 9692037969

**AFFIDAVIT**
By virtue of an affidavit sworn before the the court of the Executive Magistrate, Bargarh, dated 09-10-2025, I, Prashanti Mohanty, Address - AT- Padampur PO- Rajborasambar PS- Padampur, Dist- Bargarh, Odisha- 768036 declare that I have changed my name from **Sandhyarani Mohanty** to **Prashanti Mohanty**. Henceforth, I shall be known as Prashanti Mohanty for all purposes.
**Sd/- Prashanti Mohanty**

**ଡକୁମେଣ୍ଟ ହଜିଛି**
ଓଡ଼ିଶା, ଖୋର୍ଦ୍ଧା ଜିଲ୍ଲା- ଖୋର୍ଦ୍ଧା, ମୌଜା- କନ୍ଧନସ୍ତାଗଡ଼, ଖାତା ନମ୍ବର- ୧୦୧୫ ଏବଂ ଆରଏସ୍‌ଡି ନଂ-୧୫୮୦, ତାରିଖ- ୨୫/୭/୧୯୮୩, କାଗଜପତ୍ର ଡାକ୍ତର ରମାକାନ୍ତ ନାୟକ, ବାପା- କଣ୍ଢରୀ ଚରଣ ନାୟକ, ଗ୍ରାମ/ପୋଷ୍ଟ- ବଡ଼ପାରି, ଥାନା-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ମୋ ନାମରେ ଥିବା ସେଲଡିଡ୍ କାଗଜପତ୍ର, ୦୯/୧୦/୨୫ ତାରିଖ ସକାଳେ ମୁଁ ବାଣପୁର କଲେଜ ରୋଡ୍ ରୁ ମେଡିକାଲକୁ ଆସୁଥିବା ସମୟରେ କେଉଁଠି ହଜି ଯାଇଛି। ଏନେଇ ବାଣପୁର ଥାନା କେସ ନଂ- ୦୧୫, ତାରିଖ-୦୯/୧୦/୨୦୨୫ରେ ଅଭିଯୋଗ ହୋଇଛି। ଯଦି କେହି ଏହାକୁ ପାଆନ୍ତି, ତେବେ ମୋ ମୋବାଇଲ ନଂ- ୯୪୩୮୩୧୦୯୩୪ କିମ୍ବା ବାଣପୁର ପୋଲିସ ଷ୍ଟେସନରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି କେହି ଏହାର ଅପବ୍ୟବହାର କରନ୍ତି, ତେବେ ଆମେ ଏଥିପାଇଁ ଦାୟୀ ରହିବୁ ନାହିଁ।

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, I, Sanjaya Kumar Sethy, At- Samian, P.O.- Kalakal, P.S.- Bari, Dist.- Jajpur, PIN- 754082 have changed my minor daughters name from Said Mancini Sethi to Nandini Sethi. Henceforth she will be known as Nandini Sethi for all purposes.
**Sd/- Sanjaya Kumar Sethy**

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE
O-947

e-Procurement for Building works
Bid Identification No: EERWJYP – Online -05/2025-26

Letter No. 4408 Date: 26.09.2025

01. Name of the work : Building works
02. Total Number of works : 23 (Twenty Three) Nos.
03. Approximate Estimated cost : Rs. 1.99 lakhs to Rs. 17.15 lakhs (approximately)
04. Class of Contractor : "C" & "D" Class
05. Period of Completion : within 1 or 2 Months
06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender-05/ RWD-JYP/2025-26 | 23 Nos. | 15.10.2025 at 10.00 A.M | 27.10.2025 upto 5.00 P.M. | 26.10.2025 at 1.30 P.M | 28.10.2025 at 10.00 A.M |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

Sd/- Executive Engineer,
Rural Works Division: Jeypore.
OIPR-25160/11/0022/2526

## ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପାଇଁ ଦାବି

# ଆନ୍ଦୋଳନ ପାଇଁ ଜିଲ୍ଲା ଯୁବ ଏକତା ମଞ୍ଚର ପ୍ରସ୍ତୁତି

ଦେବଗଡ଼,୧୩।୧୦(ସମିସ)




**ଖୋଲା ମଞ୍ଚରେ ଆନ୍ଦୋଳନର ଦିଗ ନିର୍ଦ୍ଧାରଣ ପାଇଁ ନିଷ୍ପତ୍ତି**

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନୂତନ କୋଠାକୁ ଦେବଗଡ଼ ସହରରୁ ନୂଆବାଲିରୋଇକୁ ସ୍ଥାନାନ୍ତର ହେବା ପରେ ଜିଲ୍ଲାରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଚିକିତ୍ସାଳୟ କୋଠା ସ୍ଥାନାନ୍ତର ପରେ ପୁରୁଣା ଜିଲ୍ଲା ଚିକିତ୍ସାଳୟ କୋଠାରେ ଜିଲ୍ଲାବାସୀଙ୍କୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ସାଂସଦଙ୍କ ନିକଟରେ ଦାବି କରାଯାଇଥିଲା।ମାତ୍ର ମଞ୍ଚର ଦାବିପ୍ରତି ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଜିଲ୍ଲା ଯୁବ ଏକତା ମଞ୍ଚର ଡାକରାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠା ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଜିଲ୍ଲାବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ମଞ୍ଚ ପକ୍ଷରୁ କରାଯାଇଥିବା ଦାବିକୁ ରାଜ୍ୟ ସରକାର ଜାଣିଶୁଣି ଅଣଦେଖା କରୁଥିବାରୁ ସଭାରେ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା। ସଭାରେ ଜିଲ୍ଲା ନାଗରିକ କମିଟିର ସଭାପତି ସୁଶୀଲ କପର୍ଦାର,ବରିଷ୍ଠ ନାଗରିକ ସୁଧିର କପର୍ଦାର ,ଜିଲ୍ଲା ବରିଷ୍ଠ ନାଗରିକ୍ ଫୋରମର ସଭାପତି ଡ.ରାମଚନ୍ଦ୍ର ମହାପାତ୍ର,ସଂପାଦକ ଗୌରହରି ଷଡଙ୍ଗୀ,କାଉନସିଲର ଧର୍ମେନ୍ଦ୍ର ଦେବତା,ସାମ୍ବାଦିକ ମିତ୍ରଭାନୁ ମହାପାତ୍ର,ସମାଜସେବୀ ପ୍ରଫୁଲ୍ଲ ନାୟକ ପ୍ରମୁଖ ମଂଚାସୀନ ରହି ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦିଆଯିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ବର୍ତ୍ତମାନ ସୁଦ୍ଧା ରାଜ୍ୟସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ଆଗାମୀ କାର୍ଯ୍ୟପନ୍ଥା ସଂପର୍କରେ ଆଲୋଚନା କରାଯିବା ସହ ପୁର୍ନବାର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ଏବଂ ପୌରାଞ୍ଚଳର ସମସ୍ତ ୱାର୍ଡର ବାସିନ୍ଦାମାନଙ୍କୁ ଏ ସଂପର୍କରେ ସଚେତନ କରାଯିବା ସହ ସହରର ଗୋପବନ୍ଧୁ ଛକରେ ଖୋଲା ମଞ୍ଚ ମାଧ୍ୟମରେ ଆନ୍ଦୋଳନର ଦିଗ ନିର୍ଦ୍ଧାରଣ ପାଇଁ ମତ ପ୍ରକାଶ ପାଇଥିଲା।ବୈଠକରେ ଆଇନଜୀବୀ ବିଭୂତି ଗଙ୍ଗଦେବ,ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥି, ଶିକ୍ଷାବିତ ଯୁଧିଷ୍ଠିର ଦାଶ, ଅଶୋକ ମିଶ୍ର, ସାମ୍ବାଦିକ ମାନସ ରଞ୍ଜନ ଦ୍ୱିବେଦୀ,ଆଇନଜୀବୀ ଚୌଧୁରୀ ବେହେରା,ଯୁବ ଏକତା ମଞ୍ଚ ଆବାହକ ସୁରଞ୍ଜିତ ମହାପାତ୍ରଙ୍କ ସମେତ ବହୁ ସଚେତନ ନାଗରିକ ଉପସ୍ଥିତ ରହି ନିଜର ମତ ବିନିମୟ କରିଥିଲେ।ଏହି ସଭାରେ ବହୁ ବୁଦ୍ଧିଜୀବୀ,ବିଭିନ୍ନ ସଂଗଠନର ସଦସ୍ୟ, ଓ ବହୁ ସଂଖ୍ୟକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି ଶିବିର




**ଦେବଗଡ଼,୧୩।୧୦(ସମିସ):** ବାରକୋଟ ବ୍ଲକ୍ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୪୦ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୮ ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷ କରି କଂକ୍ରିଟ ରାସ୍ତା ନିର୍ମାଣ ,ପାନୀୟ ଜଳ,ଜମିରପଟ୍ଟା ଓ ଭିନ୍ନକ୍ଷମ ଭତ୍ତା ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଜିଲ୍ଲାପରିଷଦ ମୂଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ,ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି



**ପଦ୍ମପୁର,୧୩।୧୦(ସମିସ):** ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ସମେତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ଦେବତା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେର ମହନ୍ତ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୩୧ଟି ଅଭିଯୋଗ ମଧ୍ୟରୁ ୧୦ଟି ବ୍ୟକ୍ତିଗତ ଏବଂ ୨୧ଟି ସାମୂହିକ ଅଭିଯୋଗ ରହିଥିଲା। ସମସ୍ତ ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଲକ୍ଷ୍ୟ ପଖୱାଡ଼ା ଅବସରରେ ଜିଲ୍ଲାପାଳଙ୍କ ସହ ଭାବ ବିନିମୟ



**ବରଗଡ଼,୧୩।୧୦(ସମିସ):** ବରଗଡ଼ ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ତରଫରୁ ଲକ୍ଷ୍ୟ ପଖୱାଡା ପାଳନ କରାଯାଉଛି। ଏହି ଅବସରରେ ସ୍କୁଲର ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କୁ ଭେଟିଥିଲେ। ଜିଲ୍ଲାପାଳ ସିଭିଲ ସର୍ଭିସ ପରୀକ୍ଷା ଉପରେ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟଶୈଳୀ ବାବଦରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଛାତ୍ରୀମାନେ ଜିଲ୍ଲାପାଳଙ୍କ ଏକ ଛବି ଆଙ୍କି ତାଙ୍କୁ ପ୍ରଦାନ କରିଥିଲେ। ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହୋଇ ଦେଶ ସେବା କରିବାକୁ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଲକ୍ଷ୍ୟ ପଖୱାଡା କ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଜିଲ୍ଲା ଅଦାଲତ ମଧ୍ୟ ପରିଭ୍ରମଣ କରି ଜଜ ଏବଂ ଓକିଲମାନଙ୍କ ସହ ଭାବ ବିନିମୟ କରିଥିଲେ।

## ଅତିରିକ୍ତ ଶ୍ରେଣୀ କୋଠରୀର ଶିଳାନ୍ୟାସ

**ଅତାବିରା,୧୩।୧୦(ସମିସ):** ଅତାବିରା ବ୍ଲକ୍ ଟୋପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟ ପାଇଁ ସମ୍ବଲପୁର ଏମ୍‌ସିଏଲ୍ ସିଏସ୍‌ଆର୍ ପାଣ୍ଠିରୁ ଅର୍ଥ ମଞ୍ଜୁରୀ ହୋଇଛି। ଅତାବିରା ନିର୍ବାଚନ ମଣ୍ଡଳୀ ବିଧାୟକ ନିହାର ରଞ୍ଜନ ମହାନନ୍ଦ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ପ୍ଲାନିଂ କୋଡିନେଟର ରାଜେଶ ସାହୁ, ଡେପୁଟି ଜେନେରାଲ ମ୍ୟାନେଜର ଶୁଭ୍ରଜ୍ୟୋତି ସାହୁ, ବିଡିଓ ରିପୁନାଥ ସୁନା ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟିର ସଭାପତି ପ୍ରହଲ୍ଲାଦ ମେହେର ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ ରବି ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସଂସ୍କୃତ ଶିକ୍ଷକ ସୁଧୀର ରଥ ମଞ୍ଚ ପରିଚାଳନା କରିଥିଲେ। ନିର୍ମଳ ପ୍ରଧାନଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରମେଶ ସାହୁ, ସୁଶାନ୍ତି ଭୋଇ, ରଶ୍ମିରେଖା ପ୍ରଧାନ, ମିମାଂସା ଯୋଶୀ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ସଂଯୋଜନାରେ ସହଯୋଗ କରିଥିଲେ। ଶିକ୍ଷକ ଲମ୍ବୋଦର ବେହେରା ଧନ୍ୟବାଦ ଦେଇଥିଲେ।

## ଲଖନପୁରରେ ଜନଅଭିଯୋଗ ଶୁଣାଣି ଶିବିର



**ଝାରସୁଗୁଡା,୧୩।୧୦(ସମିସ):** ଝାରସୁଗୁଡା ଜିଲ୍ଲା ଲଖନପୁରରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି।ସୋମବାର ସକାଳ ୧୦ ଟାରୁ ଅପରାହ୍ନ ୧ ଟା ଯାଏଁ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଲଖନପୁର ଠାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୪୧ଟି ବ୍ୟକ୍ତଗତ ଏବଂ ୨୪ଟି ସାମୂହିକ ମୋଟ ୬୫ ଅଭିଯୋଗ ଆଗତ ହୋଇଥିଲା। ସମସ୍ତ ଅଭିଯୋଗ ଶୁଣିବାସହ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ। ଶିବିରରେ ଝାରସୁଗୁଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଝାରସୁଗୁଡା ଉପଜିଲ୍ଲାପାଳ,ଲଖନପୁର ବିଡିଓ, ତହସିଲଦାରଙ୍କ ସହ ଜିଲ୍ଲା ତଥା ବ୍ଲକସ୍ତରୀୟ ଅଧିକାରିମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିବା ସହ ସମାଧାନ ଦିଗରେ ଆଲୋଚନା କରିଥିଲେ।

## ସମଲେଶ୍ୱରୀ ସାହିତ୍ୟ ସଂସଦର ବୈଠକ

# ତ୍ରୟୋଦଶ ବାର୍ଷିକ ଉତ୍ସବ ପାଇଁ କାର୍ଯ୍ୟକ୍ରମ ସ୍ଥିର



**କୋଲାବିରା,୧୩।୧୦(ସମିସ):** ସମଲେଶ୍ୱରୀ ସାହିତ୍ୟ ସଂସଦର ସ୍ୱତନ୍ତ୍ର ବୈଠକ କୋଲାବିରା ସ୍ଥିତ ସଂସଦର ଅସ୍ଥାୟୀ କାର୍ଯ୍ୟାଳୟରେ ବରିଷ୍ଠ ନାଗରୀକ ତଥା ଶିକ୍ଷାବିତ୍ ଚେତାନନ୍ଦ ପଟେଲ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମିଟୀର ଆଗାମୀ ଦିନର କାର୍ଯ୍ୟକ୍ରମମାନ ସ୍ଥିର କରାଯାଇଥିଲା। ଚଳିତ ବର୍ଷ ହେଉଥିବା ବାର୍ଷିର୍କ ଉତ୍ସବର କାର୍ଯ୍ୟଖସଡା ପ୍ରସ୍ତୁତ କରାଯିବା ସହିତ ସଂସଦର ମୁଖପତ୍ର 'ଅଗ୍ନିତିର୍ଥ'ଉନ୍ମୋଚନ ବିଷୟରେ ଆଲୋଚନା କରାଯାଇ ଆସନ୍ତା ୩୦ ନଭେମ୍ବର ୨୦୨୫ ତାରିଖ ରବିବାର ଦିନ କୋଲାବିରା ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କବି ସମ୍ମିଳନୀ ମହୋତ୍ସବ ଅବସରରେ ବାର୍ଷିକ ସଂକଳନ ଉନ୍ମୋଚନ କରାଯିବାର ସ୍ଥିର କରାଯିବା ସହିତ ସମ୍ବର୍ଦ୍ଧନା ପ୍ରତିଭା ଚୟନ କରାଯାଇଥିଲା। ୨୦୧୦ ମସିହା ଠାରୁ ଆରମ୍ଭ ହୋଇଥିବା ଏହି ସାହିତ୍ୟ ସଂସଦ ନିରବଛିନ୍ନ ଭାବରେ ନିୟମିତ ପାଳନ କରିଆସୁଛି ତାର ବାର୍ଷିକ ଉତ୍ସବ ଏବଂ ବାର୍ଷିକ ସ୍ମରଣୀକା ଅଗ୍ନିତୀର୍ଥ ଏହି କ୍ରମରେ ଚଳିତ ବର୍ଷ ସଂସଦ ତାର ତ୍ରୟୋଦଶ ସ୍ୱନକ୍ଷତ୍ର ଦିବସ ପାଇଁ ଆସନ୍ତା ନଭେମ୍ବର ୩୦ ତାରିଖ ରବିବାର ପୂର୍ବାହ୍ନ ସାଢେ ୯ ଟାରୁ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା କରାଯାଇ ଜ୍ୟୋତି ଅଣାଯାଇ ସଭାସ୍ଥଳିକୁ ପହଞ୍ଚିବା ପରେ ଅତିଥିଙ୍କ ଗହଣରେ ପ୍ରଦୀପ ପ୍ରଜ୍ୱଳନ ପଶ୍ଚାତ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସ୍ଥିର କରାଯାଇଛି। ଏଥିରେ ସମ୍ପାଦକ ଡ.କୀର୍ତ୍ତିଚନ୍ଦ୍ର ବହିଦାର,ସହସମ୍ପାଦକ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର,ପୂର୍ବତନ ସରପଞ୍ଚ ତୁଳାରାମ ସେନାପତି,କୋଷାଧ୍ୟକ୍ଷ ଶଚିନ୍ଦ୍ର କୁମାର ପଟେଲ,ଉପଦେଷ୍ଟା ଭିଷ୍ମଦେବ ପଟେଲ ,ଦିଲିପ ସେନାପତି ,ଅଶୋକ କୁମାର ବେହେରା.ବୀରେନ୍ଦ୍ର କୁମାର ମହାପାତ୍ର,ପ୍ରଦ୍ୟୁମ୍ନ କୁମାର ପୁରୋହିତ,ସ୍ମୃତି ରଂଜନ ରାଏ,ଲଳିନ୍ଦ୍ର ଗୋଖରା,ସରୋଜ ଟଣକାର,ପ୍ରେମ ସାଗର ଧୁରୁଆ,ଡିଲେଶ୍ୱର କିଶାନ,ଦିଲିପ କୁମାର ଲୁହା ପ୍ରମୁଖଙ୍କ ସମେତ ସଂସଦର ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# କୁଲତା ସମାଜର ବାର୍ଷିକ ବନ୍ଧୁ ମିଳନ 'କୁଲତା ସମାବେଶ'



**ଗାଇସିଲେଟ,୧୩।୧୦(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ସରଧାପାଲି ସ୍ଥିତ ଖେଳ ପଡ଼ିଆରେ ବାବା ବିଶାଶହେ କୁଲତା ସମାଜର ବାର୍ଷିକ ବନ୍ଧୁ ମିଳନ 'କୁଲତା ସମାବେଶ' ଅନୁଷ୍ଠିତ ହୋଇଯାଇଛି। କୁଲତା ସମାଜର ସମସ୍ତ ୧୮ଟି ଯାକ ପଞ୍ଚାୟତ କମିଟିର ମିଳିତ ଉଦ୍ୟମରେ ସମାବେଶ ଆୟୋଜନ ହୋଇଥିଲା। ପ୍ରଥମେ ନୃସିଂହନାଥ ମୁକ୍ତି ପୀଠରୁ ଯୁବ ସଂଗଠନଙ୍କ ନେତୃତ୍ୱରେ ଆଜ୍ଞାମାଳ ଆସିଥିଲା। ଆଜ୍ଞାମାଳକୁ ସ୍ୱାଗତ କରି ସରଧାପାଲି, ନୁଆପାଲି, କରିମୁଣ୍ଡା, ନାଥପାଲି, ଉମରାଡର ସମସ୍ତ କୁଲତା ଜାତିର ମହିଳା ମାନଙ୍କ ଦ୍ୱାରା କଳସ ଯାତ୍ରା କରି ଜାତିର ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡୀଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ନବ ମନୋନୀତ ବ୍ଲକ୍ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ସମାବେଶ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ବିଜେପୁର ବିଧାୟକ ସନତ ଗଡତିଆ, ଗୋପାଳ ଚନ୍ଦ୍ର ପଧାନ, ସଂଯୋଜକ ଓଡ଼ିଶା ପ୍ରଦେଶ, ମୁକ୍ତା ସାହୁ, ସଦସ୍ୟା ମହିଳା କମିଶନ ଓଡ଼ିଶା, ବେଲାଲ ସେନ ଭୋଇ, ସଭାପତି ବଲାଙ୍ଗିର ଜିଲ୍ଲା କୁଲତା ସମାବେଶ ସମାଜ, ପର୍ଶୁରାମ ବାରିକ, କାର୍ଯ୍ୟକାରୀ ସଂପାଦକ ବରଗଡ଼ ଜିଲ୍ଲା, ବିରେନ ପଧାନ, ଯୁବ ସଭାପତି ବରଗଡ଼ ଜିଲ୍ଲା, ବସନ୍ତ ସାହୁ, ଉପଦେଷ୍ଟା ଗାଇସିଲେଟ ବ୍ଲକ୍, କଂଗ୍ରେସ ସାହୁ, ଉପଦେଷ୍ଟା ଗାଇସିଲେଟ ବ୍ଲକ୍, ନରହରି ନାଏକ, ସଂପାଦକ, ଗାଇସିଲେଟ ବ୍ଲକ୍ କୁଲତା ସମାଜ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଦ୍ୱାଦଶ ପଧାନ ପରିଚାଳନା କରିଥିଲେ। ନବ ମନୋନୀତ ସମସ୍ତ ପଞ୍ଚାୟତ ସଭାପତିଙ୍କୁ ପ୍ରଥମେ ସମ୍ବର୍ଦ୍ଧନା କରାଯାଇଥିଲା। ମଞ୍ଚାସୀନ ସମସ୍ତ ଅତିଥି ଏବଂ ପଞ୍ଚାୟତ ସଭାପତିଙ୍କୁ ଗୋପାଳ ଚନ୍ଦ୍ର ପଧାନଙ୍କ ଦ୍ୱାରା ନିଜ ପଦର ଗୋପନୀୟତା ତଥା କର୍ତ୍ତବ୍ୟ ବିଷୟରେ ଶପଥ ପାଠ କରାହୋଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ଯଜ୍ଞେଶ୍ୱର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଲ ସାଇଡିଙ୍ଗକୁ ନେଇ ତ୍ରୀପାକ୍ଷିକ ବୈଠକ



**ଝାରସୁଗୁଡା,୧୩।୧୦(ସମିସ):** ଝାରସୁଗୁଡା ଜିଲ୍ଲା ଲଖନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟସମ୍ମୁଖ ସମ୍ମିଳନୀ କକ୍ଷରେ ଜେଏସଡ଼ବ୍ଲ୍ୟୁର କୋଲ ସାଇଡିଙ୍ଗକୁ ନେଇ ଏକ ତ୍ରୀପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କୁସ୍ରାଲୋଇ, ତେଲନପାଲି, ଦଲଗାଁ ପଞ୍ଚାୟତବାସୀଙ୍କ ସହ ଜିଲ୍ଲା ପ୍ରଶାସନ ଏବଂ ଜେଏସଡ଼ବ୍ଲ୍ୟୁ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। କୁସ୍ରାଲୋଇ ଠାରେ ଜେଏସଡ଼ବ୍ଲ୍ୟୁର ପ୍ରସ୍ତାବିତ କୋଲ ସାଇଡିଙ୍ଗକୁ ବିରୋଧ କରିଛନ୍ତି ଅଞ୍ଚଳବାସୀ। ଏହି କୋଲ ସାଇଡିଙ୍ଗ ହେଲେ ଜଳ, ଜଙ୍ଗଲ, ଜମି,ପବନ,ଘରଦ୍ୱାର, ରାସ୍ତାଘାଟ,ବିଦ୍ୟାଳୟ ସବୁ ପ୍ରଭାବିତ ହେବ।କୋଲ ସାଇଡିଙ୍ଗ ହେଲେ କୁସ୍ରାଲୋଇ, ତେଲନପାଲି, ଦଲଗାଁ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେବେ ତେଣୁ ଏହାକୁ ସମ୍ପୂର୍ଣ ଭାବରେ ବନ୍ଦ କରାଯାଉ ବୋଲି ଆଜିର ବୈଠକରେ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଲୋକଙ୍କ ଦାବିକୁ ନେଇ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଜୀବ ବୋଲି ଉପଜିଲ୍ଲାପାଳ ପ୍ରକାଶ କରିଛନ୍ତି।

## ମେରା ଯୁବା ଭାରତର କ୍ରୀଡ଼ା ମିଳନୀ ଉତ୍ସବ



**ବିଜେପୁର,୧୩।୧୦(ସମିସ):** ବରଗଡ଼ ମେରା ଯୁବା ଭାରତ ତରଫରୁ ଆୟୋଜିତ ବ୍ଲକ୍ ଓ କ୍ଲଷ୍ଟର ସ୍ତରୀୟ କ୍ରୀଡା ମିଳନୀ ୨୦୨୫ ସୋମବାର ବିଜେପୁର ବ୍ଲକ୍ ଜାଙ୍ଗିରେ ଅନୁଷ୍ଠିତ ହୋଇଛି। ଆଜି ପ୍ରଥମ ସେମିଫାଇନାଲ ଇଛାପୁର ଓ ମୁର୍ଷୁଣ୍ଡି ମଧ୍ୟରେ ଚାଲିଥିଲା। ମୁର୍ଷୁଣ୍ଡିକୁ ଇଛାପୁର ୩-୦ ଗୋଲ୍‌ରେ ପରାସ୍ତ ଫାଇନାଲକୁ ଉନ୍ନୀତ ହୋଇଛି। ଦ୍ୱିତୀୟ ସେମିଫାଇନାଲ ଖରମୁଣ୍ଡା ଓ ବରଡୋଲ୍ ମଧ୍ୟରେ ହୋଇଥିଲା। ଖରମୁଣ୍ଡା ୪-୦ ଗୋଲ୍‌ରେ ବରଡୋଲ୍ ବିପକ୍ଷରେ ବଜୟୀ ହୋଇ ଫାଇନାଲକୁ ପ୍ରବେଶ କରଛି। ପରେ ଫାଇନାଲ ଇଛାପୁର ଓ ଖରମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖରମୁଣ୍ଡା ୧-୦ ଗୋଲ୍‌ରେ ବିଜେତା ହୋଇଥିଲା। ଇଛାପୁର ଉପବିଜେତା ଦଳ ଭାବେ ଘୋଷିତ ହୋଇଥିଲା। ଇଛାପୁର ଦଳର ରାମଚନ୍ଦ୍ର ନାଏକଙ୍କୁ ଫାଇନାଲ ଖେଳରେ ସର୍ବଶ୍ରେଷ୍ଠ ଖେଳାଳୀ ଏବଂ ବେଷ୍ଟ ଗୋଲ୍ ସ୍କୋରର ଭାବେ ସଚିନକୁ ଟଫି ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଜେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟକୃଷ୍ଣ ଦଣ୍ଡସେନା ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସୁଶାନ୍ତ ଗଣତିଆ, ସରପଞ୍ଚ ପ୍ରଭାସିନି ବିଭାର, ସାମାଜିକକର୍ମୀ ରମେଶ କୁମ୍ଭାର, ଜିଲ୍ଲା ଯୁବ ଅଧିକାରୀ କମଳ ସା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ ଗାଁ ଓ କ୍ଲଷ୍ଟରରୁ ଆସିଥିବା ଶତାଧିକ ଯୁବକମାନେ ଫୁଟବଲ୍, ଭଲିବଲ୍, କବାଡି ଆଦି ଖେଳରେ ଭାଗ ନେଇ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଜୟୀମାନଙ୍କୁ ଟ୍ରଫି, ମେଡାଲ୍ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ବରପାଲିରେ ଗୋକୁଳାଷ୍ଟମୀ ଯାତ୍ରା ପାଇଁ ବୈଠକ

ଝାରସୁଗୁଡା,୧୩।୧୦(ସମିସ)



ଝାରସୁଗୁଡ଼ା ଜିଲ୍ଲାର ଚାନ୍ଦିନୀମାଳ ପଞ୍ଚାୟତ ବରପାଲି ଗ୍ରାମରେ ୫୧ତମ ଗୋକୁଳାଷ୍ଟମୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଯାତ୍ରା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ବିଗତ ବର୍ଷ ଯାତ୍ରାର ଆୟବ୍ୟୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆସନ୍ତା ନଭେମ୍ବର ମାସ ମାର୍ଗଶିର କୃଷ୍ଣପକ୍ଷ ଦଶମୀ ୧୪ ତାରିଖ ଶୁକ୍ରବାର ଦିନ ୫୧ ବର୍ଷରେ ପଦାର୍ପଣ କରିବାକୁ ଥିବା ଯାତ୍ରାକୁ କିଭଳି ସୁନ୍ଦର ଓ ଆକର୍ଷଣୀୟ କରାଯିବ ନେଇ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ଯାତ୍ରାରେ ବ୍ୟୟ ଅଟକଳ ପ୍ରାୟ ୫ ଲକ୍ଷ୍ୟ ଟଙ୍କା ଧାର୍ଯ୍ୟ କରାଯାଇଛି। ଗ୍ରାମର ଗୌନ୍ତିଆ ନିର୍ମଳ ସିଂ ଦେଓ କର୍ତ୍ତା ଦାୟିତ୍ୱ ତୁଲାଇବେ ଓ ମନୋଜ ମିଶ୍ର ରାଧାକୃଷ୍ଣ ବିଗ୍ରହଙ୍କ ସମସ୍ତ ପୂଜାର୍ଚ୍ଚନା କାର୍ଯ୍ୟନିର୍ବାହ କରିବା ନେଇ ସୂଚନା ଦିଆଯାଇଛି। ଗୋବର୍ଦ୍ଧନ ବାହୁଡ଼ା ସମୟରେ ଘଣ୍ଟ ବାଦ୍ୟ,ସମ୍ପ୍ରଦା ମଣ୍ଡଳୀ,ଝାଞ୍ଜର ନୃତ୍ୟ,ସଞ୍ଚାର,ଗଡଡ଼ ବାଡି ଖେଳ,ସିଂହ ବାଜା ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରାଯିବ। ମୀନାବଜାର ସାଙ୍ଗକୁ ବିଭିନ୍ନ ପ୍ରକାର ମିଠା ଦୁକାନ ଯାତ୍ରାରେ ଆମନ୍ତ୍ରିତ କରାଯାଇଛି। ରାତିରେ ସଞ୍ଚାର,ଦଣ୍ଡନୃତ୍ୟ ଓ ସମ୍ବଲପୁରୀ କୃଷ୍ଣଗୁରୁ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏଥର ମଧ୍ୟ ଯାତ୍ରା ଉପଲକ୍ଷେ ଦୁଇ ଦିନିଆ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ କରାଯିବ ବୋଲି ଜଗନ୍ନାଥ ଯୁବକ ସଂଘ ପକ୍ଷରୁ କ୍ଲବ୍ ର ସଭାପତି ହେମନ୍ତ ବଗାର ସୂଚନା ଦେଇଛନ୍ତି। ଯାତ୍ରା କମିଟିର ସଦସ୍ୟ ହେମନ୍ତ ଧୁରୁଆ, ଶୁଭେନ୍ଦୁ ନାରାୟଣ ସିଂ ଦେଓ,କୈଳାସ ପ୍ରଧାନ,ରଞ୍ଜନ ସାଏ, ସୁଶୀଲ ବଡ଼ାଇ, ଇଶ୍ୱରି ମାଝୀ, କର୍ଣ୍ଣ ଚନ୍ଦ୍ର ରାଉତ, ଗଦାଧର ବଡ଼ାଇ, ଯୁବରାଜ ବିଶି,ପିଣ୍ଟୁ ନାଏକ,ବିଦୁର ପ୍ରଧାନ,ଶେଷଦେବ ବଡ଼ାଇ,ଫକୀର ସେଟ, ନିରଞ୍ଜନ ବଡ଼ାଇ, ଦିନେଶ ବଢାଇ,ଲବଣୀ ସାଏ, ବଣ୍ଟି ନାଏକ,ଚନ୍ଦ୍ର ସେଟ,ରୋସନ ଭଇଁଷାଲ, ପ୍ରିନ୍ସ ରାଉତ, ନରେଶ ବଢାଇ, ରମ୍ଭା ପ୍ରଧାନ, ମୀନକେତନ ବଢାଇ,କୁନା ସେଟ,ପୀତବାସ ମାଝୀ,ବିକାଶ ବଢାଇଙ୍କ ସହ ସମସ୍ତ ସଦସ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସୁନିଲ ସିଂହ ଲାଲୁ ସଭା ପରିଚାଳନା କରିଥିଲେ। ଶେଷରେ ଠାକୁର ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବିଭିନ୍ନ ବିଦ୍ୟାଳୟରେ ଶିଶୁ ମହୋତ୍ସବ 'ସୁରଭି'







## କୁଚିପାଲି ଟିଓ୍ୟୁପି ସ୍କୁଲ

**ମେଲଛାମୁଣ୍ଡା, ୧୩।୧୦(ସମିସ)**

ସୋହେଲା ବ୍ଲକ ଅନ୍ତର୍ଗତ କୁଚିପାଲି ଟିଓ୍ୟୁପି ସ୍କୁଲ ପରିସରରେ ବିର୍ଜାମ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସୋହେଲା ବ୍ଲକ ଅଧ୍ୟକ୍ଷା ବବି ପଧାନ ଏହାକୁ ଉଦ୍‌ଘାଟନ କଲା ପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କରାଯାଇଥିଲା। ଅପରାହ୍ଣରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ହଲଧର ନାଗ, ସମ୍ମାନୀତ ଅତିଥି ସରପଞ୍ଚ ସୁଜାତା ପଣ୍ଡା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମୋତିଲାଲ ନନ୍ଦ, କୁଚିପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର, ଟିଓ୍ୟୁପି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୂର୍ଯ୍ୟକାନ୍ତି ବେହେରା ଏବଂ ଗିରିଧାରୀ ମେହେର ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ସଭାକୁ ଆଞ୍ଚଳିକ ସାଧନକର୍ମୀ ଦୁର୍ଗାଚରଣ ପଧାନ ସଂଯୋଜନା କରିଥିଲେ। ଶିକ୍ଷକ ସୁଦାମା ବାରିକ, ଜିତେନ୍ଦ୍ର ହୋତା, ମୀନକେତନ ପୁରୋହିତ, ଅଶୋକ ପୂଜାହାରୀ, ଜିତେନ୍ଦ୍ରୀୟ ବିଶ୍ୱାଲ, ବିଶ୍ୱଜିତ ମିଶ୍ର, ପୁଷ୍ପାଞ୍ଜଳି ସାହୁ, ତରୁଣ ପଧାନ, ରମେଶ ପଧାନ, ସୁକାନ୍ତି ବାଗ, ମମତା ମେହେର, ଅଶୋକ ଦାସ, ତୋଷରାଜ ବିଶ୍ୱାଲ, ଶୋଭାକର ପଧାନ, ବିଦ୍ୟାଧର ସାହୁ, କହର ମହାନନ୍ଦ, ସୁରୁବାବୁ ଚୁହାନ ପ୍ରମୁଖ ଶିକ୍ଷକ ଓ କର୍ମଚାରୀ ବିଭିନ୍ନ ବିଭାଗରେ ବିଚାରକ ଦାୟିତ୍ୱ ତୁଲାଇବା ସହ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ସୁଦାମା ବାରିକ ସ୍ୱାଗତ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ବରଗଡ଼:** ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫, ସଂଯୋଜିକା ରେବତୀ ରାଉତିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘାସିରାମ ଭୋଇ ଏବଂ ରଞ୍ଜନ ଡନସନା। ସାଧନକେନ୍ଦ୍ର ସ୍ତରୀୟ ୧୩ଟି ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ମହୋତ୍ସବରେ ଅଂଶଗ୍ରହଣ କରିଥିଲେ। ସୃଜନଶୀଳ ଲିଖନ, ବକ୍ତୃତା, ଗୀତ, ବିତର୍କ, ପ୍ରବନ୍ଧଲିଖନ, ହସ୍ତାକ୍ଷର, ଶ୍ରୁତଲିଖନ, ଚିତ୍ରାଙ୍କନ, ପିଏମ ପୋଷଣ




ଚିତ୍ରକଳା ଓ ଶିଳ୍ପକଳା ଏବଂ ସାଂସ୍କୃତିକ ନୃତ୍ୟ ତଥା ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମୌଳିକ ଭାଷା ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ବନ୍ଧିତ ୪ଟି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ପୁନଶ୍ଚ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ଚିତ୍ରାଙ୍କନ ଓ ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତା ମାନଙ୍କରେ କଳା ନିର୍ଦ୍ଦେଶକ ଗୋପାଳ ଦାଶ, ଡ.ତପସ୍ୱିନୀ ଗୁରୁ, ପଞ୍ଚମ ପ୍ରଧାନ, ସୁପ୍ରଭା ସାମଲ, ପ୍ରଭାକର ପାତ୍ର, ନୀଳାମ୍ବର ମେହେର, ଗୁଣ୍ଡୁ ତାଣ୍ଡି ଆଦି ବିଚାରକ ଭାବେ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ ମେହେର ଓ ଖଜୁରଟିକ୍ରା କ୍ଲଷ୍ଟର ସିଆରସିସି ରେବତୀ ରାଉତିଆ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସିଆରସିସି ରେବତୀ ରାଉତିଆ ଓ ଅକ୍ଷୟ ସାହୁ। ଭକ୍ତ ଭୋଇ, ବିରେନ୍ଦ୍ର ମହାପାତ୍ର, ଅଚ୍ୟୁତାନନ୍ଦ ଦାସ, ପ୍ରଦୀପ ପଣ୍ଡା, କଲ୍ପିତା ବେହେରା, ରୋଜାଲିନ ପଣ୍ଡା, ସଚିନ ସାହୁ, ଆଶୁତୋଷ ଛତର, ଅନିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ ନୃତ୍ୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଯଥାକ୍ରମେ ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହିନ୍ଦୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେନାଲ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଧିକାର କରିଥିଲେ। ସମସ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ବ୍ଲକ ସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିବେ ବୋଲି ସିଆରସିସି ସୂଚନା ଦେଇଥିଲେ। ଶେଷରେ ଶିବ ପ୍ରସାଦ ବାଗ ଧନ୍ୟବାଦ ଜ୍ଞାପନ କରିଥିଲେ।




## ଗୁର୍ଦ୍ଧାପାଲି ପ୍ରାଥମିକ ବିଦ୍ୟାଳୟ

**ବରଗଡ଼:** ଗୁର୍ଦ୍ଧାପାଲି ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝିଲିମିଣ୍ଡା ପଞ୍ଚାୟତ ସମସ୍ତ ବିଦ୍ୟାଳୟ ସମେତ ପୋଡବାଡି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ବିଭାଗର ପ୍ରତିଯୋଗିତା ହୋଇଥିଲା। ଏହାକୁ ସଂଯୋଜନା କରିଥିଲେ ଶିକ୍ଷକ ବୀରେନ୍ଦ୍ର ଭୋଇ। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଏକଲବ୍ୟ ପ୍ରଧାନ। ଅଧ୍ୟକ୍ଷତା କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଯାଜ୍ଞସେନୀ ନାୟକ। ସମ୍ମାନିତ ଅତିଥି ଭାବେ ଚେୟାରମ୍ୟାନ ଦୁଆରୁ ଦରଦିଆ, ସିଆରସିସି ରଞ୍ଜନ ବାଗ, ଝିଲିମିଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିର ଭୋଇ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ପୁରସ୍କାର ବିତରଣ ଉତ୍ସବରେ ଅତାବିରା ଏମଏଲଏ ପ୍ରତିନିଧି ମିଳନ ସେଠ, ସାଂସଦ ପ୍ରତିନିଧି ସୁରେନ୍ଦ୍ର ସ୍ୱାଇଁ, ଏନଏସି ମଣ୍ଡଳ ସଭାପତି ଛତିନ ଚୌଧୁରୀ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ସରୋଜ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପୁର ବ୍ଲକ୍ ସରକାରୀ ଉଚ୍ଚ ବିଦ୍ୟାଳୟ

**ବିଜେପୁର:** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ବୁଡାପାଲିରେ ଜାଗିଂ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସ୍କୁଲ ପରିଚାଳନା କମିଟିର ଉପାଧ୍ୟକ୍ଷା ଭଗବତୀ ବଗର୍ତ୍ତୀ ଉଦ୍‌ଘାଟନ କରିଥିଲେ। ସିଆରସିସି ରାଜେଶ୍ୱର ବେହେରାଙ୍କ ଆବାହକତ୍ୱ ତଥା ପ୍ରଧାନଶିକ୍ଷକ ବିଜୟରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ସଭାକୁ ସଂଯୋଜନା କରିଥିଲେ ଶିକ୍ଷୟିତ୍ରୀ ମୈଥିଳୀ ମେହେର। ସ୍ୱର୍ଣ୍ଣପ୍ରଭା ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପରେ କୁଇଜ୍, ଗଳ୍ପ କଥନ, ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା, ବିତର୍କ, ପ୍ରବନ୍ଧ ଲିଖନ, ସୃଜନଶୀଳ ଲିଖନ, ଶିଳ୍ପ କଳା ଓ ଚିତ୍ରକଳା, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ସ୍କୁଲ ଚେୟାରମେନ ତୁଳାକାନ୍ତ ସାହୁ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ୨୦୨୩-୨୪ ଶିକ୍ଷା ବର୍ଷରେ ଜାଗିଂ କ୍ଲଷ୍ଟରର ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା କ୍ଷେତରପଡ଼ାର ଓମ ପ୍ରକାଶ ସାହୁ, ନିଶିକାନ୍ତ ବିଶ୍ୱାଳ, ଜାଗିଂ ନୋଡାଲର ତୋଷନ ପଧାନ ଓ ଆକୃତି ପାଣ୍ଡେ, ଲେମଧର ସେବାଶ୍ରମର ପ୍ରୀତିରଣା, ବିଏସଏଫ ତାଲିମ ପ୍ରାପ୍ତ ମିଲି ଭୋଇ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ ପାଣ୍ଡେ, ଆନନ୍ଦ ଚନ୍ଦ୍ର ପୁଜାରୀ, ପ୍ରସନ୍ନ ଭୋଇ, ରାଜୀବ ସେଠ, ସଂକୀର୍ତ୍ତନ ବିଶିଙ୍କ ସମେତ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୁଲୁଣ୍ଡା ସ୍ୱାମୀ ବିବେକାନନ୍ଦ ସ୍ମାରକ ଉଚ୍ଚ ବିଦ୍ୟାଳୟ

**ଅତାବିରା:** କୁଲୁଣ୍ଡା ସ୍ୱାମୀ ବିବେକାନନ୍ଦ ସ୍ମାରକ ଉଚ୍ଚ ବିଦ୍ୟାଳୟଠାରେ ସିଆରସିସି ନନ୍ଦିଘୋଷ ଭୁଏଙ୍କ ତତ୍ତ୍ୱାବଧାନରେ ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯାଦବ ପ୍ରଧାନଙ୍କ ସଭାପତିତ୍ୱରେ ବୁଗବୁଗା କ୍ଲଷ୍ଟର ସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ କୁଲୁଣ୍ଡା ପଞ୍ଚାୟତର ସରପଞ୍ଚ ହେମାନନ୍ଦ ସେଠ୍, ସମ୍ମାନିତ ଅତିଥିରୂପେ ବିଦ୍ୟାଳୟର ପୂର୍ବତନ ଚେୟାରମେନ ଶୈଳ ସାହୁ, ତାଳଗ୍ରିଗିଡା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ରାଧେଶ୍ୟାମ ପ୍ରଧାନ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ୧୭୮ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୋର ସ୍ୱପ୍ନର ଓଡ଼ିଶା ୨୦୩୬ ପ୍ରସଙ୍ଗକୁ ନେଇ ତିନୋଟି ବିଭାଗରେ ହୋଇଥିବା ପ୍ରତିଯୋଗିତାରେ କୁସୁମ ଭୁଏ, ଜୁଲି ବାରିକ, ଆଶୁତୋଷ ଗୁରୁ, ଆଦ୍ୟାଶା ଥାପା, ଓମ୍ କର୍ଣ୍ଣ, ପ୍ରାଚୀ ଗେଜୋ, ଶିଖାରାଣୀ ମହାକୁର, ରାକ୍ଷୀ ଭୁଏ, ନିକିତା କର୍ଣ୍ଣ, ନନ୍ଦିନୀରାଉତ, ସମ୍ମିତ ଭୁଏ, ଅନ୍ତିମା ବଘାର, ଶୁଭାଶିଷ ମହାକୁର, ସିଦ୍ଧି ସେଠ୍, ମିଳନ ଛନ୍ଦ, ମନିଷାରାଣୀ ଭୁଏ, ରୁକୁଣୀ ସାହୁ, ରୋଲି ପ୍ରଧାନ, ଅଙ୍କିତା କର୍ଣ୍ଣ, ଆକାଂକ୍ଷା ଦୀପ, ବାସୁଦେବ ସାହୁ ଆଦି ଛାତ୍ର ଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକ ସ୍ତରୀୟ ସୁରଭି ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର, ଟ୍ରଫି ପୁରସ୍କାର ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷକ ମୁକେଶ ଭୂଷାଗର ଏବଂ ସୁମନ୍ତ ସାହୁ। ଧନ୍ୟବାଦ୍ ଅର୍ପଣ କରିଥିଲେ ଶିକ୍ଷକ ଅନିଲ ସାହୁ।

## ଜାମସେଠ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ପାଇକମାଳ:** ପାଇକମାଳ ବ୍ଲକ ଜାମସେଠ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ସୁଜାତା ଧରୁଆଙ୍କ ସଂଯୋଜନାରେ ଡୁଡୁକିଝରିଆ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଇକମାଳ ବିଇଓ ଅଦନ ସୁନା, ସ୍ୱତନ୍ତ୍ର ଅତିଥି ଭାବେ ପାଇକମାଳ ଏବିଓ ରାଧେଶ୍ୟାମ ମେହେର, ଏବିଇଓ ଯୁବରାଜ ବେଶ୍ରା ଓ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ, ଅବସରପ୍ରାପ୍ତ ଶିକ୍ଷକ ନରସିଂହ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଜପ ସାହୁ, ଗୋପାଳ ପ୍ରସାଦ ବେହେରା, ସିଆରସିସି ବ୍ରଜକିଶୋର ଜେନା, ପ୍ରଧାନ ଶିକ୍ଷକ ନିରଞ୍ଜନ ମାଝୀ, ସିଆରସିସି ସନ୍ତୋଷ ମେହେର, ପ୍ରଧାନ ଶିକ୍ଷୟିତ୍ରୀ ଭାଗ୍ୟବତୀ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କ୍ଲଷ୍ଟରର ସମସ୍ତ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅଜିତ ପ୍ରଧାନ ଓ ସନ୍ତୋଷ ପଣ୍ଡା ସଭା ପରିଚାଳନା କରିଥିଲେ। ପ୍ରଥମ ସ୍ଥାନ ପାଇଥିବା ଛାତ୍ରଛାତ୍ରୀ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ କ୍ଲଷ୍ଟର ସମସ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ଥମୁନି ନିଶା କରବାର, ପୁଣି ୩ ଗିରଫ

**ବରଗଡ଼, ୧୩।୧୦(ସମିସ):** ବରଗଡ଼ରେ ଥମିବାର ନାଁ ନେଉନି ନିଶା କରବାର। ବୌଦ୍ଧରୁ ଉତ୍ତରପ୍ରଦେଶ ଭାୟା ବରଗଡ଼ ଦେଇ ଗଞ୍ଜେଇ ଚୋରା ଚଲାଣ ଯୋଜନା ଚାଲିଥିବା ବେଳେ ପୁଲିସ ହାତରେ ୩ ଜଣ ନିଶା ବେପାରୀ ଧରାପଡ଼ିଛନ୍ତି। ଗଞ୍ଜେଇ ଚୋରା ଚଲାଣ ଯୋଜନାରେ ୩ ଜଣ ଅଭିଯୁକ୍ତ ଟ୍ରେନରେ ବସିବା ପୂର୍ବରୁ ବିଶେଷ ସୂତ୍ରରୁ ଖବର ପାଇ ଟାଉନ ଥାନା ପୁଲିସ ମାଡ଼ି ବସିଥିଲା। ସେମାନଙ୍କ ଠାରୁ ବ୍ୟାଗ ସହ ୨ଟି ବସ୍ତାରେ ୪୨ କେଜି ୮୦୦ ଗ୍ରାମ୍ ଓଜନର ଗଞ୍ଜେଇ, ୩ଟି ମୋବାଇଲ ଓ ୩ ହଜାର ଟଙ୍କା ଜବତ ହୋଇଥିବା ଏସଡିପିଓ ପଦାରବିନ୍ଦ ତ୍ରିପାଠୀ କହିଛନ୍ତି। ଜବତ ଗଞ୍ଜେଇର ମୂଲ୍ୟ ୪-୫ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ୩ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ରହିଛି।

## ହତ୍ୟାକାରୀକୁ ଆଜୀବନ ଜେଲ୍

**ପଦ୍ମପୁର, ୧୩।୧୦(ସମିସ):** ପଦ୍ମପୁର ଥାନା ଅଧୀନ ଗମ୍ଭାରୀଡିହି ଗାଁରେ ନିଜ ନାବାଳକ ପୁଅ ସହ ନଳକୂଅକୁ ପାଣି ଆଣିବାକୁ ଯାଇଥିବା ମଞ୍ଜୁଲତା ପଟେଲଙ୍କୁ ଅଭିଯୁକ୍ତ ଆସାମୀ ଗାଁର ଦେବାଶିଷ ବାରିକ ଟାଙ୍ଗିଆରେ ଅତର୍କିତ ଆକ୍ରମଣ କରି ମରିବା ପର୍ଯ୍ୟନ୍ତ ବେକ ମୁଣ୍ଡ, ଜଙ୍ଘରେ ଚୋଟ ମାରିଥିଲା। ୨୦୨୨ ଜୁନ ମାସରେ ଏହି ବର୍ବର ହତ୍ୟାକାଣ୍ଡ ପରେ ମୃତକଙ୍କ ପରିବାର ବର୍ଗଙ୍କ ଅଭିଯୋଗରେ ପଦ୍ମପୁର ପୁଲିସ ହତ୍ୟା ଅଭିଯୁକ୍ତ ଦେବାଶିଷ ବାରିକକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ଅତିରିକ୍ତ ଜିଲ୍ଲା ସେସନ ବିଚାରପତି ପଦ୍ମପୁର ସୂର୍ଯ୍ୟନାରାୟଣ ଦ୍ୱିବେଦୀ ୨୩ ଜଣ ସାକ୍ଷ୍ୟ ଏବଂ ପ୍ରମାଣକୁ ଭିତ୍ତିକରି ହତ୍ୟାକାରୀକୁ ୨୫୦୦୦ ଜୋରିମାନା ସହ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାକୁ ଜିଲ୍ଲା ଡେପୁଟି ଡାଇରେକ୍ଟର ବେଣୁଲାଲ ପ୍ରଧାନ ନିଜେ ତଦାରଖ କରୁଥିବା ବେଳେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ହରେଶ ସୁନାନୀ ପରିଚାଳନା କରୁଥିଲେ।

## ସଂସ୍କୃତ ଚଳଚିତ୍ର 'ପ୍ରମଉଃ' ସୁଟିଂ ଶେଷ

**ବରଗଡ଼, ୧୩।୧୦(ସମିସ):** ସଂସ୍କୃତ ଚଳଚ୍ଚିତ୍ର ପ୍ରେମୀ ମାନଙ୍କୁ ଏକ ନୂତନ ଅନୁଭୂତି ନେଇ ଶୀଘ୍ର ଶୁଭ ମୁକ୍ତି ଲାଭ କରିବାକୁ ଯାଉଛି ସଂସ୍କୃତ ଚଳଚ୍ଚିତ୍ର "ପ୍ରମଉଃ'। ଏହି ଚଳଚ୍ଚିତ୍ରର ନିର୍ମାଣ ଓ ନିର୍ଦ୍ଦେଶନା କରିଛନ୍ତି ବରଗଡ଼ ଜିଲ୍ଲା ନିବାସୀ ଡ.ମାନସରଞ୍ଜନ ସାହୁ, ତେବେ ଶ୍ରୀ ସାହୁ ଆଗରୁ ମଧ୍ୟ ଅନେକ ସଂସ୍କୃତ ଲଘୁ ଚଳଚିତ୍ର ନିର୍ମାଣ କରିଛନ୍ତି। ତେବେ ଏହି ଚଳଚ୍ଚିତ୍ର ମାଧ୍ୟମରେ ସଂସ୍କୃତ ଭାଷାକୁ ପ୍ରୋତ୍ସାହିତ କରିବା ସହ ପୁଣିଥରେ ଲୋକଲୋଚନକୁ ଆଣିବା ପାଇଁ ଉଦ୍ୟମ କରାଯାଇଥିବା ସେ ଉଲ୍ଲେଖ କରିଛନ୍ତି। ଏହି ଚଳଚ୍ଚିତ୍ରର ଛବି ଗ୍ରହଣ ନିର୍ଦ୍ଦେଶନାର ଦାୟିତ୍ୱ ନେଇଛନ୍ତି ଯୁବ ଫଟୋଗ୍ରାଫି ନିର୍ଦ୍ଦେଶକ ଉଯୋଗ ସାହୁ। ଏହି ଚଳଚ୍ଚିତ୍ରଟି ବରଗଡ଼ ଏବଂ ବରପାଲିର ବିଭିନ୍ନ ସ୍ଥାନରେ ସୁଟିଂ କରାଯାଇଛି। ଚଳଚ୍ଚିତ୍ରରେ ପଶ୍ଚିମ ଓଡ଼ିଶାର ଅନେକ ପ୍ରତିଭାଶାଳୀ ଅଭିନେତା ଅଭିନୟ କରିଛନ୍ତି, ସେମାନଙ୍କ ମଧ୍ୟରୁ ଅଜିତ ରଣା, ପ୍ରସନ୍ନ ଗଡ଼ତିଆ, ସନ୍ତୋଷ ସାହୁ, ଧନେଶ୍ୱର ସାହୁ, ଜୟ ସାହୁ, ନିହାରରଞ୍ଜନ ବାଗ, ପୂର୍ଣ୍ଣ ଚନ୍ଦ୍ର, ସୁନୀଲ ଗଡ଼ତିଆ, ପ୍ରହଲ୍ଲାଦ ବର୍ଗେ, ଇଶ୍ୱର ଚନ୍ଦ୍ର ଗଡ଼ତିଆ ଏବଂ ଶିଶୁ କଳାକାର ସାଇଶ୍ରୀ ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସଂସ୍କୃତ ଚଳଚିତ୍ର ନିର୍ମାଣ କରୁଥିବା ନିର୍ଦ୍ଦେଶକ ଡ ମାନସ ସାହୁଙ୍କୁ ସର୍ବ ଭାରତୀୟ କଳା ସଂସ୍କୃତି ଫେଡେରେସନର ଅଧ୍ୟକ୍ଷ ଚୈତନ୍ୟ ପାଇକ ଓ ସଂସ୍କୃତ ବିଦ୍ୱାନ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଏହି ପଦକ୍ଷେପ ଓ ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ସମସ୍ତ ଅଭିନେତା ଓ କଳାକାରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ବରଗଡ଼ରେ ନୂତନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଯୋଗଦାନ

**ବରଗଡ଼, ୧୩।୧୦(ସମିସ):** ବରଗଡ଼ ଜିଲ୍ଲା ଶିକ୍ଷା ବିଭାଗର ନୂତନ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ ଭାବେ ଜ୍ୟୋତିକାନ୍ତ ସାହୁ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ଶ୍ରୀ ସାହୁ ବୌଦ୍ଧ ଜିଲ୍ଲାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନୂତନ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ ଜ୍ୟୋତିକାନ୍ତ ସାହୁ



ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ମହାନନ୍ଦ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ସାଂସଦ ପ୍ରଦୀପ ପୁରୋହିତଙ୍କ ସହ ସାକ୍ଷାତ କରିଥିଲେ। ସାରା ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଯେମିତି ବରଗଡ଼ ଜିଲ୍ଲା ପ୍ରଥମ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସମସ୍ତେ କହିଥିଲେ। ଏହାସହ ଆଜି ବରଗଡ଼ ଜିଲ୍ଲାର ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ନୂତନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସ୍ୱାଗତ ଜଣାଇବା ସହ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ବିକାଶ ହାୟର ଏଜୁକେସ୍‌ନାଲ ଇନ୍‌ଷ୍ଟିଚ୍ୟୁସନ୍ସକୁ 'ଶ୍ରେଷ୍ଠ ଉଚ୍ଚ ଶିକ୍ଷାନୁଷ୍ଠାନ' ପୁରସ୍କାର




**ବରଗଡ଼, ୧୩।୧୦(ସମିସ):** ଓଡ଼ିଶାର ଅଗ୍ରଗାମୀ ଉଚ୍ଚଶିକ୍ଷାନୁଷ୍ଠାନ ସମୂହ ମଧ୍ୟରେ ବରଗଡ଼ର ବିକାଶ ହାୟର ଏଜୁକେସ୍‌ନାଲ ଇନ୍‌ଷ୍ଟିଚ୍ୟୁସନ୍ସକୁ କ୍ରମାଗତ ଭାବେ ଦ୍ୱିତୀୟ ଥର ପାଇଁ ଓଟିଭି ବିଜ୍‌ନେସ୍ ଆୱାର୍ଡ ୨୦୨୫ ମଞ୍ଚରେ ଓଡ଼ିଶାର ଶ୍ରେଷ୍ଠ ଉଚ୍ଚ ଶିକ୍ଷାନୁଷ୍ଠାନ ଭାବେ ପୁରସ୍କୃତ କରାଯାଇଛି। ଇଞ୍ଜିନିୟରିଂ, କଳା, ଜ୍ଞାନ, ନର୍ସିଂ, ବିଜ୍‌ନେସ ଷ୍ଟଡିସ୍, ଫାର୍ମାସୀ, ଆଇନ୍ ତଥା ବାଣିଜ୍ୟ ଭଳି ବିଭିନ୍ନ ବିଭାଗରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ଉଚ୍ଚକୋଟୀର ଶିକ୍ଷାଦାନ ତଥା ଗୁଣାତ୍ମକ ନାଗରିକ ନିର୍ମାଣରେ ସକ୍ରିୟ ଭୂମିକା ପାଇଁ ଏହି ଗୌରବମୟ ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ଓଟିଭି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓଙ୍କୁ ଏହି ଆୱାର୍ଡଟି ପ୍ରଦାନ କରିଛନ୍ତି। ଡି.ନାଗେଶ୍ୱର ରାଓ ଓଟିଭି ତଥା ସମସ୍ତ ଅଭିଭାବକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହାସହ ଆୱାର୍ଡର ଶ୍ରେୟ ବିକାଶ ହାୟର ଏଜୁକେସ୍‌ନାଲ ଇନ୍‌ଷ୍ଟିଚ୍ୟୁସନ୍ସର ସମସ୍ତ ବରିଷ୍ଠ ଅଧିକାରୀ, ଅଧ୍ୟକ୍ଷ, ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଅଧ୍ୟାପକ-ଅଧ୍ୟାପିକା, ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କୁ ଦେଇଛନ୍ତି।

## କିନ୍ନରଙ୍କୁ ଥଇଥାନ ବ୍ୟବସ୍ଥା ପରେ ଉଚ୍ଛେଦ କରିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ବରଗଡ଼, ୧୩।୧୦ (ସମିସ):** ବରଗଡ଼ ପାଣିଛତ୍ର ନିକଟରେ ରହୁଥିବା କିନ୍ନର ମାନଙ୍କୁ ଓଭରବ୍ରିଜ ନିର୍ମାଣ ପାଇଁ ଜମି ଛାଡିବା ନେଇ ଜିଲ୍ଲା ପ୍ରଶାସନ ନୋଟିସ ଦେଇଥିବା ବେଳେ ସୋମବାର ଜିଲ୍ଲାପାଳ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇ ତାଙ୍କ ଥଇଥାନ ପାଇଁ ଦାବି କରାଯାଇଛି। ସଞ୍ଜୀବ ଓଭରବ୍ରିଜ ନିର୍ମାଣ କରୁଥିବା ବେଳେ କିନ୍ନର ମାନେ ରହୁଥିବା ପାଣିଛତ୍ର ନିକଟ ଅଞ୍ଚଳ ଭଙ୍ଗା ଯିବା ପାଇଁ ନୋଟିସ ଦିଆଯାଇଛି। ତେବେ କିନ୍ନର ମାନଙ୍କୁ କେହି ଭଡାଘର ମଧ୍ୟ ଦେଉ ନ ଥିବା ବେଳେ ସରକାର ତାଙ୍କ ପାଇଁ କୌଣସି ବ୍ୟବସ୍ଥା ନ କଲେ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଜଣାଇଛନ୍ତି। ୧୫ ଜଣ କିନ୍ନର ସେହି ସ୍ଥାନରେ ବସବାସ କରୁଥିବା ବେଳେ ତାଙ୍କୁ କୌଣସି ସ୍ଥାନରେ ଥଇଥାନ କଲେ ଉପକୃତ ହୋଇପାରିବେ ବୋଲି ଜଣାଇଛନ୍ତି। ମେହେନ୍ଦି ନାୟକ, ଚୁମକି ଟିଜି, ରେଶମା ଟିଜି, ଦୁର୍ଗା ଟିଜି ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ।

## ଗଜଲକ୍ଷ୍ମୀ ପୂଜା ଅବସରରେ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ

**ବରଗଡ଼, ୧୩।୧୦(ସମିସ):** ଡାଙ୍ଗ ଜଗନ୍ନାଥ ମନ୍ଦିରପଡ଼ା ଗଜଲକ୍ଷ୍ମୀ ପୂଜା ଅବସରରେ ପୂଜା କମିଟି ଆନୁକୂଲ୍ୟରେ ଶିଶୁ ପ୍ରତିଭା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଗାଁର କୁନି କୁନି କଳାକାର ମାନେ ନୃତ୍ୟ ଓ ଅଭିନୟ ପ୍ରଦର୍ଶନ କରିଥିଲେ। ପୂଜା କମିଟି ସଭାପତି ସାହିଲ୍ ଥପାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସନ୍ତୋଷ ପଟେଲ, ବଳରାମ ଗରିଆ, ହେମନ୍ତ ବାଗ, ଶ୍ରୀକାନ୍ତ ଭୁଏ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ କପିଳ ବାଗ ମୁଖ୍ୟ ସଂଯୋଜକ ଦାୟିତ୍ୱ ନିର୍ବାହ କରିଥିଲେ। କଣ୍ଠଶିଳ୍ପୀ ସୁଶାନ୍ତ ଗଡ଼ତିଆ, ସମ୍ପାଦକ ଶଙ୍କର ଠେଲା, କୋଷାଧ୍ୟକ୍ଷ ମନୋଜ ମାଝୀ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂଜା କମିଟି ତରଫରୁ ସମସ୍ତ କଳାକାରଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଆନନ୍ଦ ଥପା ଧନ୍ୟବାଦ୍ ଅର୍ପଣ କରିଥିଲେ।



### ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ ପ୍ରତିଯୋଗିତା

## ତୃତୀୟ କ୍ୱାର୍ଟର ଫାଇନାଲ: ଲହଣ୍ଡାକୁ ହରାଇ ସେମିରେ ବରାହଗୋଡ଼ା

**ବରଗଡ଼, ୧୩।୧୦(ସମିସ)**

ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ ପ୍ରତିଯୋଗିତାର ଆଜି ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ହୋଇଯାଇଛି। ଏଥିରେ ଲହଣ୍ଡା ଦଳକୁ ହରାଇ ବରାହଗୋଡା ଦଳ ତୃତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚ୍‌କୁ ବରାହଗୋଡା ଦଳ ୪-୦ ଗୋଲରେ ଜିତି ନେଇଥିଲା। ଦଳ ପକ୍ଷରୁ ସ୍ମୃତିରଞ୍ଜନ ସୁନା ୨ଟି ଗୋଲ ଦେଇଥିବା ବେଳେ ଦୀପକ ପଟେଲ ଓ ସିକୁ ସେଟ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଦଳ ସେମି ଫାଇନାଲରେ ଗର୍ଭଣା ଦଳକୁ ଭେଟିବ। ମ୍ୟାଚ୍‌କୁ ପଞ୍ଚାନନ ପାତ୍ର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅନିଲ ବାଗ, ସୁନିଲ ବାଗ ସହଯୋଗ କରିଥଲେ। ଚତୁର୍ଥ ରେଫରୀ ଥିଲେ ଅଜୟ ପ୍ରଧାନ। ମ୍ୟାଚ୍ କମିଶନର ଅଛନ୍ତି ସଚ୍ଚିଦାନନ୍ଦ ପଣ୍ଡା। ମ୍ୟାଚ୍ ପରେ ବରାହଗୋଡା ଦଳର ସ୍ମୃତିରଞ୍ଜନ ସୁନାଙ୍କୁ ମଞ୍ଜୀତ ମିର୍ଦ୍ଧା ଓ ଅନ୍ତରାମ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। ମଙ୍ଗଳବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ୟୁନାଇଟେଡ ସ୍ପୋର୍ଟସ କ୍ଲବ୍ ବରଗଡ଼ ଓ ବଳିଟିକ୍ରା ମଧ୍ୟରେ ଅନୁଷ୍ଠିତ ହେବ।



## ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର 'ସମ୍ଭବ' ଉଦ୍‌ଘାଟିତ

**ବରଗଡ଼, ୧୩।୧୦(ସମିସ):** ବରଗଡ଼ ଜିଲ୍ଲା ସଦର ମହକୁମାରେ ଅବସ୍ଥିତ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପ୍ରଧାନଶିକ୍ଷକଙ୍କ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର 'ସମ୍ଭବ'ର ଶୁଭ ଉଦ୍‌ଘାଟନ ହୋଇଯାଇଛି। ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ ସୋଏ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସାଧନକର୍ମୀ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ବିଭିନ୍ନ ଦିବସର କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଭଟଲି ବ୍ଲକ, ବରଗଡ଼, ବରପାଲି ଓ ଭେଡେନ ବ୍ଲକର ସମସ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷକ ଭାବେ ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ୍ ପତି, ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ପୁରୁଷୋତ୍ତମ ହାଇସ୍କୁଲର ପ୍ରଧାନଶିକ୍ଷକ ଅଜୟ ମେହେର, ତୋରା ହାଇସ୍କୁଲର ପ୍ରଧାନଶିକ୍ଷକ ସଙ୍ଗୀତା ମିଶ୍ର, ଚାରପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ଭାର୍ଗବ ନାଏକ, ପଣ୍ଡକିପାଲି ହାଇସ୍କୁଲର ଶିକ୍ଷକ ପୁସ୍ତମ୍ ବିଶି ଯୋଗ ଦେଇ ତାଲିମ୍ ପ୍ରଦାନ କରିଥିଲେ। ପେଡ଼ାଗୋଜି କୋର୍ଡିନେଟର ପୁଷ୍ପାଞ୍ଜଳି ଦାଶ ଏବଂ ତୋରା ହାଇସ୍କୁଲର ପ୍ରଧାନଶିକ୍ଷକ ସଙ୍ଗୀତା ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶାନ୍ତ ମଙ୍ଗୁଆଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ନୂଆପଡ଼ା ଉପନିର୍ବାଚନ

ଜୟ ଗଲା ପରେ ବି ବିଜେଡିରେ ଶହ ଶହ ଜୟ ଅଛନ୍ତି

# ବିଜେଡି କର୍ମୀ ଏକ ହୋଇ ବିଜୟ ଧ୍ୱନି ଦେଲେ

ନୂଆପଡ଼ା, ୧୩।୧୦(ସମିସ)




ରାଜେନ୍ଦ୍ର ଢୋଲକିଆ ବିଜେଡିର ସଚୋଟ ଯୋଦ୍ଧା ଥିଲେ। ସେ ଏକ ଶସକ୍ତ ନୂଆପଡ଼ା ଏବଂ ରାଜ୍ୟର ସ୍ୱପ୍ନ ଦେଖିଥିଲେ। ରାଜେନ୍ଦ୍ରଙ୍କ ସ୍ୱପ୍ନର ଦଳକୁ ଛାଡି ଜୟ ଢୋଲକିଆ ଚାଲିଗଲେ। ହେଲେ ଏବେବି ଦଳ ମଜବୁତ ରହିଛି। ଦଳ ଭିତରେ ଶହ ଜଣେ ଜୟ ଢୋଲକିଆ ରହିଛନ୍ତି ବୋଲି ବିଜେଡିର ଉଚ୍ଚସ୍ତରୀୟ ବୈଠକରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ଖରିଆରରୋଡ ଗଣପତି ହୋଟେଲରେ ଆୟୋଜିତ ବୈଠକରେ ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀ ସଭାପତିତ୍ୱ କରିଥିବା ବେଳେ ପୂର୍ବତନମନ୍ତ୍ରୀ ଦେବୀ ମିଶ୍ର, ଅଧିରାଜ ମୋହନ ପାଣିଗ୍ରାହୀ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନୀ ସାହୁ, ଅତନୁ ସବ୍ୟସାଚୀ ନାଏକ, ସଞ୍ଜୟ ଦାସ ବର୍ମା, ନିରଞ୍ଜନ ପୂଝାରୀ, ମନୋହର ରାମଦାର, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଲମ୍ବୋଦର ନିଆଲ, ଦୀପିକା ଦୀପ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଦଳ କିପରି ଏହି ନିର୍ବାଚନକୁ ମୁକାବିଲା କରିବ ସେ ଉପରେ ସମସ୍ତଙ୍କର ମତାମତ ଗ୍ରହଣ କରି ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ଜୟ ଢୋଲକିଆଙ୍କ ଦଳ ବଦଳକୁ ଦୃଢ ନିନ୍ଦା କରାଯାଇଥିଲା। ତାଙ୍କୁ ଛାଡିଦେଲେ ମଧ୍ୟ ଦଳ ମଜବୁତ ରହିଛି ବୋଲି ନେତାମାନେ ମତ ରଖିଥିଲେ।

ରାଜଧାନୀରୁ ଜୟ ଢୋଲକିଆ ଫେରିଲେ

# ଟିକେଟ ପାଇବା ସନ୍ଦେହ ଘାରୁଛି



ଆଜିକୁ ସାତ ଦିନ ଧରି ଦିଲ୍ଲୀ ଗସ୍ତରେ ଥିବା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଖରିଆରରୋଡସ୍ଥିତ ଘରକୁ ଫେରିଆସିଛନ୍ତି। ତାଙ୍କୁ ସମର୍ଥକମାନେ ସ୍ୱାଗତ କରି ପାଛୋଟି ଆଣିଛନ୍ତି। ପରିବାରର ସମସ୍ତେ କୋଳାକୋଳି ହୋଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ୧୧ତାରିଖ ଦିନ ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଜୟ ଢୋଲକିଆ ପଦ୍ମ ଧରିଥିବାବେଳେ ଦୁଇ ଦିନର ଅପେକ୍ଷା ପରେ ଘରକୁ ଫେରିଛନ୍ତି। କୁଆଡେ ତାଙ୍କର ବିଜେପିରେ ଯୋଗଦାନ ପରେ ବିଜେପିରେ ଏକ କମ୍ପନ ସୃଷ୍ଟି ହୋଇଛି। ନୂଆପଡ଼ା ଜିଲ୍ଲାର ବିଜେପି କର୍ମୀ ଏବଂ ନେତାମାନେ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ତାଙ୍କୁ ଟିକେଟ ଦେଲେ ଦଳ ଛାଡିବା ଚେତାବନୀ ମଧ୍ୟ ଦେଇଛନ୍ତି। କେତେ ବରିଷ୍ଠ କର୍ମୀ ଇସ୍ତଫା ମଧ୍ୟ ଦେଇଛନ୍ତି। ଏଭଳି ସ୍ଥିତିରେ କୁଆଡେ ବିଜେପି ଦଳ ଟିକେଟରେ ମୋହର ମାରିପାରିନାହାନ୍ତି। ଟିକେଟ ମିଳିବା ଦୋଛକିରେ ଜୟ ରାଜ୍ୟ ରାଜଧାନୀରେ ଟିକେଟ ପାଇଁ ଆବେଦନ କରି ଜଗି ରହିଥିଲେ।ଆସନ୍ତା ୧୬ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନୂଆପଡ଼ା ଆସି ଟିକେଟ ଧରି ଆସିବେ ବୋଲି କୁହାଯାଉଛି।

ଓଡ଼ିଶା-ଛତିଶଗଡ଼ ପୁଲିସର ମିଳିତ ବୈଠକ

# ସୀମାନ୍ତରେ ପହରା କଡ଼ାକଡ଼ି କରାଯିବ

ନୂଆପଡ଼ା ଉପନିର୍ବାଚନକୁ ଶାନ୍ତି ଶୃଙ୍ଖଳା, ଅବାଧ ଓ ନିରପେକ୍ଷ କରିବା ପାଇଁ ପୁଲିସ ପ୍ରଶାସନ ତତ୍ପର ହୋଇଉଠିଛି। ଏହାକୁ ନେଇ ନୂଆପଡ଼ା ଏସପି ଅଫିସରେ ଓଡ଼ିଶା ଓ ଛତିଶଗଡ଼ ପୁଲିସର ମିଳିତ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ନୂଆପଡ଼ା ଏସଡିପିଓ ତୁଳାରାମ ସାହୁଙ୍କ ଅଧ୍ୟକ୍ଷତାରେ ନୂଆପଡ଼ା ଜିଲ୍ଲାର ସୀମାକୁ ଲାଗି ଥିବା ଛତିଶଗଡ଼ର ବାଗବାହାରା, ମହାସମୁନ୍ଦ, ଗରିଆବନ୍ଧର ଥାନା ଅଧିକାରୀ, ଏସଡିପିଓ ତଥା କଳାହାଣ୍ଡି, ବଲାଙ୍ଗିର ଓ ବରଗଡ଼ ଜିଲ୍ଲାର ଆଇଆଇସି, ଏସଡିପିଓମାନେ ଯୋଗଦାନ କରିଥିଲେ। ସୀମାରେ ସୁରକ୍ଷା, ମାଓ ଦମନ, ସୂଚନା ଆଦାନ ପ୍ରଦାନ ଆଦି ବିଷୟରେ ଆଲୋଚନା ହୋଇଥିଲା। ସୀମାନ୍ତ ଅଞ୍ଚଳ ଗୁଡିକରେ ଉଭୟ ରାଜ୍ୟ ପୁଲିସ ବିଭାଗ ତରଫରୁ ଚେକ ପୋଷ୍ଟ କରି ପହରା ଦିଆଯିବବୋଲି ନିଷ୍ପତ୍ତି ହୋଇଛି।




## ପ୍ରଥମ ଦିନରେ ୩ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ନେଲେ

ବିଜ୍ଞପ୍ତି ପ୍ରକାଶନର ପ୍ରଥମ ଦିନରେ ୩ଜଣ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ନେଇଛନ୍ତି। ଏମାନଙ୍କ ମଧ୍ୟରେ ଆଦିବାସୀ କଲ୍ୟାଣ ସଂଘର ସାଧାରଣ ସମ୍ପାଦକ ତଥା ଶ୍ରମିକ ମହାସଂଘ, ଭିନ୍ନକ୍ଷମ ସଂଘ ସଭାପତି ଭକ୍ତବନ୍ଧୁ ଧରୁଆ, ଗତ ଥର ନିର୍ବାଚନ ଲଢିଥିବା ଭୁଜବଲ ଆଡ଼ବଙ୍ଗ ଏବଂ ପୂର୍ବରୁ ବିଏସପିରୁ ଲଢୁଥିବା ଲୋଚନ ମାଝୀ ସାମିଲ ଅଛନ୍ତି।




ଉପନିର୍ବାଚନ ପାଇଁ ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟ ଆଗରେ ସୁରକ୍ଷା ବ୍ୟବସ୍ଥା

## ଛଟ୍ ପୂଜା ପାଇଁ ବିହାରୀ ଯୁବ ମଞ୍ଚର ପ୍ରଶାସନକୁ ପତ୍ର



**ରାଉରକେଲା, ୧୩।୧୦(ସମିସ):** ସହରର ବିହାରୀ ଯୁବ ମଞ୍ଚର ଛଟ୍ ପୂଜା ପାଳନ ପାଇଁ ରାଉରକେଲା ମହାନଗର ନିଗମ ପକ୍ଷରୁ ଘାଟ ପ୍ରସ୍ତୁତି ସହିତ ପ୍ରଶାସନ ପକ୍ଷରୁ ପୁଲିସ୍ ବ୍ୟବସ୍ଥା ଉପଲବ୍ଧ କରାଯିବା ପାଇଁ ଅନୁରୋଧ କରାଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ୨୭ ଏବଂ ୨୮ ତାରିଖରେ ଛଟ ପୂଜା ଉତ୍ସବ ପାଳନ କରାଯିବ। ଛଟ ପୂଜା ହେଉଛି ବିହାରୀ ସମ୍ପ୍ରଦାୟର ସବୁଠାରୁ ପ୍ରମୁଖ ପର୍ବ। ଏହି ପର୍ବରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରତ୍ୟେକ ଘାଟରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଏବଂ ପରଦିନ ସୂର୍ଯ୍ୟୋଦୟ ସମୟରେ ଅର୍ଘ୍ୟ ଅର୍ପଣ ସହିତ ପୂଜାର୍ଚ୍ଚନା କରିଥାନ୍ତି। ଛଟ ପୂଜା ପାଇଁ ଆଉ ମାତ୍ର ଅଳ୍ପ ଦିନ ବାକି ଥିବା ବେଳେ ବିହାରୀ ଯୁବ ମଞ୍ଚ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଛି। ମଞ୍ଚ ପକ୍ଷରୁ ମହାନଗର ନିଗମ ଅଧିନରେ ଥିବା ୧୩ଟି ଘାଟ ସମେତ ସହର ବାହାରେ ଥିବା ୨ଟି ଘାଟକୁ ଛଟ ପୂଜା ପାଇଁ ଅନୁମତି ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଏଥିସହିତ ସମସ୍ତ ୧୫ଟି ଘାଟରେ ପୁଲିସ ନିୟୋଜିତ କରିବାକୁ ଆରଏମସି ଉପାୟୁକ୍ତଙ୍କୁ ଅନୁରୋଧ କରାଯାଇଛି। ସହରର ରେଳ କଲୋନୀ ଘାଟ, ହୋଟେଲ ସନ୍ତୋଷ ପୋଖରୀ, ପାନପୋଷର ହାଡପୋକା ଘାଟ, ପାଢ଼ୀ କଲୋନୀ ଘାଟ, ବାଲୁ ଘାଟ, ପୁଟୋଲା ଘାଟ, ହନୁମାନ ଘାଟ, ଝିରପାଣି ଘାଟ, ବନ୍ଧମୁଣ୍ଡା 'ବି' ସେକ୍ଟର ଘାଟ, ତିଳକାନଗର ଘାଟ, କୋଏଲା ଗେଟ୍ ଘାଟ, ଜିତେନ୍ଦ୍ର ମଣ୍ଡଳ ଘାଟ, ତାରକେରା ଘାଟ, ବରକାନି ଘାଟ ଏବଂ ସେକ୍ଟର-୧୬ ନଦୀ ଘାଟ ଆଦି ୧୫ଟି ଘାଟରେ ଛଟ ପୂଜା ଆୟୋଜିତ ହେବ। ବିହାରୀ ଯୁବ ମଞ୍ଚର ସଭାପତି ବ୍ରିଜେଶ ମାହାତୋଙ୍କ ନେତୃତ୍ୱରେ ବିହାରୀ ଯୁବ ମଞ୍ଚର ସମ୍ପାଦକ ବବୁଲୁ ସାହୁ, ପିଙ୍କୁ ଜୈସ୍ୱାଲ, ରାହୁଲ ମହାନ୍ତି, ଅମିତ୍ ମଣ୍ଡଳ, ବିକାଶ ଜେନା, ଲାଲା ସିଂହ, ବବଲୁ ଚୌରାସିଆ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ଆରଏମସି ଉପାୟୁକ୍ତ ପଲ୍ଲବୀ ନାୟକଙ୍କୁ ସାକ୍ଷାତ କରି ଛଟ ପୂର୍ବରୁ ସମସ୍ତ ଘାଟ ସଫା କରିବା ସହ ପର୍ଯ୍ୟାପ୍ତ ଆଲୋକୀକରଣ କରିବା ପାଇଁ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି।

ବେଦାନ୍ତର ପ୍ରୋଜେକ୍ଟ ଆରୋଗ୍ୟ

## ୯୨ଟି ଗାଁରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଅଭିଯାନ




**ଲାଞ୍ଜିଗଡ଼, ୧୩।୧୦ (ସମିସ):** ବେଦାନ୍ତ ଆଲୁମିନିୟମ ଏହାର ପ୍ରମୁଖ ସ୍ୱାସ୍ଥ୍ୟସେବା ପଦକ୍ଷେପ, ପ୍ରୋଜେକ୍ଟ ଆରୋଗ୍ୟ ଅଧୀନରେ ଆଠଟି ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିରର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିଛି। ଯାହାର ଲକ୍ଷ୍ୟ କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାର ୯୨ଟି ଗାଁରେ ବୃଦ୍ଧ ବ୍ୟକ୍ତିଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଏବଂ ଜୀବନର ମାନ ଉନ୍ନତ କରିବା। ଏହି ପଦକ୍ଷେପ ଭବାନୀପାଟଣାର ଜଗନ୍ନାଥ ନେତ୍ରାଳୟ ସହିତ ମିଳିତ ଭାବରେ ପରିଚାଳିତ ହେଉଛି। ଅକ୍ଟୋବର ୨୦୨୫ରୁ ମାର୍ଚ୍ଚ ୨୦୨୬ପର୍ଯ୍ୟନ୍ତ ଆଠଟି ପର୍ଯ୍ୟାୟରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଅଭିଯାନ ଆରମ୍ଭ କରାଯିବ। ଯାହା ଦ୍ୱାରା ଅନୁନ୍ନତ ସମ୍ପ୍ରଦାୟକୁ ମାଗଣା ପରାମର୍ଶ, ଅସ୍ତ୍ରୋପଚାର ଏବଂ ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନ ପ୍ରଦାନ କରାଯିବ। ଏହାର ପ୍ରଥମ ପର୍ଯ୍ୟାୟରେ, ପ୍ରାୟ ୪୦ ଜଣ ରୋଗୀଙ୍କର ଅସ୍ତ୍ରୋପଚାର ହେବ। ଏହି ଅଭିଯାନର ଲକ୍ଷ୍ୟ ୨୦୨୬ ଆର୍ଥିକ ବର୍ଷରେ ୩୫୦ରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା।ସୁଲଭ ଏବଂ ଗୁଣାତ୍ମକ ଚକ୍ଷୁ ଚିକିତ୍ସା ଉପରେ ଦୃଢ଼ ଧ୍ୟାନ ଦେଇ, ବେଦାନ୍ତ ଲାଞ୍ଜିଗଡ଼ର ପ୍ରୋଜେକ୍ଟ ଆରୋଗ୍ୟ କଳାହାଣ୍ଡି ଏବଂ ରାୟଗଡ଼ାରେ ସ୍ୱାସ୍ଥ୍ୟସେବା ପାର୍ଥକ୍ୟକୁ ପୂରଣ କରିଚାଲିଛି। ଆଜି ପର୍ଯ୍ୟନ୍ତ, ବେଦାନ୍ତ ଲାଞ୍ଜିଗଡ଼ର ନିରନ୍ତର ଚକ୍ଷୁ ଚିକିତ୍ସା ହସ୍ତକ୍ଷେପ ୧, ୭୦୦ରୁ ଅଧିକ ବ୍ୟକ୍ତିଙ୍କୁ ସେମାନଙ୍କର ଦୃଷ୍ଟିଶକ୍ତି ଫେରିପାଇବାରେ ସାହାଯ୍ୟ କରିଛି। ସେମାନଙ୍କୁ ସ୍ୱାଧୀନ ଜୀବନଯାପନ କରିବା ଏବଂ ସେମାନଙ୍କ ପରିବାର ଏବଂ ସମ୍ପ୍ରଦାୟରେ ଅଧିକ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ପାଇଁ ସଶକ୍ତ କରିଛି। ଏହି ପଦକ୍ଷେପକୁ ପ୍ରଶଂସା କରି ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଲାଞ୍ଜିଗଡ଼ରେ, ଆମର ସ୍ୱାସ୍ଥ୍ୟସେବା ପଦକ୍ଷେପଗୁଡ଼ିକ ଲୋକଙ୍କ ଜୀବନରେ ଏକ ସ୍ପଷ୍ଟ ପରିବର୍ତ୍ତନ ଆଣିବା ପାଇଁ ତିଆରି କରାଯାଇଛି। ଯାହା ନିଶ୍ଚିତ କରେ ଯେ ସବୁଠାରୁ ଦୂରବର୍ତ୍ତୀ ସମ୍ପ୍ରଦାୟ ମଧ୍ୟ ଗୁଣାତ୍ମକ ଚିକିତ୍ସା ସେବା ପାଇପାରିବେ।

# ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

**ବଣାଇ, ୧୩।୧୦(ସମିସ):** ବଣାଇ ଥାନା କେନ୍ଦ୍ରିକଳା ପଞ୍ଚାୟତ ଅଧୀନ ଅଲେଖପୁର ଗାଁରେ ଜଣେ ମହିଳା ପାରିବାରିକ କଳହ ଯୋଗୁଁ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତେବେ ମୃତକଙ୍କ ପରିବାର ପକ୍ଷରୁ ତାଙ୍କର ଚକ୍ଷୁଦାନ କରାଯାଇଥିବା ସୂଚନା ରହିଛି। ମୃତ ମହିଳା ଜଣକ ମାଳତୀ କିସାନ (୩୩) ବୋଲି ଜଣା ପଡ଼ିଛି। ତାଙ୍କର ସ୍ୱାମୀ ଦେବାଧି କିସାନଙ୍କ ସହ କୌଣସି କାରଣରୁ ବିବାଦ ହୋଇଥିଲା। ଏହାପରେ ଗତ ୧୧ ତାରିଖ ସେ କୀଟନାଶକ ଔଷଧ ପିଇ ଦେଇଥିଲେ। ଘଟଣା ଜଣାପଡ଼ିବା ପରେ ପରିବାର ଲୋକେ ବଣାଇ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ତାଙ୍କୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ।



### ମୃତ୍ୟୁ ପରେ ପରିବାର ଲୋକଙ୍କ ଦ୍ୱାରା ଚକ୍ଷୁଦାନ

ହେଲେ ମାଳତୀଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ରାଉରକେଲା ସ୍ଥିତ ହାଇଟେକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ଭୋର ୪ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ମୃତ୍ୟୁ ପରେ ମାନବୀୟ ଦୃଷ୍ଟାନ୍ତ ସୃଷ୍ଟି କରି ଶ୍ୱଶୁର ଓ ବାପଘର ଉଭୟ ପକ୍ଷଙ୍କ ସହମତିରେ ମାଳତୀଙ୍କ ଚକ୍ଷୁଦାନ କରାଯାଇଥିଲା। ତାଙ୍କ ଦୁଇଟି ଚକ୍ଷୁ ରାଉରକେଲା ହାଇଟେକ ମେଡିକାଲ ଆଖି ବ୍ୟାଙ୍କ ଦ୍ୱାରା ଗ୍ରହଣ କରାଯାଇ ଦୁଇ ଅନ୍ଧ ବ୍ୟକ୍ତିଙ୍କୁ ନୂଆ ଆଲୋକ ଦେବାକୁ ପ୍ରସ୍ତୁତି କରାଯାଇଛି। ପରେ ମୃତଦେହକୁ ଗାଁକୁ ଆଣି ସମ୍ମାନ ପୂର୍ବକ ଶବ ସତ୍କାର କରାଯାଇଛି। ଘଟଣା ସମ୍ବନ୍ଧରେ ବଣାଇ ଥାନା ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

ବାଆଦୀ ଦେବଙ୍କ ବାର୍ଷିକ ଦଶରା ଉଦ୍ୟାପିତ

# ପାରମ୍ପରିକ ଘୁମୁରା ନାଦରେ ଦୁଲୁକିଲା ମଞ୍ଚ



**କୋକସରା, ୧୩।୧୦(ସମିସ):** ସବୁ ଦେବାଦେବୀଙ୍କ ମାମୁଁ କଳାହାଣ୍ଡିର ଆରାଧ୍ୟ ଦେବତା ପ୍ରଭୁ ବୁଢ଼ାରଜା ଦେବଙ୍କ ଦଶରା ପର୍ବ ଶନିବାର ସମାପନ ହୋଇଛି। ତେବେ ତାଙ୍କ ସାନ ଭାଇ ରୂପରେ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର ତଳାଗାଁଠାରେ ଆରାଧିତ ହେଉଥିବା ବାଆଦୀ ଠାକୁରଙ୍କ ବାର୍ଷିକ ଦଶରା ପର୍ବ ରବିବାର ଧୁମଧାମରେ ପାଳିତ ହୋଇଛି। ବିଧି ଅନୁସାରେ ସକାଳୁ ବଡପୋଡାଗୁଡା ଗ୍ରାମରୁ ବଳଭଦ୍ର ପୁଝାରୀଙ୍କ ଘରୁ ଲାଠି ତଲାଗାଁ ମୁଖ୍ୟ ମନ୍ଦିର ଅଭିମୁଖେ ବାହାରିଥିଲା। ଏହାପରେ ନିମନ୍ତ୍ରିତ ବିଭିନ୍ନ ଦେବାଦେବୀଙ୍କ ଲାଠି ଏକତ୍ରିତ ହୋଇ ମନ୍ଦିର ଅଭିମୁଖେ ବାହାରି ଯାତ୍ରାରେ ସାମିଲ ହୋଇଥିଲେ। ପରେ ରିତିନିତୀ ଅନୁସାରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ମାନସିକ ଧାରୀ ଭକ୍ତମାନେ ବାଆଦି ଠାକୁରଙ୍କ ନିକଟରେ ଶୁକ୍ଳ ଭୋଗ ଅର୍ପଣ କରିଥିବାବେଳେ ପାର୍ଶ୍ୱ ଦେବଦେବୀଙ୍କୁ ରକ୍ତ ଭୋଗରେ ବଳୀ ପ୍ରଦାନ କରିଥିଲେ। ଶହ ଶହ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ସମାଗମରେ ମନ୍ଦିର ବେଢ଼ା ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବାଆଦୀ ଠାକୁରଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସେଠାରୁ ଲାଠି ଓ କାଳିଶିଙ୍କ ଗହଣରେ ଲାଠି ଶୋଭାଯାତ୍ରା ବାହାରି ଅନ୍ୟ ଏକ ପୂଜାସ୍ଥଳୀ ମାଉଲୀଙ୍କ ପୀଠକୁ ପ୍ରତ୍ୟାବର୍ତ୍ତନ କରି ପୂଜାର୍ଚ୍ଚନା କରାଯାଇଥିଲା। ଏହି କ୍ରମରେ ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ପାରମ୍ପାରିକ ଘୁମୁରାର ନାଦରେ ମଞ୍ଚ ଦୁଲୁକି ଉଠିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଜିତେନ୍ଦ୍ର ପଣ୍ଡା ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ଯମୁନା ନାଏକ, କଳାହାଣ୍ଡି ଜିଲ୍ଲା ପଣ୍ଡରା ମାଳି ସମାଜ ସଭାପତି ଉମାକାନ୍ତ ପୂଝରୀ, ନାରୀ ନେତ୍ରୀ ତିଳୋତ୍ତମା ନାଏକ, ତ୍ରିନାଥ ଶବର, ସନ୍ତୋଷ ମାଝୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ଘୁମୁରା ପ୍ରତିଯୋଗିତାରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଘୁମୁରା ପ୍ରତିଯୋଗିତାର ମଞ୍ଚକୁ ଲିଙ୍ଗରାଜ ରାଠୋର, ଗାଜିନ୍ଦ୍ର ନାଗ, ଲାଲସିଂ ବାଗ ଓ ଜଗଦୀଶ ନାଏକ ପରିଚାଳନା କରିଥିଲେ।ପୂଜକ ବଳଭଦ୍ର ପୁଝାରୀ, ସିରା ସପୁରସିଂ ନାଗ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। କମିଟିର ସଭାପତି ଧର୍ମାନନ୍ଦ ନାଏକ, ସାଧାରଣ ସମ୍ପାଦକ ଭଜମନ ନାଏକ, ସହ ସମ୍ପାଦକ ମନୋଜ କୁମାର ଦାସ ପ୍ରମୁଖ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ୨୦ ହଜାର ଟଙ୍କାରେ ନବଜାତ ଶିଶୁପୁତ୍ର ବିକ୍ରି

**ରାଉରକେଲା/କୋଇଡା, ୧୩।୧୦ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ପାଟମୁଣ୍ଡା ପଞ୍ଚାୟତ ସ୍ଥିତ ପାଟମୁଣ୍ଡା ହାଟିଙ୍ଗିରେ ଶିଶୁପୁତ୍ର ବିକ୍ରି ଘଟଣା ସାମ୍ନାକୁ ଆସିଛି। ଗାଁର ପାଉଲୁସ ଲୁଗୁନଙ୍କ ସ୍ତ୍ରୀ ପାର୍ବତୀ ଲୁଗୁନ ନିଜ ନବଜାତ ଶିଶୁପୁତ୍ରକୁ ବିକ୍ରି କରିଥିବା ନେଇ ଆଶା ଦିଦି ମାଗାଡାଲି ନାଏକଙ୍କ ନିକଟରେ ପ୍ରକାଶ କରିଥିବା ସୂଚନା ମିଳିଛି। ଏବେ ଘଟଣାର ସତ୍ୟତା ନେଇ ତଦନ୍ତ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ପାର୍ବତୀଙ୍କ ସ୍ୱାମୀଙ୍କ ଗତ କିଛି ବର୍ଷ ତଳେ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ପାର୍ବତୀ ୪ ପୁଅ ଝିଅ ଓ ଶାଶୁଙ୍କ ସହ ପାଟମୁଣ୍ଡା ହାଟିଙ୍ଗିରେ ରହି ଆସୁଥିଲେ। ହେଲେ ପାର୍ବତୀ ୫ ମାସର ଗର୍ଭବତୀ ହେବା ପରେ କାହାରିକୁ କିଛି ନକହି ଲୁଚି ରହିଥିଲେ। କୌଣସି ସୂତ୍ରରୁ ଆଶା ଦିଦି ଓ ଅଙ୍ଗନବାଡି କର୍ମୀ ଏହା ଜାଣିପାରି କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପରୀକ୍ଷା କରାଇବା ସହ ମା' ଗୃହରେ ଛାଡିଥିଲେ। ଗତ ଅଗଷ୍ଟ ୩୦ରେ ପାର୍ବତୀ ରାଉରକେଲା ସରକାରୀ ଡାକ୍ତରଖାନାରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ହେଲେ ୧୨ ଦିନ ପରେ ପାର୍ବତୀଙ୍କୁ ଘରକୁ ଏକୁଟିଆ ଫେରିବାର ଦେଖି ଆଶା ଦିଦି ଓ ଅଙ୍ଗନବାଡି ଦିଦି ତାଙ୍କୁ ଶିଶୁପୁତ୍ର ବିଷୟରେ ପଚାରିଥିଲେ। ଏହାର ଜବାବରେ ଚଳିବା ପାଇଁ ପିଲାକୁ ଅନ୍ୟ ଜଣଙ୍କୁ ୨୦ ହଜାର ଟଙ୍କାରେ ଦେଇ ଦେଇଥିବା ପାର୍ବତୀ ପ୍ରକାଶ କରିଥିଲେ। ଏବେ ଥିବା ୫ଟି ପିଲାଙ୍କୁ ଭଲ କରି ଖାଇବାକୁ ଦେଇ ପାରୁ ନ ଥିବାରୁ ଆଉ ପିଲା କାହିଁକି ରଖିବି ବୋଲି ପାର୍ବତୀ କହିଥିଲେ।

ଏ ନେଇ ପାଟମୁଣ୍ଡା ପୂର୍ବତନ ସରପଞ୍ଚ ଅଭିନାଶ ସୁମନ ବାଗେଙ୍କୁ ପଚାରିବାରୁ ସେ ଶିଶୁ ବିକ୍ରି କଥା ଶୁଣିଥିବା ସ୍ୱୀକାର କରିଥିଲେ ହେଁ ଏହାର ସତ୍ୟତା ସ୍ପଷ୍ଟ ହୋଇ ନଥିବା କହିଛନ୍ତି। କୋଇଡା ସମନ୍ୱିତ ଶିଶୁବିକାଶ ଅଧିକାରୀ ଅନିତା ଦାସ ଘଟଣାର ତଦନ୍ତ ହେବା ପରେ ଘଟଣାର ପ୍ରକୃତ ସତ୍ୟତା ଲୋକଲୋଚନକୁ ଆସିବ ବୋଲି କହିଛନ୍ତି। ତେବେ ଏନେଇ କୋଇଡା ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ସୂଚନା ଦେଇଛନ୍ତି।

ଖଇରପଦରକୁ ବ୍ଲକ୍ ମାନ୍ୟତା ଦାବି ତେଜିଲା

# ଏକଜୁଟ ହେଲେ ଉପାନ୍ତବାସୀ

ସିନାପାଲି, ୧୩।୧୦(ସମିସ)



ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଖଇରପଦରକୁ ବ୍ଲକ ମାନ୍ୟତା ନେଇ ଉପାନ୍ତରେ ଦାବି ଜୋର ଧରିଛି। ଏନେଇ ଉପାନ୍ତ ଅଞ୍ଚଳର ଜନସାଧାରଣ, ବୁଦ୍ଧିଜୀବୀ ତଥା ଜନପ୍ରତିନିଧି ଏକଜୁଟ ହୋଇଥିବା ଦେଖିବାକୁ ମିଳିଛି। ଏହି ଅବସରରେ ନୂତନ ବ୍ଲକ ମାନ୍ୟତା ଦାବି ନେଇ ଏକ ସଂଗ୍ରାମ ସମିତି ତଥା କ୍ରୀୟାନ୍ୱୟନ୍ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗିରିରାଜ୍ ମାଝୀଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିବା ବେଳେ ଉପସଭାପତି ଭାବେ ଜୟପାଲ ନାଗ, ସମ୍ପାଦକ ସୁରେନ୍ଦ୍ର ସୁନାନୀ, ସହସମ୍ପାଦକ ଜୟରାମ ମାଝୀ ଓ କୋଷାଧ୍ୟକ୍ଷ ଭାବେ ଲକ୍ଷ୍ମୀକାନ୍ତ ମେହେର ଓ ଦଶରଥ ମାଝୀଙ୍କୁ ମନୋନୀତ କରାଯାଇଥିବା ଜଣାପଡ଼ିଛି। ସେହିପରି ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ତଥା ବୁଦ୍ଧିଜୀବୀ ଓ ଜନପ୍ରତିନିଧିଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଛି। ପ୍ରକାଶଯୋଗ୍ୟ ଯେ ଦୀର୍ଘ ବର୍ଷ ରୁ ଏହି ଦାବି ହୋଇ ଆସୁଥିବା ବେଳେ ବର୍ତ୍ତମାନ ସରକାରଙ୍କ ପକ୍ଷରୁ ବ୍ଲକ ପୁନର୍ଗଠନ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପୁନଃ ନୂତନ ବ୍ଲକ ମାନ୍ୟତା ଦାବି ଜୋର ଧରିଛି। ଏହିକ୍ରମରେ ରବିବାର ଖଇରପଦର ଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଉପାନ୍ତ ଅଞ୍ଚଳର ପ୍ରାୟ ଦଶଟି ପଞ୍ଚାୟତର ଜନସାଧାରଣ ତଥା ବୁଦ୍ଧିଜୀବୀ, ଜନପ୍ରତିନିଧି ସାମିଲ ଥିଲେ।ଉପାନ୍ତ ଘଟମାଲ, ନଙ୍ଗଲବୋଡ, ନୁଆମାଳପଡ଼ା, ଖଇରପଦର, କଇଟପଦର, ଗୋର୍ଲା, କେନ୍ଦୁମୁଣ୍ଡା, ଝାରବନ୍ଧ, ଘୁଚାଗୁଡ଼ା ପ୍ରଭୃତି ପଞ୍ଚାୟତକୁ ନେଇ ଉକ୍ତ ବ୍ଲକ ପୁନର୍ଗଠନ ଦାବି ହେଉଛି। ଏହି ପଞ୍ଚାୟତମାନଙ୍କର ପ୍ରାୟ ପଚାଶରୁ ଉର୍ଦ୍ଧ୍ୱ ରାଜସ୍ୱ ଗ୍ରାମ ଥିବା ବେଳେ ଜନସଂଖ୍ୟା ପ୍ରାୟ ୪୦ ହଜାରରୁ ହେବ। ଉପାନ୍ତ ଘାଟମାଲ, ନଙ୍ଗଲବୋଡ, ନୁଆମାଳପଡ଼ା ଭଳି ଅନେକ ପଞ୍ଚାୟତରୁ ବ୍ଲକସଦର ମହକୁମା ପ୍ରାୟ ୨୫ ରୁ ୩୦ କିମି ଦୂର ହେଉଥିବା ବେଳେ ଅନେକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ତଥା ବ୍ୟବସାୟିକ କ୍ଷେତ୍ରରେ ବିଶେଷ ଅସୁବିଧାର ସମ୍ମୁଖୀନ ହେବା ସହ ଠିକ୍ ସମୟରେ କୌଣସି ସରକାରୀ ସୁବିଧା ସୁଯୋଗ ପାଇ ପାରୁନାହାଁନ୍ତି। ଫଳରେ ଅନେକ ଜନହିତକର ଯୋଜନା ରୁ ବଞ୍ଚିତ ହେଉଛନ୍ତି। ଏହି ଅଞ୍ଚଳ ଆଦିବାସୀ ଅଧ୍ୟୁଷିତ ପଛୁଆ ଅଞ୍ଚଳ ହୋଇଥିବା ବେଳେ ସଦମହକୁମା ଠାରୁ ବହୁ ଦୂରରେ ହେତୁ ବିକାଶ ଅପହଞ୍ଚ ହୋଇପଡ଼ିଛି। ଠିକ୍ ଭାବରେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି ତଥା ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେବାକୁ ପଡୁଛି। ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଏକ ନୂତନ ବ୍ଲକ ପୁନର୍ଗଠନ ହେଲେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକଜୁଟ୍ ହୋଇ ଖଇରପଦରକୁ ନୂତନ ବ୍ଲକ ମାନ୍ୟତା ଦେବାକୁ ଦାବି କରିଛନ୍ତି। ଏନେଇ ରବିବାର ଅନୁଷ୍ଠିତ ବୈଠକରେ ସକ୍ରିୟ ଭାବରେ ସମସ୍ତେ ଏକଯୁଟ ହୋଇ ପ୍ରଶାସନ ନିକଟରେ ବ୍ଲକ ପୁନର୍ଗଠନ ଦାବି ଉପସ୍ଥାପନ କରାଯିବ ବୋଲି ମତପ୍ରକାଶ ପାଇଥିଲା। ଉକ୍ତ ବୈଠକରେ ଅଞ୍ଚଳର ପ୍ରାୟ ଶତାଧିକ ଜନପ୍ରତିନିଧି, ବୁଦ୍ଧିଜୀବୀଙ୍କ ସମେତ ଜନସାଧାରଣ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଂଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଲୋକ ସମ୍ପର୍କ ବଢ଼ିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସ୍‌ରେ ପଦୋନ୍ନତି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

**କନ୍ୟା:** ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ମାନ ସମ୍ମାନ ବୃଦ୍ଧି ପାଇବ। ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୮୨- ପଞ୍ଜାବ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୩୩- ଜର୍ମାନୀ ମିତ୍ରରାଷ୍ଟ୍ରରୁ ଓହରିଯିବାକୁ ନିଷ୍ପତ୍ତି ନେଲା।
- ୧୯୫୬- ଡ. ବି.ଆର୍ ଆମ୍ବେଦକର ୫ ଲକ୍ଷ ସମର୍ଥକଙ୍କ ସହ ବୌଦ୍ଧ ଧର୍ମ ଗ୍ରହଣ କଲେ।
- ୧୯୮୧- ହୋସ୍‌ନି ମୁବାରକ ମିଶରର ରାଷ୍ଟ୍ରପତି ହେଲେ।
- ୧୯୯୯- ପରମାଣୁ ପରୀକ୍ଷଣ ପ୍ରତିବନ୍ଧକ ସନ୍ଧିକୁ ଆମେରିକୀୟ ସିନେଟ୍‌ରେ ନାମଞ୍ଜୁର।
- ୨୦୧୦- ନୂଆଦିଲ୍ଲୀରେ ଚାଲୁଥିବା ୧୯ତମ ରାଷ୍ଟ୍ରମଣ୍ଡଳ ଖେଳର ସମାପନ।

## ଚିଲି ମ୍ୟାନ୍ : ଥରକେ ଖାଆନ୍ତି ୧୦ କେଜି ଶୁଖିଲା ଲଙ୍କା



ଅନେକ ଲୋକ ସେମାନଙ୍କ ଅଜବ ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଥାଆନ୍ତି। ଏହି କ୍ରମରେ ମେଘାଳୟର ବାଟାବ ଗାଁର କୃଷକ ରାମ ପିରତୁହ ତାଙ୍କର ଅଜବ ଖାଦ୍ୟାଭ୍ୟାସ ପାଇଁ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ବେଶ୍ ସହଜରେ ଥରକରେ ୧୦ କେଜି ଶୁଖିଲା ଲଙ୍କା ଖାଇପାରନ୍ତି। ୨୦୨୧ ମସିହାରେ ତାଙ୍କର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ସେ ଏବେ ଚର୍ଚ୍ଚାରେ। ଭିଡିଓରେ ସେ ୧୦ କେଜି ଶୁଖିଲା ଲଙ୍କା ଖାଇଥିଲେ। ଏତେ ଲଙ୍କା ଖାଇବା ସତ୍ତ୍ୱେ ତାଙ୍କ ଆଖିରେ ଲୁହ ଆସି ନ ଥିଲା କି ତାଙ୍କୁ ରାଗ ଲାଗି ନ ଥିଲା। ଏହାପରେ ଲୋକେ ତାଙ୍କୁ ଚିଲି ମ୍ୟାନ୍ ନାମ ଦେଇଥିଲେ।

୫୦ ବର୍ଷିୟ ରାମଙ୍କ କହିବାନୁଯାୟୀ, 'ଲଙ୍କା ମୋ ଜୀବନର ଏକ ଅଂଶ। ମୁଁ ପିଲାଦିନରୁ ଲଙ୍କା ଖାଇ ଆସୁଛି। ମୋତେ ଲଙ୍କା ରାଗ ଲାଗେନି।' ସେହିପରି ରାମଙ୍କ ଗାଁ ଲୋକଙ୍କ କହିବାନୁସାରେ, ତାଙ୍କର ପ୍ରତ୍ୟେକ ଖାଦ୍ୟରେ ଲଙ୍କା ଥାଏ। ତାଙ୍କର ଏହି ନିଆରା ପ୍ରତିଭା ବିଷୟରେ ଜଣାପଡ଼ିବା ପରେ ଲୋକେ ତାଙ୍କୁ ପରୀକ୍ଷା ମଧ୍ୟ କରିଥିଲେ। ଏପରିକି ଗୋଟେ ଶୋ'ରେ ତାଙ୍କ ଦେହରେ ଲଙ୍କା ପେଷ୍ଟ ଲଗାଇ ଗାଧୋଇ ଦିଆଯାଇଥିଲା। ଏଥିସହ ତାଙ୍କ ଶରୀରରେ ଲଙ୍କା ଘଷା ଯାଇଥିଲା। ଏହାସତ୍ତ୍ୱେ ସେ ଶରୀରରେ କୌଣସି ଜଳାପୋଡ଼ା ଅନୁଭବ କରି ନ ଥିଲେ। ସେହିପରି ସେ ଆହୁରି ମଧ୍ୟ କହିଛନ୍ତି, ସକାଳୁ ସେ ଲଙ୍କା ଚା, ଦ୍ୱିପ୍ରହରରେ ଲଙ୍କା ମଟନ ତରକାରୀ ଖାଆନ୍ତି। ସନ୍ଧ୍ୟାରେ ସେ କଞ୍ଚାଲଙ୍କା ଚୋବାଇଥାନ୍ତି। ଲଙ୍କା ତାଙ୍କର ଔଷଧ ବୋଲି ସେ କହିଛନ୍ତି। ଏଥିପାଇଁ ତାଙ୍କୁ କୌଣସି ରୋଗ ମଧ୍ୟ ହୋଇନି। ଅବଶ୍ୟ ମେଘାଳୟରେ ଲଙ୍କାଚାଷ ସାଧାରଣ କଥା। ହେଲେ ରାମଙ୍କ ଭଳି ଲଙ୍କାପ୍ରେମୀ ନାହାନ୍ତି।

## 'କାନ୍ତାରା ଚାପ୍ଟର ୧' ସଫଳତାର ରାଜ୍ ଖୋଲିଲେ ରିଷଭ



ରିଷଭ ସେଟ୍ଟୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'କାନ୍ତାରା ଚାପ୍ଟର ୧' ବକ୍ସ ଅଫିସ୍‌ରେ ସୁନାମି ଆଣିଛି। ସମୟ ବଢ଼ିବା ସହ ଏହାର ଆୟ ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି। ସବୁଠୁ ବଡ଼ କଥା ହେଉଛି, ଏହାର କାହାଣୀ ଦର୍ଶକଙ୍କୁ ଛୁଇଁଛି। ମୂଳ କନ୍ନଡ଼ ଭାଷାର ଏହି ସିନେମାରେ ରିଷଭ ପୁଣି ଥରେ ନିଜ ଅନ୍ଦାଜରେ ପରଦାକୁ ଓହ୍ଲାଇଛନ୍ତି। 'କାନ୍ତାରା ଚାପ୍ଟର ୧' ୨୦୨୨ରେ ରିଲିଜ୍ ହୋଇଥିବା 'କାନ୍ତାରା'ର ପୂର୍ବ କାହାଣୀ ଅଟେ। ପ୍ରାୟ ଫିଲ୍ମରେ ସିକ୍ୱେଲ୍ ରିଲିଜ୍ ହେଉଥିଲାବେଳେ ରିଷଭ କିନ୍ତୁ ଏହାର ପ୍ରିକ୍ୱେଲ୍ ଆଣିଥିଲେ। ଫିଲ୍ମର କାହାଣୀ, ଚରିତ୍ର ଓ ବିଏଫ୍‌ଏକ୍ସକୁ ବହୁତ ଭଲ ଭାବେ ବଡ଼ ପରଦାରେ ପ୍ରଦର୍ଶନ କରାଯାଇଛି। ଖାସ୍ ଏହି କାରଣରୁ ଫିଲ୍ମଟି ବକ୍ସ ଅଫିସ୍‌ରେ ଧମାଲ କରିଛି। ନିକଟରେ ଏକ ଇଭେଣ୍ଟରେ ଯୋଗ ଦେଇ ଖୋଦ୍ ରିଷଭ ଏହାର ସଫଳତାର ରାଜ୍ ଖୋଲିଛନ୍ତି। ରିଷଭ କହିଛନ୍ତି, 'ଏହି ଫିଲ୍ମ ଓ ଏହାର ଚରିତ୍ରଗୁଡ଼ିକ ମୋର ସ୍ୱପ୍ନ ଥିଲା, ଯାହାକୁ ମୋ ଟିମ୍ ଆପଣେଇ ନେଇଥିଲା। ଆମେ ଯେତେ ଆମର ଆଞ୍ଚଳିକ କାହାଣୀକୁ ଦେଖାଇବା ଏହା ସେତେମାତ୍ରାରେ ବିଶ୍ୱସ୍ତରରେ ଆଦୃତ ହେବ।' ରିଷଭ ଏଥିରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶକ ଓ ଲେଖକ ମଧ୍ୟ।

## ଭାରତର ମିନି ଇସ୍ରାଏଲ

ଭାରତକୁ ବିବିଧତାର ଦେଶ କୁହାଯାଏ। ଏହାର ସୌନ୍ଦର୍ଯ୍ୟ ଓ ସଂସ୍କୃତି ସାରା ବିଶ୍ୱ ପରିଚିତ। ଏଥିପାଇଁ ଏଠାକୁ ବହୁ ବିଦେଶୀ ପର୍ଯ୍ୟଟକ ଆସିଥାନ୍ତି। ଏହି କ୍ରମରେ ହିମାଚଳ ପ୍ରଦେଶରେ ଏକ ଗାଁ ରହିଛି, ଏଠାକୁ ଭ୍ରମଣ ପାଇଁ ବହୁ ସଂଖ୍ୟାରେ ଇସ୍ରାଏଲ ପର୍ଯ୍ୟଟକ ଆସିଥାନ୍ତି। ଏପରିକି ଘରଭଡ଼ା ନେଇ ଏଠାରେ ଦୀର୍ଘ ଦିନ ଧରି ରହିଥାନ୍ତି। ଗାଁଟିର ନାଁ ଧର୍ମକୋଟ। ଏହା ଧର୍ମଶାଳାଠାରୁ ୨ କିଲୋମିଟର ଦୂରରେ ଅବସ୍ଥିତ। ଧର୍ମକୋଟକୁ ଭାରତର ମିନି ଇସ୍ରାଏଲ ବୋଲି କୁହାଯାଏ। ୧୯୯୦ ମସିହାରୁ ଏଠାକୁ ଇସ୍ରାଏଲ ପର୍ଯ୍ୟଟକମାନେ ଆସି ରହିବା ଆରମ୍ଭ କରିଥିଲେ। ସେବେଠାରୁ ଏଠାରେ ଇସ୍ରାଏଲ ସଂସ୍କୃତି ଓ ପରମ୍ପରାର ଛାପ ଦେଖିବାକୁ ମିଳୁଛି। ଧର୍ମକୋଟର ରେଷ୍ଟୋରାଁଗୁଡ଼ିକରେ ଭାରତୀୟ ଓ ଇଟାଲୀୟ ଖାଦ୍ୟ ସହ ଇସ୍ରାଏଲ ଖାଦ୍ୟ ମିଳିଥାଏ। ଏଠାରେ ହିବ୍ରୁ ଭାଷାରେ ଲେଖାଯାଇଥିବା ସାଇନ୍‌ବୋର୍ଡ ମଧ୍ୟ ଦେଖିବାକୁ ମିଳେ। ଇସ୍ରାଏଲର ସୈନିକମାନେ ଚାକିରିରୁ ଅବସର ନେବା ପରେ ଏହି ଗାଁରେ ଆସି କିଛି ଦିନ ରହି ଯାଇଥାନ୍ତି। ବିଶେଷକରି ଅକ୍ଟୋବର ମାସରେ ରୋଷ ହାସନା ନାମକ ପର୍ବ ପାଳିବାକୁ ଏଠାକୁ ବହୁ ସଂଖ୍ୟକ ଇସ୍ରାଏଲ ନାଗରିକ ଆସିଥାନ୍ତି। ଏହି ଗାଁର ଚତୁଃପାର୍ଶ୍ୱରେ ଘନ ଦେବଦାରୁ ଜଙ୍ଗଲ ଘେରି ହୋଇ ରହିଛି। ତେଣୁ ଏଠାରେ ଭୀଷଣ ଗରମରେ ମଧ୍ୟ ଥଣ୍ଡା ଅନୁଭୂତ ହୋଇଥାଏ। ଫଟୋପ୍ରେମୀ ତଥା ପ୍ରକୃତିପ୍ରେମୀଙ୍କୁ ଏହି ଗାଁ ବେଶ୍ ଆକର୍ଷିତ କରିଥାଏ। ଏଠାରେ ଭାରତୀୟଙ୍କଠାରୁ ଅଧିକ ବିଦେଶୀ ପର୍ଯ୍ୟଟକ ଦେଖାଯାଉଥିବାରୁ ଏହା ସ୍ଥାନୀୟ ଅଞ୍ଚଳରେ 'ବିଦେଶୀଙ୍କ ଗାଁ' ଭାବେ ମଧ୍ୟ ପରିଚିତ। ଧର୍ମକୋଟରେ ବିଦେଶୀ ପର୍ଯ୍ୟଟକମାନେ ଗଳିକନ୍ଦିରେ ସଙ୍ଗୀତ ଗାନ କରିବା ସହ ଧ୍ୟାନ ଯୋଗ ଆଦି କରୁଥିବାର ଦେଖାଯାଏ। ଏଠାରେ ଇସ୍ରାଏଲର ପତାକା ମଧ୍ୟ ଦେଖିବାକୁ ମିଳେ। ଇନ୍‌ଷ୍ଟାଗ୍ରାମ୍ ଟ୍ରାଭେଲର୍ ମହମ୍ମଦ ଅମାନ୍ ଧର୍ମକୋଟ୍‌ର ଭିଡିଓ ସେୟାର୍ କରିବା ପରେ ଏହା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି।






## ଫସଲ ଅମଳ ଯନ୍ତ୍ରପାତି




**ଫସଲର ଅମଳପରବର୍ତ୍ତୀ ସମୟଟି ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ସମୟରେ ଫସଲ କାଟିବାରେ ଅଧିକ ଶ୍ରମ ଦରକାର ପଡ଼େ। ଏଥିପାଇଁ ଖର୍ଚ୍ଚ ବଢ଼େ। ଅଧିକ ସମୟ ଲାଗେ। ପରିଶ୍ରମ ମଧ୍ୟ ଅଧିକ ହୁଏ। ତେବେ ପାଗ ଖରାପ ଥିଲେ, ଫସଲ ଅମଳ କାର୍ଯ୍ୟ କରିହୁଏ ନାହିଁ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଯନ୍ତ୍ର ବ୍ୟବହାର କରି ପାରିବେ।**

ଅମଳ ଯନ୍ତ୍ର ମଧ୍ୟରେ ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ର, ଟ୍ରାକ୍ଟର ଚାଳିତ ଧାନ କଟା ଯନ୍ତ୍ର ଆଦି ରହିଛି। ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ରରେ ଗୋଟିଏ ଦିନର (୮ଘଣ୍ଟା)ରେ ଏକ ହେକ୍ଟର ଜମିରୁ ଅମଳ ହୋଇପାରୁଥିବାବେଳେ ଟ୍ରାକ୍ଟର ଚାଳିତ ଧାନ କଟା ଯନ୍ତ୍ରରେ ଏକ ଘଣ୍ଟାରେ ଏକ ହେକ୍ଟର ଜମିରୁ ଧାନ କଟା ହୋଇପାରିବ। ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ରରେ ଗୋଟିଏ ଏକର ଧାନ କଟା ପାଇଁ ମାତ୍ର ୩୦୦ରୁ ୪୦୦ଟଙ୍କା ଖର୍ଚ୍ଚ ହେଉଥିବାବେଳେ ହାତରେ କାଟିଲେ ଏକ ଏକରରେ ୧୨ଜଣ ଲୋକ ଦରକାର ପଡ଼େ।

ସେହିପରି କମ୍ବାଇନ୍ ହାର୍ଭେଷ୍ଟର ଏକ ଆଧୁନିକ କୃଷି ଯନ୍ତ୍ର। ଏହା ଧାନ, ମାଣ୍ଡିଆ, ଗହମ ଆଦି ଫସଲ କାଟିଥାଏ। କାଟିବା ସହ ଏକାସାଥିରେ ଗଛରୁ ଶସ୍ୟକୁ ଅଲଗା କରି ସଫା କରିପାରିବ। ବଜାରରେ ବିଭିନ୍ନ ପ୍ରକାର କମ୍ବାଇନ୍ ହାର୍ଭେଷ୍ଟର ଉପଲବ୍ଧ ଅଛି। ଏଥିରେ ୨ରୁ ୬ ମିଟର ଓସାର ଯାଏଁ ଫସଲ କାଟିବାକୁ ଆରି, ଦାନାକୁ ଅଲଗା କରି ସଫା କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏହା ଧାନ ଫସଲରେ ପାଖାପାଖି ୦.୬ ହେକ୍ଟର ପ୍ରତି ଘଣ୍ଟା କାମ କରିଥାଏ। ସେହିପରି ବଜାରରେ ଟ୍ରାକ୍ଟର ଚାଳିତ କନଭେୟର ରିପର (ଟ୍ରାକ୍ଟର ଚାଳିତ ଅମଳ ଯନ୍ତ୍ର) ଉପଲବ୍ଧ ରହିଛି।

## ଓଲକୋବି ଚାଷ

ଅକ୍ଟୋବର ମାସରେ ରବିଋତୁ ଚାଷ କାମ କରାଯାଏ। ଏହି ସମୟରେ କମ୍ ତାପମାତ୍ରା ଯୋଗୁଁ ଚାଷୀମାନେ ବିଭିନ୍ନ ଫୁଲ, ପନି ପରିବା ବିହନ ଲଗାଇ ଲାଭ ପାଇଥା'ନ୍ତି। ଗାଜର, ସିମଳା ଲଙ୍କା, ଲଙ୍କା, ମୂଳା, ବାଇଗଣ, ଟମାଟୋ ଆଦି ଚାଷ କରାଯାଉଥିଲେ ହେଁ, ଓଲ କବି ଚାଷରୁ ଅଧିକ ଲାଭ ମିଳେ।



ଓଲକୋବି ଚାଷ ପାଇଁ ଅକ୍ଟୋବରରୁ ନଭେମ୍ବର ମାସ ଉପଯୁକ୍ତ ସମୟ। ଚାଷ ପାଇଁ ନିଗିଡ଼ା, ଦୋରସା ମାଟି ଅନୁକୂଳ। ଏକର ପାଇଁ ୫୦୦ ଗ୍ରାମ୍ ବିହନ ଦରକାର। ତେବେ ମାଟିକୁ ଗୁଣ୍ଡ କରି ସେଥିରେ ଶୁଖିଲା ଖତ ପ୍ରୟୋଗ କରାଯାଏ। ମାଟିକୁ ସମତଳ କରି ପଟାଳି କରି ସେଥିରେ ବିହନ ବୁଣାଯାଏ। ଚାଷ ପୂର୍ବରୁ ମୃତ୍ତିକା ଓ ବିହନ ବିଶୋଧନ କରିବା ନିହାତି ଆବଶ୍ୟକ। ମୁଖ୍ୟ ଜମିରେ ଓଲକୋବି ଲଗାଇବା ସମୟରେ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି ଏବଂ ଗଛକୁ ଗଛ ଦୂରତ୍ୱ ୨୫ ସେ.ମିରେ ଲଗାଯାଏ। ଆରମ୍ଭରୁ ହାଲୁକା ଜଳ ସେଚନ କରି ୧୦ରୁ ୧୨ ଦିନ ଅନ୍ତରରେ ସିଞ୍ଚନ କରିପାରିବେ। ଜୈବିକ ପ୍ରଣାଳୀରେ ଚାଷ କରିବାକୁ ଚାହୁଁଥିଲେ, ନିମ୍ବ ଅର୍କ ପ୍ରୟୋଗ କରି ପାରିବେ। ଜୈବିକ ଖତ କିମ୍ବା ଶୁଖିଲା ଗୋବର ଖତ ସହିତ ନିମ୍ବପିଡ଼ିଆ ମିଶାଇ ଗଛମୂଳରେ ଦେବା ଦ୍ୱାରା ଅଧିକ ଅମଳ ହୁଏ। ଗଛ ଲଗାଇବାର ୫୫ରୁ ୬୦ ଦିନ ପରେ ଓଲକୋବି ଅମଳ କରିପାରିବେ।

## ଚାଷୀ ମୁହଁରେ ହସ ଭରିଛି କଳିଙ୍ଗରାଜ




**ଦୃଢ଼ ଇଚ୍ଛାଶକ୍ତି ହିଁ ମଣିଷକୁ ସଫଳତା ଦେଇଥାଏ। ଏହାକୁ ପ୍ରମାଣିତ କରିଛନ୍ତି ଝାରସୁଗୁଡ଼ା ଜିଲ୍ଲା, ଲଖନପୁର ବ୍ଲକ୍ ଅନ୍ତର୍ଗତ ବଞ୍ଜାରୀ ଗ୍ରାମର ଜୟଦେବ ବିଶ୍ୱାଳ। ଚାଷ କେବଳ ଜୀବିକା ନୁହେଁ, ଏହା ଏକ ସ୍ୱାବଲମ୍ବୀ ଓ ସମୃଦ୍ଧିମୟ ଜୀବନ ପାଇଁ ସାଧନ ହୋଇପାରେ। ଏହାକୁ ବ୍ରତ କରି ସେ ଜଣେ ସଫଳ ଚାଷୀ ଭାବେ ସ୍ଥାନୀୟ ଅଞ୍ଚଳର ଅନେକ ଚାଷୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି।**

ଜୟଦେବ ନିଜର ୧୬ ଏକର ଜମିରେ ମକା, ପୋଟଳ, ବାଇଗଣ, ବିଭିନ୍ନ ପ୍ରକାର ପନିପରିବା, ଫଳ (କଦଳୀ, ଆମ୍ବ) ଆଦି ଚାଷ କରୁଛନ୍ତି। ଏହା ସହିତ ସେ ଅଧିକାଂଶ ଜମିରେ ଧାନ ଚାଷ ମଧ୍ୟ କରୁଛନ୍ତି। ଅଧିକ ଉତ୍ପାଦନକ୍ଷମ ହେବା ପାଇଁ ସେ କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା ଦ୍ୱାରା ଆୟୋଜିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହି ତାଲିମ କେନ୍ଦ୍ରରେ ଉନ୍ନତ ମାନର ମକା ଚାଷ ପ୍ରଣାଳୀକୁ ନେଇ ଆଲୋଚନା ସମୟରେ ଜୟଦେବ ମକା ଚାଷ ପ୍ରତି ଆଗ୍ରହ ଦେଖାଇଥିଲେ। ତାଙ୍କ ଆଗ୍ରହକୁ ଅଗ୍ରାଧିକାର ଦେବା ସ୍ୱରୂପ ବୈଜ୍ଞାନିକମାନେ 'କଳିଙ୍ଗରାଜ' ଚାଷ ପଦ୍ଧତି ସମ୍ବନ୍ଧୀୟ ଆବଶ୍ୟକୀୟ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

କେବଳ ସେତିକି ନୁହେଁ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ଓ ପ୍ରଚାରିତ ଏହି କିସମର ବିହନ ପ୍ରଦାନ କରିଥିଲେ। ବୈଜ୍ଞାନିକମାନଙ୍କ ଉପଯୁକ୍ତ ମାର୍ଗଦର୍ଶନ ଓ ସମର୍ଥନ ପାଇ ଜୟଦେବ ପ୍ରାୟ ଦୁଇ ଏକର ଜମିରେ 'କଳିଙ୍ଗରାଜ' ମକା ଚାଷ କରି ଏହି ଉତ୍ପାଦନର ଲାଭ ଉଠାଇଛନ୍ତି। ପୂର୍ବରୁ ସ୍ଥାନୀୟ ବଜାରରୁ କିଣିଥିବା ମକା ତଥା ସ୍ୱୟ ସଂରକ୍ଷିତ ବିହନ ଚାଷ କରି ଉତ୍ପାଦନ ଓ ଆୟ କମ ପାଉଥିଲେ। କିନ୍ତୁ କୃଷି ବିଜ୍ଞାନ କେନ୍ଦ୍ର ଝାରସୁଗୁଡ଼ା ପକ୍ଷରୁ ସାହାଯ୍ୟ, ସହଯୋଗ ଓ ତାଲିମ ପାଇ 'କଳିଙ୍ଗରାଜ' ମକା ଚାଷରୁ ସେ ବର୍ଷକୁ ମୋଟ ୨ ଲକ୍ଷ ୩୦ ହଜାର ଟଙ୍କା ପାଉଥିବାବେଳେ ୧ ଲକ୍ଷ ୧୨ ହଜାର ଟଙ୍କା ଲାଭ କରୁଛନ୍ତି। ଉନ୍ନତ ଚାଷପ୍ରଣାଳୀ ଓ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବା ଯୋଗୁଁ ତାଙ୍କ ଆୟ ମଧ୍ୟ ବୃଦ୍ଧି ପାଇଛି। ବର୍ତ୍ତମାନ ସେ ୪ଟି ଗ୍ରାମର ଚାଷୀମାନଙ୍କୁ ମକା ଚାଷ ସମ୍ବନ୍ଧୀୟ ନିଜ ଅଭିଜ୍ଞତା ବାଣ୍ଟୁଛନ୍ତି। ଏହା ସହ ଆୟ କିଭଳି ଦ୍ୱିଗୁଣିତ ହୋଇପାରିବ ସେ ନେଇ ମଧ୍ୟ ସମ୍ୟକ୍ ଜ୍ଞାନ ପ୍ରଦାନ କରୁଛନ୍ତି।

ଉନ୍ନତ ପ୍ୟାକେଜ୍, ଚାଷପ୍ରଣାଳୀ, ନୂତନ ପ୍ରଯୁକ୍ତିବିଦ୍ୟା ଓ ଜ୍ଞାନ କୌଶଳ ବିଷୟରେ ଅଧିକ ଜାଣିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ସହିତ ଯୋଗାଯୋଗ କରିବାକୁ ମଧ୍ୟ ଜୟଦେବ ଚାଷୀଙ୍କୁ ପ୍ରେରିତ କରୁଛନ୍ତି। ସେ ବିଭିନ୍ନ ଫସଲ ଓ ବଗିଚା ପରିଚାଳନା ପାଇଁ ପ୍ରତିଦିନ ଜଣଙ୍କୁ ନିୟୋଜିତ କରୁଛନ୍ତି। ଫସଲ ଉତ୍ପାଦନ ବିଶେଷକରି ଧାନ ଓ ମକା ଚାଷ ସମୟରେ ପ୍ରତିବର୍ଷ ଶ୍ରମ ଦିବସରେ ୨୩୦ ରୁ ୨୪୦ ଜଣଙ୍କୁ ନିୟୋଜିତ କରୁଛନ୍ତି। ଯାହାଦ୍ୱାରା ସେ କେବଳ ନିଜ ପାଇଁ ନୁହେଁ ବରଂ ସ୍ଥାନୀୟ ଅଞ୍ଚଳର ଆର୍ଥିକ ପ୍ରଗତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି।

## କୃଷି ପାଞ୍ଜି

### ଏ ସପ୍ତାହ ପାଇଁ କୃଷକଙ୍କୁ ପରାମର୍ଶ

- ଅଣଧାନ ଫସଲ ଓ ପନିପରିବା ତଳିଘରାରୁ ଅତ୍ୟଧିକ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ। ରୋଗ ଓ ପୋକର ନିୟନ୍ତ୍ରଣ ପାଇଁ ଜମିକୁ ଘାସମୁକ୍ତ ରଖନ୍ତୁ।
- କୋବି ଜାତୀୟ ପନିପରିବା ତଳି ପଟାଳିରେ ତଳିଘରା-କଟା ରୋଗ ଦେଖା ଦେଇଥାଏ। ଶୁଖିଲା ପାଗ ଦେଖି ଏହି ରୋଗର ପରିଚାଳନା ପାଇଁ ବିହନ ବୁଣିବା ପୂର୍ବରୁ ଏକ କିଗ୍ରା ମଞ୍ଜିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା କାର୍ବୋକ୍ସିନ ଏବଂ ଥିରାମ ମିଶ୍ରିତ ଫିମ୍ପିନାଶକ ବିହନରେ ମିଶାଇ ବିଶୋଧନ କରନ୍ତୁ।
- ଭେଣ୍ଡିରେ ସାହେବୀ ରୋଗ ଧଳାମାଛି ଦ୍ୱାରା ବ୍ୟାପିଥାଏ। ଏହାକୁ ପ୍ରତିରୋଧ କରିବାକୁ ପ୍ରତି କେଜି ବିହନକୁ ୪ ଗ୍ରାମ ଇମିଡାକ୍ଲୋପ୍ରିଡ ୭୫% ଡବ୍ଲ୍ୟୁଜି ସହ ମିଶାଇ ବିହନ ବିଶୋଧନ କରନ୍ତୁ।
- ଖରାଟିଆ ପାଗରେ ଅମୃତଭଣ୍ଡା ଗଛରେ ଦହିଆଚୂର୍ଣ୍ଣ ପୃଷ୍ଠ ପୋକ ପରିଚାଳନା ପାଇଁ ପ୍ରତି ୧୦ଲିଟର ପାଣିରେ ୩୦ ମିଲି ନିମ୍ବ ଆଧାରିତ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ।

## ଘାନାର ଫିଫା ବିଶ୍ୱକପ୍ ଯୋଗ୍ୟତା

**ଆକରା, ୧୩।୧୦ (ଏଜେନ୍ସି):** ଆଫ୍ରିକା ମହାଦେଶର ୫ମ ଦେଶ ଭାବେ ଘାନା ଆସନ୍ତାବର୍ଷ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛି। ଗତକାଲି ରାତିରେ ଖେଳାଯାଇଥିବା ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ ଘରୋଇ ଘାନା ଦଳ ୧-୦ ଗୋଲରେ କମରୋସକୁ ପରାସ୍ତ କରିଥିଲା। ମ୍ୟାଚର ୪୭ତମ ମିନିଟ୍‌ରେ ମହମ୍ମଦ କୁଡୁସ ଏହି ବିଜୟସୂଚକ ଗୋଲ୍‌ଟି ଦେଇଥିଲେ। ଫଳରେ ଯୋଗ୍ୟତା ପର୍ଯ୍ୟାୟରେ ଘାନା ସମସ୍ତ ୧୦ ମ୍ୟାଚ୍ ଖେଳି ୮ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ସର୍ବାଧିକ ୨୫ ପଏଣ୍ଟ ପାଇ ଗ୍ରୁପ୍-୧ ଟେବଲ ତାଲିକାର ଶୀର୍ଷରେ ରହି ବିଶ୍ୱକପ୍ ଟିକଟ୍ ହାସଲ କରିଛି। ପୂର୍ବରୁ ଆଫ୍ରିକା ମହାଦେଶରୁ ଇଜିପ୍ଟ, ମରକ୍କୋ, ଟ୍ୟୁନିସିଆ ଓ ଆଲ୍‌ଜେରିଆ ୨୦୨୬ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

## ପାକିସ୍ତାନ କ୍ରିକେଟର୍ ୱାଜିରଙ୍କ ପରଲୋକ

**ବର୍ମିଂହାମ, ୧୩।୧୦ (ଏଜେନ୍ସି):** ପାକିସ୍ତାନର ପୂର୍ବତନ କ୍ରିକେଟର୍ ୱାଜିର ମହମ୍ମଦଙ୍କ ପରଲୋକ ଘଟିଛି। ଇଂଲଣ୍ଡର ବର୍ମିଂହାମସ୍ଥିତ ବାସଭବନରେ ୯୫ ବର୍ଷ ବୟସରେ ୱାଜିର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସେ ପାକିସ୍ତାନର ଜୀବିତ ଥିବା ସବୁଠୁ ବୟୋଜ୍ୟେଷ୍ଠ କ୍ରିକେଟର୍ ଭାବେ ବିବେଚିତ ହେଉଥିଲେ। ୱାଜିର ୧୯୫୨ରେ ଭାରତ ବିପକ୍ଷରେ ଖେଳି ଟେଷ୍ଟ ପଦାର୍ପଣ କରିଥିଲେ। ଏହି ମ୍ୟାଚ୍‌ଟି ଭାରତ ଓ ପାକିସ୍ତାନ ମଧ୍ୟରେ ସର୍ବପ୍ରଥମ ଟେଷ୍ଟ ମୁକାବିଲା ଥିଲା। କ୍ୟାରିୟରରେ ୨୦ଟି ଟେଷ୍ଟ ଖେଳିଥିବା ୱାଜିର ୮୦୧ ରନ କରିଥିଲେ। ପାକିସ୍ତାନ ପାଇଁ ଖେଳିଥିବା ଚର୍ଚ୍ଚିତ ମହମ୍ମଦ ଭ୍ରାତାଙ୍କ ମଧ୍ୟରୁ ୱାଜିର ହେଉଛନ୍ତି ସବୁଠୁ ବଡ଼। ତାଙ୍କ ସାନ ଭାଇ ହନିଫ ପାକିସ୍ତାନର ଜଣେ ମହାନ ବ୍ୟାଟର୍ ଥିଲେ। ପାଞ୍ଚଭାଇଙ୍କ ମଧ୍ୟରୁ ୪ଜଣ ପାକିସ୍ତାନ ପକ୍ଷରୁ ଟେଷ୍ଟ ଖେଳିଥିଲେ।

## କଳିଙ୍ଗରେ ରାଜ୍ୟ ପାରା ସନ୍ତରଣ ୨୫ରୁ


**ଭୁବନେଶ୍ୱର,୧୩।୧୦(ସମିସ):** ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଆସନ୍ତା ୨୫ ଓ ୨୬ ତାରିଖ ଦୁଇଦିନ କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏଥିରେ ଉଭୟ ପୁରୁଷ ମହିଳା ବିଭାଗ ସିନିଅର ଓ ଜୁନିଅର କାଟାଗୋରୀରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ୨୫ତମ ଜାତୀୟ ପାରା ସନ୍ତରଣ ଲାଗି ମନୋନୀତ କରାଯିବ। ଯେଉଁମାନେ ଯୋଗ୍ୟତା ଅର୍ଜନ କରିଥିବେ, କେବଳ ସେମାନଙ୍କୁ ଜାତୀୟ ପ୍ରତିଯୋଗିତା ଲାଗି ଚୟନ କରାଯିବ। ଏହି ପ୍ରତିଯୋଗିତା ହାଇଦ୍ରାବାଦ୍‌ରେ ନଭେମ୍ବର ୧୫ରୁ ଅନୁଷ୍ଠିତ ହେବ। ଶାରିରୀକ, ଦୃଷ୍ଟିବାଧିତ ଓ ମାନସିକ ଭିନ୍ନକ୍ଷମ ପ୍ରତିଯୋଗୀମାନେ ଦିବ୍ୟାଙ୍ଗ ଓ ଜନ୍ମଗତ ପ୍ରମାଣପତ୍ର ସହ ୨୩ ତାରିଖ ସୁଦ୍ଧା ଏମ୍‌ଡିଏଫ୍ ଫର୍ମରେ ଆବେଦନ କରିବାକୁ କୁହାଯାଇଛି। ପ୍ରତିଯୋଗୀମାନେ ଜନ୍ମ, ଦିବ୍ୟାଙ୍ଗ ଓ ଡାକ୍ତର ନିଦାନ ଫର୍ମ ଆଣିବାକୁ ଅନୁରୋଧ କରାଯାଇଛି। ଅଧିକ ସୂଚନା ଲାଗି ପାରା ଆସୋସିଏସନ ଅଫ୍ ଓଡ଼ିଶା ସମ୍ପାଦକ ସୁନୀଲ ପ୍ରଧାନଙ୍କୁ ଟେଲିଫୋନ୍ ନଂ- ୯୮୬୧୦୦୯୩୯୬ ରେ ଯୋଗାଯୋଗ କରିବାକୁ କୁହାଯାଇଛି।

### କ୍ୟାମ୍ପବେଲ୍‌ଙ୍କ ପ୍ରଥମ, ୮ ବର୍ଷ ପରେ ହୋପ୍‌ଙ୍କ ଟେଷ୍ଟ ଶତକ

# ବିଜୟଠାରୁ ୫୮ ରନ୍ ଦୂରରେ ଭାରତ

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି)

ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଘରୋଇ ଭାରତ ବିଜୟର ଦ୍ୱାରଦେଶରେ ପହଞ୍ଚିଛି। ଏହି ଟେଷ୍ଟର ଜନ୍ କ୍ୟାମ୍ପବେଲ (୧୧୫) ଓ ସାଇ ହୋପ (୧୦୩)ଙ୍କ ଶତକ ବଳରେ ଫଲୋଅନ ପରେ ୱେଷ୍ଟଇଣ୍ଡିଜ୍‌ର ଦ୍ୱିତୀୟ ଇନିଂସ ୩୯୦ ରନ୍‌ରେ ଶେଷ ହୋଇଥିଲା। ଏହା ଫଳରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ଭାରତଠାରୁ ୧୨୦ ରନ୍‌ର ଅଗ୍ରଣୀ ନେଇଥିଲା। ଇଣ୍ଡିଜ୍ ପ୍ରଦତ୍ତ ୧୨୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ଯଶସ୍ୱୀ ଜୟସ୍ୱାଲ (୮)ଙ୍କ ୱିକେଟ ହରାଇ ୬୩ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଲୋକେଶ ରାହୁଲ ୨୫ ଓ ସାଇ ସୁଦର୍ଶନ ୩୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଆସନ୍ତାକାଲି ୫ମ ତଥା ଶେଷ ଦିନରେ ଭାରତକୁ ମ୍ୟାଚ୍ ଜିତିବା ଲାଗି ବାକିଥିବା ୯ଟି ଦ୍ୱିତୀୟ ଇନିଂସ ୱିକେଟ ବଳରେ ଆଉ ମାତ୍ର ୫୮ ରନ୍ ଆବଶ୍ୟକ କରୁଛି। ପୂର୍ବରୁ ୫ ୱିକେଟରେ ୫୧୮ ରନ୍ କରିଥିବା ଭାରତ ଅହମ୍ମଦାବାଦରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ବିଜୟ ହାସଲ କରି ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି।



### ଦ୍ୱିତୀୟ ଇନିଂସରେ ଲଢ଼ିଲା ଇଣ୍ଡିଜ୍

ଏହି ସିରିଜ୍‌ରେ ଖେଳାଯାଇଥିବା ୨ଟି ଟେଷ୍ଟରେ ବ୍ୟାଟିଂ କରିଥିବା ପ୍ରଥମ ୩ଟି ଇନିଂସ ଭାରତୀୟ ବୋଲରଙ୍କ ନିୟନ୍ତ୍ରଣରେ ରହିଥିଲା। କିନ୍ତୁ ଏଠାରେ ଫଲୋଅନ୍ ହେବା ପରେ ୱେଷ୍ଟଇଣ୍ଡିଜ୍ ଦଳ ଲଢୁଆ ବ୍ୟାଟିଂ କରିଥିଲେ। ବିଶେଷକରି ତୃତୀୟ ଦିନ ଖେଳ ଶେଷରେ ବ୍ୟାଟିଂ କରିଥିବା ଜନ୍ କ୍ୟାମ୍ପବେଲ ଓ ସାଇ ହୋପ୍ ଚତୁର୍ଥ ଦିନ ସକାଳେ ମଧ୍ୟ ଭାରତୀୟ ସ୍ପିନ୍ ଓ ପେସ୍ ବୋଲରଙ୍କୁ ସମାନ ଶୈଳୀରେ ମୁକାବିଲା କରିଥିଲେ। ଯାହା ଫଳରେ ଭାରତର ବୋଲରଙ୍କୁ ସଫଳତା ମିଳି ନ ଥିଲା। ଟେଷ୍ଟ ଜୀବନର ପ୍ରଥମ ଶତକ ହାସଲ କରିବା ପରେ ଜନ୍ କ୍ୟାମ୍ପବେଲ ରିଭର୍ସ ସୁଇପ୍ କରିବାକୁ ଯାଇ ରବୀନ୍ଦ୍ର ଜାଡେଜାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେ ୧୯୯ ବଲ୍ ଖେଳି ୧୨ ଚୌକା ଓ ୩ ଛକା ସହ ୧୧୫ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ହୋପ୍‌ଙ୍କୁ ରୋଷ୍ଟୋନ ଚେଜ୍‌ଙ୍କ ରୂପରେ ଜଣେ ଭଲ ପାର୍ଟନର ମିଳିଥିଲା। ଏମାନେ ଚତୁର୍ଥ ୱିକେଟରୁ ୫୯ ରନ୍ ଉଠାଇଥିଲେ। ଏହି ସମୟରେ ଭାରତ ନୂଆ ବଲ୍ ନେଇଥିଲା। ମହମ୍ମଦ୍ ସିରାଜ ନୂଆ ବଲ୍‌ରେ ହୋପଙ୍କୁ ଆଉଟ କରି ତାଙ୍କ ପ୍ରତିରୋଧ ଶେଷ କରିଦେଇଥିଲେ। ୨୧୪ ବଲ୍‌ର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ୧୨ ଚୌକା ଓ ୨ ଛକା ସହ ୧୦୩ ରନ୍‌ରେ ଆଉଟ ହୋଇଥିଲେ ହୋପ୍। ତାଙ୍କ ଆଉଟ ସହ ୱେଷ୍ଟଇଣ୍ଡିଜ୍‌ର ସାମୟିକ ବିପର୍ଯ୍ୟୟ ଘଟିଥିଲା। ଏକଦା ଦଳ ୩ ୱିକେଟରେ ୨୭୧ ରନ୍ କରିଥିଲାବେଳେ ହୋପ୍‌ଙ୍କ ଆଉଟ ପରେ ସ୍କୋର ୯ ୱିକେଟରେ ୩୧୧ ରନ୍‌ରେ ପହଞ୍ଚିଥିଲା। କିନ୍ତୁ ଶେଷ ୱିକେଟରେ ଜଷ୍ଟିନ ଗ୍ରିଭ୍‌ସ ଓ ଜେଡେନ ସିଲ୍ସ ଲଢୁଆ ବ୍ୟାଟିଂ କରି ଭାରତୀୟ ବୋଲରଙ୍କୁ ପୁଣିଥରେ ନିରାଶ କରିଥିଲେ। ଏମାନେ ୨୨ ଓଭର ବ୍ୟାଟିଂ କରି ୭୯ ରନ୍ ଉଠାଇବା ପରେ ଯୋଡି ଭାଙ୍ଗିଥିଲା। ଶେଷ ୩ଟି ୱିକେଟ ନେଇଥିବା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ସିଲ୍ସଙ୍କୁ ୩୨ ରନ୍‌ରେ ଆଉଟ କରି ୱେଷ୍ଟଇଣ୍ଡିଜ୍‌ର ଦ୍ୱିତୀୟ ଇନିଂସଙ୍କ ୩୯୦ ରନ୍‌ରେ ଶେଷ କରିଥିଲେ। ନିମ୍ନ ଭାଗରେ କୁଲଦୀପ ଯାଦବ ୩ଟି ୱିକେଟ ନେଇ ବିପର୍ଯ୍ୟୟ ଘଟାଇଥିଲେ। କିନ୍ତୁ ମହମ୍ମଦ୍ ସିରାଜ ୨ଜଣ ଗୁରୁତ୍ୱପୂର୍ଣ୍ଣ ବ୍ୟାଟରଙ୍କୁ ଆଉଟ କରିଥିଲେ।

କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା କ୍ୟାମ୍ପବେଲ ହୋପ୍ ତୃତୀୟ ୱିକେଟରେ ୨୯୫ ବଲ୍ ଖେଳି ୧୭୭ ରନ୍ କରିବା ଫଳରେ ୱେଷ୍ଟଇଣ୍ଡିଜ୍‌ର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଟେଷ୍ଟ କ୍ରିକେଟରେ କ୍ୟାମ୍ପବେଲ ପ୍ରଥମ ଶତକ ହାସଲ କରିଛନ୍ତି। ସେହିପରି ରେଡ୍‌ବଲ୍ କ୍ରିକେଟରେ ହୋପ୍ ଦୀର୍ଘ ୮ ବର୍ଷ ପରେ ହୋପ୍ ୩ ଅଙ୍କରେ ପହଞ୍ଚିଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରରେ ତୃତୀୟ ଶତକ। ଶେଷଯାଏ ଆଉଟ ହୋଇ ନ ଥିବା ଜଷ୍ଟିନ ଗ୍ରିଭ୍‌ସ ମଧ୍ୟ ୫୦ ରନ୍ କରିଥିଲେ।

#### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ: ୫୧୮/୫, ଘୋଷଣା** (ଜୟସ୍ୱାଲ-୧୭୫, ଗିଲ ଅପରାଜିତ-୧୨୯, ସାଇ ସୁଦର୍ଶନ-୮୭, ୱାରିକାନ୍- ୩/୯୮)।

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୨୪୮, ୮୧.୫ ଓଭର** (ଆଥାନାଜେ-୪୧, ହୋପ୍-୩୬, କୁଲଦୀପ-୫/୪୦, ଜାଡେଜା-୩/୪୬)। (ଫଲୋଅନ୍)

**ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ: ୩୯୦/୧୦, ୧୧୮.୫ ଓଭର** (କ୍ୟାମ୍ପବେଲ-୧୧୫, ହୋପ୍-୧୦୩, ବୁମ୍‌ରା-୩/୪୪, କୁଲଦୀପ-୩/୧୦୪, ସିରାଜ୍-୨/୪୩)।

**ଭାରତ ଦ୍ୱିତୀୟ ଇନିଂସ: ୬୩/୧,୧୮ ଓଭର** (ଜୟସ୍ୱାଲ-୮, ରାହୁଲ-ବ୍ୟାଟିଂ-୨୫, ସାଇ ସୁଦର୍ଶନ-ବ୍ୟାଟିଂ-୩୦, ୱାରିକାନ୍-୧/୧୫)।

### ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ନିର୍ବାଚନ

## ସୁଶାନ୍ତ ସାହୁ ନୂଆ ସମ୍ପାଦକ



**ଭୁବନେଶ୍ୱର,୧୩।୧୦(ସମିସ):** ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ (ଓର୍‌ଫା)ର ଆସନ୍ତା ୪ ବର୍ଷ ଲାଗି ନୂଆ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଏଥିରେ ପ୍ରତ୍ୟେକ ପଦ ଲାଗି ଜଣେ ଲେଖାଏଁ ପ୍ରାର୍ଥୀ ରହିଥିବାରୁ ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର କ୍ରମାଗତ ତୃତୀୟଥର ଲାଗି ସଭାପତି ଦାୟିତ୍ୱ ସମ୍ଭାଳିବେ। ସେହିପରି ପୂର୍ବତନ ଖେଳାଳି ଭୁବନେଶ୍ୱରର ସୁଶାନ୍ତ କୁମାର ସାହୁ ନୂଆ ସମ୍ପାଦକ ହୋଇଛନ୍ତି। ଏହି ପଦରେ ଥିବା ଉପେନ୍ଦ୍ର ମହାନ୍ତି ଉପସଭାପତି ହୋଇଛନ୍ତି। ଶକ୍ତିରଞ୍ଜନ ମହାନ୍ତି କୋଷାଧ୍ୟକ୍ଷ ପଦ ବଜାୟ ରଖିଥିଲାବେଳେ ଦଶରଥପୁର, ଯାଜପୁରର ଭରତ କୁମାର ସାହୁ ନୂଆ ଯୁଗ୍ମ ସମ୍ପାଦକ ହୋଇଛନ୍ତି। ଅବସରପ୍ରାପ୍ତ ବିଚାରପତି ତଥା ନିର୍ବାଚନ ଅଧିକାରୀ ରତିକାନ୍ତ ମହାପାତ୍ର ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନର ସିଇଓ ଅଙ୍କୁଶ ଅରୋରା ଓ ଓଡ଼ିଶା ଅଲିମ୍ପିକ୍ ସଂଘର ଅଜୟ ବେହେରା ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଯୋଗଦେଇଥିଲେ। କ୍ରୀଡ଼ାବିଭାଗର ଓଏସ୍‌ଡି ସନାତନ ସାହୁ ପର୍ଯ୍ୟବେକ୍ଷକ ଓ ଭୁବନେଶ୍ୱର ଦୌଡ଼କୁଦ ସଂଘର ସମ୍ପାଦକ ଏସ୍‌ଆର୍ ପରିଜା ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଉପସ୍ଥିତ ଥିଲେ। ଓର୍‌ଫାର ଆଜୀବନ ସଦସ୍ୟ ଅଶୋକ ମହାନ୍ତି ସ୍ୱାଗତ ଭାଷଣ ଓ ଭରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ବିଶ୍ୱକପ୍: ଦ.ଆଫ୍ରିକାର ହ୍ୟାଟ୍ରିକ ବିଜୟ

**ବିଶାଖାପାଟନମ, ୧୩।୧୦ (ଏଜେନ୍ସି):** ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ହ୍ୟାଟ୍ରିକ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୩ ୱିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରିଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ବାଂଲାଦେଶ ୫୦ ଓଭରରେ ୬ ୱିକେଟ୍ ହରାଇ ୨୩୨ ରନ କରିଥିଲା। ଦଳ ପକ୍ଷରୁ ଶରମିନ ଅଖତର (୫୦) ଓ ଶୋରନା ଅଖତର (୫୧) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପ୍ରତିପକ୍ଷ ବୋଲର ଏନ୍. ମାଲବାଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ୨୩୩ ରନର ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୭୮ ରନ ମଧ୍ୟରେ ୫ ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ମଧ୍ୟକ୍ରମରେ ମାରିଜନେ କାପ୍ପ (୫୬ ରନ) ଓ କ୍ଲୋଏ ଟ୍ରିୟନ (୬୨ ରନ)ଙ୍କ ଅର୍ଦ୍ଧଶତକ ବଳରେ ଦଳ ୩ଟି ବଲ୍ ବଳକା ଥାଇ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ନାଦିନେ ଡି କ୍ଲେର୍କ ୨୯ ବଲରେ ଅପରାଜିତ ୩୭ ରନ କରି ଦଳକୁ ବିଜୟୀ କରାଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ଇଂଲଣ୍ଡଠୁ ହାରିଥିବା ଦକ୍ଷିଣ ଆଫ୍ରିକା କ୍ରମାଗତ ୩ଟି ବିଜୟ ହାସଲ କରି ୬ ପଏଣ୍ଟ ସହ ତୃତୀୟ ସ୍ଥାନକୁ ଉଠିଛି।

**ଆଜିର ମ୍ୟାଚ୍**
ଶ୍ରୀଲଙ୍କା- ନ୍ୟୁଜିଲାଣ୍ଡ
ଆରମ୍ଭ: ଅପରାହ୍ଣ ୩ଟା
ସ୍ଥାନ: କଲମ୍ବୋ

### ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍ | କ୍ୱାର୍ଟର ଫାଇନାଲ୍‌ରୁ ଭାରତର ବିଦାୟ

**ଭୁବନେଶ୍ୱର,୧୩।୧୦(ସମିସ):** ଆୟୋଜକ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛି। ପ୍ରଥମେ ପୁରୁଷ ଦଳ ଗତକାଲି ୩-୦ରେ ହଂକଂଠାରୁ ହାରିବା ପରେ ଆଜି ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ମହିଳା ଦଳ ଲଢ଼େଇ କରିଥିଲେ ମଧ୍ୟ ୨-୩ ବ୍ୟବଧାନରେ ସିଙ୍ଗାପୁର ନିକଟରୁ ହାରିଯାଇଥିଲା। ଏହା ଫଳରେ ଗତ ଦୁଇଟି ସଂସ୍କରଣରେ ପଦକ ଜିତିଥିବା ଭାରତ ଏଠାରେ ଖାଲି ହାତରେ ରହିଛି। ଏହି ମୁକାବିଲା ପରେ ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ମହିଳା ବିଭାଗ ଫାଇନାଲରେ ଚୀନ୍ ସହ ଦକ୍ଷିଣ କୋରିଆ ଏବଂ ଜାପାନ ସହ ସିଙ୍ଗାପୁରର ମୁକାବିଲା ହେବ। ସେହିପରି ପୁରୁଷ ବିଭାଗରେ ଚୀନ୍ ସହ ଜାପାନ, ଚାଇନିଜ୍ ତାଇପେଇ ସହ ହଂକଂ ଚାଇନା ସେମିଫାଇନାଲରେ ପରସ୍ପର ସହ ମୁକାବିଲା କରିବେ। ମହିଳା ବିଭାଗରେ ଆଜି ଭାରତ ପକ୍ଷରୁ କେବଳ ମନିକା ବତ୍ରା ଓ ଯଶସ୍ୱୀନି ଘୋରପଡ଼େ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଥିଲେ। ମନିକା ଗୋଟିଏ ଓ ଦିୟା ଚିତାଲେ ୨ଟି ଯାକ ମୁକାବିଲାରେ ପରାଜିତ ହୋଇଥିଲେ। ଦିୟା ୨ଥର ବିଜୟ ହାତଛଡ଼ା କରିଥିଲେ।



## ସୂର୍ଯ୍ୟବଂଶୀ ଉପ-ଅଧିନାୟକ

**ପାଟନା, ୧୩।୧୦ (ଏଜେନ୍ସି):** ଆଉ ଦିନକ ପରେ ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫି ଆରମ୍ଭ ହେବ। ଏଥିଲାଗି ଶାକିବୁଲ୍ ଘାନିଙ୍କ ନେତୃତ୍ୱରେ ୧୫ ଜଣିଆ ବିହାର ଦଳ ଘୋଷଣା କରାଯାଇଛି। ସେହିଭଳି ୧୪ ବର୍ଷୀୟ ଯୁବ ବ୍ୟାଟିଂ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କୁ ଦଳର ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ପ୍ଲେଟ୍ ଡିଭିଜନରେ ସ୍ଥାନ ପାଇଥିବା ବିହାର ଅକ୍ଟୋବର ୧୫ରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

### ● ବିନୁ ମଙ୍କଡ଼ ଟ୍ରଫି

## ବିଦର୍ଭକୁ ହରାଇଲା ଓଡ଼ିଶା



**କଟକ,୧୩।୧୦(ସମିସ):** ବିନୁ ମଙ୍କଡ଼ ଟ୍ରଫିର ପ୍ରଥମ ମୁକାବିଲାରେ ପରାସ୍ତ ପରେ ଲଗାତର ଦୁଇଟି ମ୍ୟାଚ୍ ଜିତି ଓଡ଼ିଶା ଏଲିଟ ଗ୍ରୁପ-ଏ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ସୋମବାର ଓଡ଼ିଶା ୭୪ ରନରେ ବିଦର୍ଭକୁ ହରାଇଛି। ହରିୟାଣାର ଗୁରୁଗ୍ରାମ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ବିଦର୍ଭ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ସୁଯୋଗ ଦେଇଥିଲା। ଦଳ ସମସ୍ତ ୱିକେଟ ହରାଇ ୨୧୮ ରନ କରିଥିଲା। ଓଡ଼ିଶା ପକ୍ଷରୁ ରୁଦ୍ର ପ୍ରସାଦ ମଲ୍ଲିକ ସର୍ବାଧିକ ୩୯, ବିଶ୍ୱଜିତ ପ୍ରଧାନ ୩୧ ରନ କରିଥିଲେ। ବିଦର୍ଭର ହିମାଂଶୁ କୱାଲେ ଏବଂ ଓମ୍ ଧୋତ୍ରେ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୨୧୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ବିଦର୍ଭର ଇନିଂସ୍ ୧୪୪ ରନରେ ସୀମିତ ରହିଥିଲା। ସୟଦ ଟି ଅହମ୍ମଦ ଏବଂ ପିୟୂଷ ରଞ୍ଜନ ମନ୍ତ୍ରୀ ଯଥାକ୍ରମେ ୪ଟି ଓ ୩ଟି ୱିକେଟ ଅକ୍ତିଆର କରିଥିଲେ। ଆସନ୍ତା ୧୫ ତାରିଖରେ ଓଡ଼ିଶା ୪ର୍ଥ ଲିଗ୍‌ରେ ଗୋଆକୁ ଭେଟିବ।

### ■ ସିନିଅର ମହିଳା ଟି-୨୦

## ଓଡ଼ିଶାର କ୍ରମାଗତ ୪ର୍ଥ ପରାଜୟ

**କଟକ,୧୩।୧୦(ସମିସ):** ବିସିସିଆଇ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ସିନିଅର ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା ଲଗାତର ୪ର୍ଥ ପରାଜୟର ସମ୍ମୁଖୀନ ହୋଇଛି। ଏ ପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖି ପାରି ନ ଥିବା ଓଡ଼ିଶା ଗ୍ରୁପ-ସି ପଏଣ୍ଟ ଟେବଲର ୮ମ ସ୍ଥାନରେ ରହିଥିବାବେଳେ କ୍ୱାର୍ଟର ଆଶା କ୍ଷୀଣ ହେବାରେ ଲାଗିଛି। ଆଜି ଗ୍ୱାଲିୟରରେ ଆନ୍ଧ୍ରପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ତନ୍ମୟୀ ବେହେରାଙ୍କ ୪୪, ମାଧୁରୀ ମେହଟାଙ୍କ ୨୬ ରନ ସହାୟତାରେ ଦଳ ୮ ୱିକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲା। ଜବାବରେ ୬ ୱିକେଟ ହରାଇ ଅନ୍ତିମ ବଲରେ ଆନ୍ଧ୍ର ବିଜୟୀ ହୋଇଥିଲା। ଅଧିନାୟିକା ମେଘନା ୫୬ ଓ ଅନୁଷା ୨୧ ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଓଡ଼ିଶା ପକ୍ଷରୁ ଜ୍ୟୋତି କେ ପ୍ରସାଦ ୨ଟି ୱିକେଟ ହାସଲ କରିଥିଲେ।

### ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ

## ସ୍ୱର୍ଣ୍ଣ ସହ ପ୍ରତୀକଙ୍କୁ ବିଶ୍ୱ ଯୋଗ୍ୟତା

ଭୁବନେଶ୍ୱର, ୧୩।୧୦ (ସମିସ)

ଘରୋଇ ଓଡ଼ିଶାର ଯୁବ ଧାବକ ପ୍ରତୀକ ମହାରଣା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୪୦ତମ ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପ୍ରତିଯୋଗିତାର ୪ର୍ଥ ଦିବସରେ ସୋମବାର ପ୍ରତୀକ ୨୦ ବର୍ଷରୁ କମ୍ ପୁରୁଷ ୨୦୦ ମିଟର ରେସରେ ଏହି ସଫଳତା ପାଇଥିଲେ। ପ୍ରତୀକ ଏହି ଦୂରତାକୁ ୨୧.୨୪ ସେକେଣ୍ଡରେ ଫିନିଶ କରି ପୋଡିୟମର ଶୀର୍ଷରେ ରହିବା ସହ ଆଗାମୀ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ (୨୦ ବର୍ଷରୁ କମ୍)କୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା ମଧ୍ୟ ନୂଆ ମିଟ୍ ରେକର୍ଡ ହୋଇଛି। ସେହିଭଳି ଏହି ରେସରେ ପଞ୍ଜାବର ଯଶଜିତ୍ ସିଂହ ଢିଲନ (୨୧.୨୬ ସେକେଣ୍ଡ) ଓ ମହାରାଷ୍ଟ୍ରର ଅର୍ନବ ତକଲକର (୨୧.୬୫ ସେକେଣ୍ଡ) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ପ୍ରତିଯୋଗିତାରେ ପ୍ରତୀକଙ୍କ ଏହା ୨ୟ ପଦକ। ପୂର୍ବରୁ ସେ ୧୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ।



### ସଟ୍‌ପୁଟ୍‌ରେ ଓମକାରଙ୍କୁ କାଂସ୍ୟ



ସେହିଭଳି ଆଉ ଜଣେ ଓଡ଼ିଆ ଆଥ୍‌ଲେଟ୍ ମଧ୍ୟ ସୋମବାର ପଦକ ସଫଳତା ପାଇଛନ୍ତି। ସେ ହେଲେ ଓମ୍‌କାର ପ୍ରସାଦ ନନ୍ଦ। ୨୦ ବର୍ଷରୁ କମ୍ ପୁରୁଷ ସଟ୍‌ପୁଟ୍‌ରେ ଓମ୍‌କାର ୧୮.୨୪ ମିଟର ଫିଙ୍ଗି ୩ୟ ସ୍ଥାନରେ ରହିଥିଲେ। ଏଥିରେ ତେଲଙ୍ଗାନାର ସାଇକ୍ରିଷ୍ଣା (୧୮.୪୨ମି) ଓ ଉତ୍ତରପ୍ରଦେଶର ଅନୁଜ କୁମାର (୧୮.୩୧ମି) ଯଥାକ୍ରମେ ପୋଡିୟମର ପ୍ରଥମ ଓ ୨ୟ ସ୍ଥାନରେ ରହିଥିଲେ। ମଙ୍ଗଳବାର ଏହି ଚାମ୍ପିଅନସିପ୍ ଉଦ୍‌ଯାପିତ ହେବ। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ଜିତିସାରିଛି।

## ଓଡ଼ିଶା ସିନିଅର ଗେଟ୍‌ବଲ ଚାମ୍ପିଅନ




**ଭୁବନେଶ୍ୱର,୧୩।୧୦(ସମିସ):** ଓଡ଼ିଶା ୧୮ତମ ଜାତୀୟ ସିନିଅର ଗେଟ୍‌ବଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ମଧ୍ୟପ୍ରଦେଶ ରୌପ୍ୟ ଓ ବିହାରକୁ କାଂସ୍ୟ ପଦକ ମିଳିଛି। ଡବଲ ଇଭେଣ୍ଟରେ ଶିବରାମ ସ୍ୱାଇଁ ଓ ମହମ୍ମଦ୍ ଅମନ ବିଜୟୀ ହୋଇଛନ୍ତି। ମହିଳା ବିଭାଗରେ ଡବଲ୍ସ ଇଭେଣ୍ଟ ଖେଳାଯାଇଥିଲା। ଏଥିରେ ମହାରାଷ୍ଟ୍ର ଯୋଡିକୁ ସ୍ୱର୍ଣ୍ଣ ଏବଂ ଓଡ଼ିଶାର ନମ୍ରତା କର୍ଣ୍ଣାଲ ଓ ତମନ୍ନା ରାୟ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଗେଟ୍‌ବଲ ଫେଡେରେସନର ସମ୍ପାଦକ ପରଭିନ ମାମେଣ୍ଟକର ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ସଫଳତା ଲାଗି ଓଡ଼ିଶା ଗେଟ୍‌ବଲ ସଂଘ ସମ୍ପାଦକ ମହମ୍ମଦ୍ ଆଜମ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS